୬୯ତମ ବର୍ଷ | ୨୪ ଏପ୍ରିଲ, ୨୦୨୬ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

୬୯ତମ ବର୍ଷ    ୨୪ ଏପ୍ରିଲ, ୨୦୨୬    ଦ୍ୱିତୀୟ ସଂଖ୍ୟା

उद् वयं तमसस्परि ज्योतिष्पश्यन्त उत्तरम्।
देवं देवत्रा सूर्यमगन्म ज्योतिरुत्तमम्।। ऋग्वेदः १. ५०. १०

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୨୬]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୬ |
| ଚେତନା ଓ ଅମରତ୍ୱ | ... | ଶ୍ରୀଅରବିନ୍ଦ | ... | ୯ |
| ନୂତନ ଚେତନାର ଆବଶ୍ୟକତା | ... | ଶ୍ରୀମା | ... | ୧୦ |
| କର୍ମ, ଧ୍ୟାନ ଓ ଭକ୍ତି | ... | ଶ୍ରୀଅରବିନ୍ଦ | ... | ୧୨ |
| ଚେତନାର ଅଧୋଗତି | ... | ଶ୍ରୀମା | ... | ୧୩ |
| ଧମ୍ମପଦ (୧୪) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୫ |
| ଜନ୍ମଦିନର ବାର୍ତ୍ତା | ... | ... | ... | ୨୧ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୫ |
| ଦିବ୍ୟ-ହସ୍ତକ୍ଷେପ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୦ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ସପ୍ତମ ସୂକ୍ତ, ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ... | ୩୨ |
| ସଚେତ ଅଚେତନା (କବିତା) | ... | ଶ୍ରୀଅରବିନ୍ଦ | ... | ୩୬ |
| ଆଧାରଶୁଦ୍ଧି ଓ ଅବଚେତନା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୩୭ |
| 'ସିଦ୍ଧି'ର ବିଡ଼ମ୍ବନା (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ... | ୪୧ |
| ସୂର୍ଯ୍ୟଦୀପ୍ତ ପଥ | ... | ଶ୍ରୀ ପ୍ରପତ୍ତି | ... | ୪୬ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଶ୍ରୀମଦ୍‌ଭଗବଦ୍‌ଗୀତା (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ) | ... | ... | ... | ୪୯ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ପୃଥିବୀର ସ୍ମୃତି-ଭଣ୍ଡାରରେ ପ୍ରବେଶ (ଶ୍ରୀମା'ଙ୍କ ସହ ଏକ କଥୋପକଥନ) | ... | ... | ... | ୫୪ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ନିଜକୁ ନିରୀକ୍ଷଣ କରିବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୭ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

# ପ୍ରାର୍ଥନା

ତୁମେହିଁ ଚେତନା ଏବଂ ଆଲୋକ, ସବୁକିଛିର ଗଭୀରରେ ତୁମେହିଁ ଶାନ୍ତି, ନବରୂପାୟନକାରୀ ଦିବ୍ୟପ୍ରେମ, ଅନ୍ଧକାର ଉପରେ ବିଜୟକ୍ଷମ ଜ୍ଞାନ । ତୁମକୁ ଅନୁଭବ କରିବା ପାଇଁ ଏବଂ ତୁମ ଦିଗରେ ଆସ୍ପୃହା ପୋଷଣ କରିବା ପାଇଁ ଜଣେ ଅବଚେତନାର ବିଶାଳ ସମୁଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବା ଲୋଡ଼ା, ଜଣେ ନିଜେ ସୁସଂଗଠିତ ହେବାକୁ ଆରମ୍ଭ କରିଥିବା ଲୋଡ଼ା, ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱସମ୍ପନ୍ନ ହେବା ଲୋଡ଼ା, ଯାହା ଫଳରେ ସେ ନିଜକୁ ଜାଣିବ ଏବଂ ନିଜକୁ ଦେଇଦେବ – ଯେମିତିକି ନିଜ ଅଧିକାରଭୁକ୍ତ ବସ୍ତୁକୁହିଁ ଜଣେ ଦେଇ ଦେଇପାରେ । ଆଉ ଏହି ଆତ୍ମ-ସୁସଂଗଠନ ପାଇଁ, ପରିବେଶର ଅନିର୍ଦ୍ଦିଷ୍ଟ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ପାଇଁ କେତେ ପ୍ରୟାସ ଓ ସଂଗ୍ରାମ ଲୋଡ଼ା ହୁଏ ସତେ ! ଏବଂ ଥରେ ବ୍ୟକ୍ତିତ୍ୱ ସୁସଂଗଠିତ ହୋଇଯିବା ଅନ୍ତେ ନିଜକୁ ଦେଇ ଦେବାକୁ, ସମର୍ପଣ କରିବାକୁ ଆହୁରି କେତେ ପ୍ରୟାସ ଓ ସଂଗ୍ରାମ ଲୋଡ଼ା ହୁଏ !

ଅଳ୍ପ ସଂଖ୍ୟକ ଲୋକହିଁ ସ୍ୱେଚ୍ଛାକ୍ରମେ ଏହି ପ୍ରୟାସ କରିବାକୁ ସମ୍ମତ ହୁଅନ୍ତି; ଅତଏବ ଜୀବନ ତା'ର ନିର୍ମମ ଅପ୍ରତ୍ୟାଶିତ ଘଟଣାବଳି ଭିତର ଦେଇ ମଣିଷଙ୍କୁ ଅନଭିପ୍ରେତ ଭାବେ ଏହା କରିବାକୁ ବାଧ୍ୟ କରେ, କାରଣ ଅନ୍ୟଥା ସେମାନେ ଏହା କରିପାରିବେ ନାହିଁ । ଏବଂ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଅଳ୍ପ ଅଳ୍ପ ମାତ୍ରାରେ ତୁମ କାର୍ଯ୍ୟ ହୁଏ ସମାହିତ ।

(ଧ୍ୟାନ ଓ ପ୍ରାର୍ଥନା, ମାର୍ଚ୍ଚ ୨୦, ୧୯୧୪) — ଶ୍ରୀମା ❖



# ଶ୍ରୀଅରବିନ୍ଦଙ୍କ ବାଣୀ

No path of yoga is so easy and to imagine that by leaving the world and plunging inside oneself one automatically shuffles off the vital and external nature is an illusion. If I ask you to develope equanimity and egolessness by work done with opening to the Divine, it is because it is so that I did it and it is so that it can best be done and not by retiring into oneself and shutting oneself away from all that can disturb equanimity and excite the ego.

(CWSA, Vol. 35, p. 262) – Sri Aurobindo

ଯୋଗର କୌଣସି ପଥ ଏତେ ସହଜ ନୁହେଁ ଏବଂ କେହି ଯଦି ଏପରି କଳ୍ପନା କରେ ଯେ ପୃଥିବୀକୁ ପରିତ୍ୟାଗ କରି ନିଜ ଭିତରେ ନିମଗ୍ନ ହୋଇଯିବା ଦ୍ୱାରା ଆପଣାଛାଏଁ ପ୍ରାଣ ଓ ବାହ୍ୟ ପ୍ରକୃତିକୁ ଜଣେ ଏଡ଼ାଇ ଯାଇପାରିବ ତେବେ ତାହା ଏକ ଭ୍ରମ । ମୁଁ ଯଦି ତୁମକୁ ଭଗବାନଙ୍କ ପ୍ରତି ନିଜକୁ ଖୋଲିଦେଇ କର୍ମ କରିବା ଦ୍ୱାରା ସମତା ଓ ଅହଂଶୂନ୍ୟତାର ବିକାଶ-ସାଧନ ପାଇଁ କହୁଥାଏ, ତାହାର କାରଣ ହେଉଛି ମୁଁ ନିଜେ ତାହାହିଁ କରିଥିଲି ଓ ସେହି ବାଟରେହିଁ ଏହା ସର୍ବୋତ୍ତମ ଭାବରେ ସମ୍ପନ୍ନ ହୋଇଥାଏ । ଏବଂ ନିଜ ଭିତରକୁ ନିଜକୁ ପ୍ରତ୍ୟାହାର କରିନେଇ ଯାହା କିଛି ସମତାରେ ବାଧା ଉପୁଜାଇପାରେ ଓ ଅହଂକୁ ଉତ୍ତେଜିତ କରିପାରେ ସେସବୁଥିରୁ ନିଜକୁ ଦୂରେଇ ନିବୁଜ କରି ରଖିବା ଏଥିପାଇଁ ବାଟ ନୁହେଁ ।

— ଶ୍ରୀଅରବିନ୍ଦ



# ଚେତନା ଓ ଅମରତ୍ୱ

## ଶ୍ରୀଅରବିନ୍ଦ

ଆମର ଅସ୍ତିତ୍ୱ ଏପରି କୌଣସି ନିଶ୍ଚେତନ ଯାନ୍ତ୍ରିକ ଶକ୍ତିର ଏକ ଉଦ୍ଭଟ ଖିଆଲ ନୁହେଁ ଯାହାକି ଅକସ୍ମାତ୍ ଝୁଣ୍ଟି ପଡ଼ିବା ପରି ଚେତନା ଭିତରକୁ ପ୍ରବେଶ କରିଛି ବା ଏହା ଏକ ଶୂନ୍ୟ ଅନସ୍ତି (କିଛି ନାହିଁ)ର କେବଳ ବାହ୍ୟ ଉପରିଭାଗରେ ହେଉଥିବା ବ୍ୟାଖ୍ୟା ରହିତ କ୍ରିୟାକଳାପ ନୁହେଁ ବା ଏହା ଏକ ଅନୁଭୂତିହୀନ ନିଷ୍କ୍ରିୟ ଅନନ୍ତ ନୁହେଁ । ଆମ ଜୀବନର ଏକ ଅର୍ଥ ବା ଏକ ତାତ୍ପର୍ଯ୍ୟ ରହିଛି, ଏହା ଏକ ଆଧାତ୍ମିକ-ପରିଣତି ଦିଗରେ ଆଗେଇ ଚାଲିଛି, ଏକ ଶାଶ୍ୱତର ପ୍ରବେଗକୁ ପରିପୂରଣ କରି ଚାଲିଛି ।

ଅମରତ୍ୱହିଁ ହେଉଛି ଆମ ସତ୍ତାର ସ୍ୱଭାବ; ଜନ୍ମ ଓ ମୃତ୍ୟୁ ହେଉଛି ଆମର ସେହି ଅମରତ୍ୱର ଏକ ଗତିବୃତ୍ତି ଓ ଘଟଣା ମାତ୍ର । ଜନ୍ମ ହେଉଛି ଆତ୍ମାର ଏକ ଶରୀର ଗ୍ରହଣ, ମୃତ୍ୟୁ ହେଉଛି ସେହି ଶରୀରର ପରିତ୍ୟାଗ; ଏହି ଜନ୍ମଗ୍ରହଣରେ କୌଣସି ମୌଳିକତା ନାହିଁ ବା ଏହି ମୃତ୍ୟୁରେ କୌଣସି ଶେଷ ସମାପ୍ତି ନାହିଁ । ଜନ୍ମ ପୂର୍ବରୁ ଆମେ ରହିଥିଲୁ; ମୃତ୍ୟୁ ପରେ ଆମେ ରହିବୁ । ଆମ ଜନ୍ମ ଓ ମୃତ୍ୟୁ କୌଣସି ଧାରାବାହିକ ଅର୍ଥ ବା ପରିଣତି ନଥିବା କେବଳ ଗୋଟିଏ ମାତ୍ର ବୃତ୍ତାନ୍ତ ବା ଉପାଖ୍ୟାନ ନୁହେଁ, ବହୁ ଉପାଖ୍ୟାନମାନଙ୍କ ଭିତରୁ ଏହା ମାତ୍ର ଗୋଟିଏ ଉପାଖ୍ୟାନ; କାଳଗର୍ଭରେ କାହିଁ କେତେ ଦୂରରେ ଶେଷ ପରିଣତି ରହିଥିବା ଆମ ଅସ୍ତିତ୍ୱ ନାଟକର ବହୁ ଦୃଶ୍ୟମାନଙ୍କ ମଧ୍ୟରୁ ଏହା ମାତ୍ର ଗୋଟିଏ ଦୃଶ୍ୟ ।

*

ସବୁକିଛି ନିର୍ଭର କରେ ଚେତନା ଉପରେ । ସମଗ୍ର ବିଶ୍ୱ-ଅସ୍ତିତ୍ୱ ହେଉଛି ଏକ ରୂପ ବା ଗଢ଼ଣ ଯାହା ଚେତନା ଦ୍ୱାରା ସୃଷ୍ଟ ହୋଇଛି, ଚେତନା ଦ୍ୱାରା ଧାରଣ କରାହୋଇ ରହିଛି ଓ ଚେତନା ଦ୍ୱାରାହିଁ ନିର୍ଦ୍ଧାରିତ ହୋଇ ରହିଛି । ଯାହାକିଛି ରହିଛି ସବୁହିଁ କେବଳ ଚେତନା, ସେହି ଚେତନା କେଉଁଠି ଆବୃତ ବା କେଉଁଠି ଅନାବୃତ, କେଉଁଠି ନିଜର ଉପାଦାନସବୁକୁ ଅଭିବ୍ୟକ୍ତ କରୁଛି ବା କେଉଁଠି ଲୁକ୍କାୟିତ ଓ ଗୋପନ ରଖୁଛି । ସବୁକିଛି ଚେତନାର ଶକ୍ତି ଯାହାକି ମନ, ପ୍ରାଣ ଓ ଜଡ଼ର ନାନା ଗତିବୃତ୍ତିର ଆବରଣ ପିନ୍ଧିଥାଏ ଏବଂ ଏପରି ନାନା ରୂପ ଗ୍ରହଣ କରିଥାଏ ଯାହାକି କେବଳ ସେହି ଶକ୍ତିରହିଁ ବିଭିନ୍ନ ଗତି ମାତ୍ର ଓ ନାନାବିଧ ରୂପ ଓ ଆକୃତି ଭିତରେ ଆପାତ ଦୃଷ୍ଟି ପାଇଁ ତାହା ଏକ ସ୍ଥିର ରୂପ ଗ୍ରହଣ କରିଥିଲେ ମଧ ପ୍ରକୃତରେ ତାହା ସର୍ବଦା ଗତିଶୀଳ ହୋଇହିଁ ରହିଥାଏ । କାରଣ ଯେଉଁ ଚେତନା ଏହି ରୂପ ଓ ଆକୃତିସବୁକୁ ଗଠନ କରିଛି ତାହା ସବୁ ସମୟରେ ଏକ ସକ୍ରିୟ ଗତିଶୀଳତା ଭିତରେହିଁ ରହିଥାଏ । ନିଜକୁ ପୁନରାବର୍ତ୍ତିତ କରୁଥିବା ଓ ନିରବଚ୍ଛିନ୍ନ ଭାବେ ନିଜକୁ ବ୍ୟକ୍ତ କରୁଥିବା ଏହି ବିରାମହୀନ ଅବିଶ୍ରାନ୍ତ ଗତି ଓ କ୍ରିୟାଶୀଳତାର ଦୃଶ୍ୟମାନ ଛନ୍ଦ ଓ ଆତ୍ମ-ପରିଣତିକୁହିଁ ଆମେ ରୂପ ବା ଆକୃତି ବୋଲି କହୁ । ଏହାକୁ ଗଠନ କରୁଥିବା ଶକ୍ତିକୁ ଏଥିରୁ କାଢ଼ି ବିଚ୍ଛୁରିତ କରିଦିଅ, ତା'ହେଲେ ସେହି ରୂପ ବା ଆକୃତିଟି ଲୋପ ପାଇଯିବ । ସେହି ଚେତନାକୁ ପ୍ରତ୍ୟାହାର କରି ନିଅ ଯାହା ନିଜକୁ ଶକ୍ତି ଆକାରରେ ଏଥିରେ ପ୍ରକାଶ କରିଥିଲା, ତା'ହେଲେ ସେହି ଶକ୍ତି ଆଉ ଏଥିରେ ଏହାକୁ ଧରି ରଖିଥିବା ନିଜର ଛନ୍ଦକୁ ବଜାୟ ରଖିପାରିବ ନାହିଁ; ତେଣୁ ତାହା ବିକ୍ଷିପ୍ତ ଓ ବିଚ୍ଛୁରିତ ହୋଇଯିବ, ସେହି ରୂପ ବା ଆକୃତିଟିର ବିଲୋପ ଘଟିବ । ଆମେ ଯଦି ଆମ ଭିତରେ କ୍ରିୟାଶୀଳ ସେହି ଚେତନାର ଶକ୍ତିକୁ ଏପରି ଘନ ଓ ନିବିଡ଼ କରିପାରୁ, ଯାହାଫଳରେ ସେହି ଶକ୍ତି ନିଜର ଛନ୍ଦରେ ନିଜକୁ ନିରନ୍ତର ପୁନରାବୃତ୍ତ, ଧାରାବାହିକ ବିଶାଳତର ତଥା ଅଗ୍ରଗତିଶୀଳ କରିପାରୁଥିବ, ତା'ହେଲେ ସେହି ରୂପ ବା ଗଢ଼ଣ ପରିବର୍ତ୍ତିତ ହୋଇପାରେ କିନ୍ତୁ ତାହାର ବିଲୋପ ଘଟିବାର କୌଣସି ଆବଶ୍ୟକତା ରହିବ ନାହିଁ, ଏପରିକି ଶାରୀରିକ ଭାବେ ଆମେ ଅମରତ୍ୱ ଲାଭ କରିବା ପାଇଁ ସମର୍ଥ ହୋଇପାରିବୁ ।

(Bulletin, Nov. 2004, p. 42)

# ନୂତନ ଚେତନାର ଆବଶ୍ୟକତା

## ଶ୍ରୀମା

ଏହା ସ୍ପଷ୍ଟ ମନେହୁଏ ଯେ ମଣିଷ ସମାଜ ସାଧାରଣ ଚାପ (tension) ର ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଆସି ପହଞ୍ଚିଛି – ପ୍ରଚେଷ୍ଟାରେ ଚାପ, କାର୍ଯ୍ୟରେ ଚାପ, ଏପରିକି ଦୈନନ୍ଦିନ ଜୀବନରେ ବି ଚାପ – ଏ ପ୍ରକାର ଅତ୍ୟଧିକ ଅପରିମିତ କାର୍ଯ୍ୟକଳାପ, ଏମିତି ଏକ ବହୁବ୍ୟାପକ ବିଦ୍ରୋହ ଦେଖି ମନେହୁଏ ଯେ ସମଗ୍ର ମାନବଜାତି ଏପରି ଏକ ସ୍ଥାନରେ ଆସି ପହଞ୍ଚିଛି ଯେଉଁଠାରେ ହୁଏତ ତାକୁ ଏହି ପ୍ରତିବନ୍ଧକକୁ ଭାଙ୍ଗି ନୂତନ ଚେତନା ଭିତରେ ପ୍ରବେଶ କରିବାକୁ ପଡ଼ିବ ଅଥବା ଅନ୍ଧକାର ଓ ତାମସିକତାର ଗହ୍ୱର ମଧ୍ୟରେ ନିପତିତ ହେବାକୁ ହେବ ।

ଏହି ଚାପ ଏତେ ସମ୍ପୂର୍ଣ୍ଣ ଓ ଏତେ ବହୁବ୍ୟାପକ ଯେ କିଛି ଗୋଟିଏକୁ ସ୍ପଷ୍ଟଭାବେ ଭାଙ୍ଗିବାକୁ ହେବ । ଏହା ଆଉ ଏପରିଭାବେ ବେଶୀ ବାଟ ଆଗେଇ ଯାଇପାରିବ ନାହିଁ । ବସ୍ତୁ ମଧ୍ୟରେ ଶକ୍ତି, ଚେତନା ଓ କ୍ଷମତାର ଏକ ନୂତନ ମୂଳତତ୍ତ୍ୱର ଅନୁପ୍ରବେଶ ହେଉଛି ବୋଲି ଏହାକୁ ଆମେ ନିଃସଂଶୟ ସଂକେତ ରୂପେ ଗ୍ରହଣ କରିପାରୁ ଯାହାକି ତା'ର ପ୍ରଭାବରେ ହିଁ ଶଙ୍କାଜନକ ପରିସ୍ଥିତି ଉଦ୍ରେକ କରୁଛି । ବାହ୍ୟତଃ, ପ୍ରକୃତି ଯେତେବେଳେ ବୈପ୍ଳବିକ ପରିବର୍ତ୍ତନ ଘଟାଇବା ଲାଗି ଇଚ୍ଛା କରେ ସେତେବେଳେ ଆମେମାନେ ଆଶା କରିପାରୁ ଯେ ତାହା ପୁରାତନ ପଦ୍ଧତିଗୁଡ଼ିକୁ ଉପଯୋଗ କରନ୍ତା; କିନ୍ତୁ ଏଠାରେ ଏକ ନୂତନ ଲକ୍ଷଣ ଦେଖା ଯାଉଛି, ଯାହା ପ୍ରକୃତରେ କେବଳ ସମାଜର ବିଶିଷ୍ଟ ବ୍ୟକ୍ତି(elite)ମାନଙ୍କ ମଧ୍ୟରେ ପରିଲକ୍ଷିତ । ଅଥଚ ଏମିତିକି ଏହି ପ୍ରତିଷ୍ଠିତ ବ୍ୟକ୍ତିଗଣ ଚାରିଆଡ଼େ ବ୍ୟାପୀ ଯାଇଛନ୍ତି – ଏମାନେ କୌଣସି ଗୋଟିଏ ସ୍ଥାନରେ, ପୃଥିବୀର ଗୋଟିଏ କୋଣରେ ରହି ନାହାନ୍ତି; ସବୁ ଦେଶରେ, ପୃଥିବୀର ସବୁ ଜାଗାରେ ଏହାର ଆଭାସ ଆମେମାନେ ଦେଖୁ : ଏକ ନୂତନ, ଉଚ୍ଚତର, ପ୍ରଗତିଶୀଳ ସମାଧାନ ଲାଗି ଇଚ୍ଛା, ଏକ ବିଶାଳତର, ଅଧିକ ହୃଦ୍‌ବୋଧକାରୀ ପୂର୍ଣ୍ଣତାକୁ ଉନ୍ନୀତ ହେବା ଦିଗରେ ଏକ ପ୍ରଚେଷ୍ଟା । ...

### ଶକ୍ତିରାଜିର ସଂଘର୍ଷ

ଏକ ପୂର୍ଣ୍ଣତର ଓ ଦିବ୍ୟ-ଉପଲବ୍‌ଧି ଲାଗି ଊର୍ଦ୍ଧ୍ୱଗାମୀ କ୍ରମବିକାଶର ନିର୍ମାଣକାରୀ ଶକ୍ତି ଏବଂ ନିୟନ୍ତ୍ରଣାତୀତ ପ୍ରମତ୍ତ, ପ୍ରବଳ ଧ୍ୱଂସକାରୀ ଶକ୍ତି ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଅଧିକରୁ ଅଧିକ ସ୍ପଷ୍ଟ, ଚିହ୍ନଟ ଓ ଦୃଷ୍ଟିଗୋଚର ହୋଇ ଉଠିଛି । ଏବଂ କେଉଁ ଶକ୍ତି ଯେ ପ୍ରଥମେ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବ, ତାହା ଦେଖିବାକୁ ଗଲେ ଏକ ପ୍ରକାର ଦୌଡ଼ ପ୍ରତିଦ୍ୱନ୍ଦ୍ୱିତା ବା ବିବାଦ ହୋଇଯାଇଛି । ମନେହେବ ଯେପରି ସକଳ ବିରୋଧୀ, ଆସୁରିକ, ପ୍ରାଣିକ ଶକ୍ତିରାଜି ପୃଥିବୀ ଉପରେ ଅବତରଣ କରିଛନ୍ତି, ଏଇ ଜଗତକୁ ସେମାନଙ୍କର କର୍ମକ୍ଷେତ୍ର ଭାବେ ଉପଯୋଗ କରୁଛନ୍ତି ଏବଂ ଠିକ୍ ସେହି ସମୟରେ ଏକ ନୂତନ, ଉଚ୍ଚତର, ଅଧିକ ଶକ୍ତିଶାଳୀ ଆଧ୍ୟାତ୍ମିକ ଶକ୍ତି ମଧ୍ୟ ପୃଥିବୀ ବକ୍ଷରେ ନବଜୀବନ ବହନ କରି ଆଣିବା ଲାଗି ଓହରି ଆସିଛି । ଏହାହିଁ ସଂଘର୍ଷକୁ ଅଧିକ ତୀବ୍ର, ଅଧିକ ପ୍ରବଳ ଓ ଅଧିକ ସୁଦୃଷ୍ଟ କରିଛି । କିନ୍ତୁ ଏକଥା ବି ମନେହୁଏ ଯେ ଏହି ସଂଘର୍ଷ ହେଉଛି ଚୂଡ଼ାନ୍ତ ଏବଂ ସେଥିପାଇଁ ଏହାର ଏକ ତୁରନ୍ତ ନିଷ୍ପତ୍ତିରେ ପହଞ୍ଚିବାକୁ ଆମେମାନେ ଆଶା କରିପାରୁ ।

### ପୁରାତନ ଓ ନୂତନ ଆଧ୍ୟାତ୍ମିକତା

ଏତେ ବେଶୀ ପୁରୁଣା ନୁହେଁ, ଗୋଟିଏ ସମୟ ଥିଲା, ଯେତେବେଳେ ଜୀବନ କ୍ଷେତ୍ରରୁ ପଳାୟନ କରି, ସଂକ୍ଷେପରେ କହିଲେ ଜୀବନ-ଯୁଦ୍ଧକୁ ଆଡ଼େଇ ଦେଇ, ସଂଘର୍ଷର ଊର୍ଦ୍ଧ୍ୱକୁ ଉଠି, ସମସ୍ତ ପ୍ରଚେଷ୍ଟାରୁ ନିଜକୁ ମୁକ୍ତ କରି, ମାନବର ଆଧ୍ୟାତ୍ମିକ ଆସ୍ପୃହା ଏକ ନିଃଶବ୍ଦ, ନିଷ୍କ୍ରିୟ ଶାନ୍ତି ଦିଗରେ ଉନ୍ମୁଖ ଥିଲା, ଯାହାକି ସମସ୍ତ ସାଂସାରିକ ବସ୍ତୁର ଆସକ୍ତିରୁ ମୁକ୍ତ । ଏହି ଆଧ୍ୟାତ୍ମିକ ଶାନ୍ତି ଭିତରେ ସମସ୍ତ ଚାପ, ସଂଘର୍ଷ ଓ ପ୍ରଚେଷ୍ଟାର ନିବୃତ୍ତି ସହିତ ସବୁ ପ୍ରକାର ଦୁଃଖ ଯନ୍ତ୍ରଣାର ଅବସାନ ଘଟୁଥିଲା । ଏହାହିଁ କେବଳ ଆଧ୍ୟାତ୍ମିକ ଦିବ୍ୟ ଜୀବନର ପ୍ରକୃତ ଓ ଏକାନ୍ତ ପରିପ୍ରକାଶ ଭାବେ ବିବେଚିତ ହେଉଥିଲା । ଏହାକୁହିଁ ଭଗବତ୍ କରୁଣାର ସହାୟତା ଓ ହସ୍ତକ୍ଷେପ ବୋଲି ବିଚାର କରା-ଯାଉଥିଲା । ଏପରିକି ବର୍ତ୍ତମାନ ଦୁଃସହ ଯାତନା, ମାନସିକ ଚାପ, ଅତ୍ୟନ୍ତ ଆବେଗପୂର୍ଣ୍ଣ ଚାପର ଯୁଗରେ ମଧ୍ୟ ଏହି ଏକଚ୍ଛତ୍ର ଶାନ୍ତି ସର୍ବୋତ୍ତମ ସହାୟ ଭାବେ ଆଦୃତ, ସର୍ବାଧିକ ସ୍ୱାଗତଯୋଗ୍ୟ ।

ଏହା ହେଉଛି ମନୁଷ୍ୟମାନେ ଚାହୁଁଥିବା ଓ ଆଶା କରୁଥିବା ସାନ୍ତ୍ୱନା । ଅନେକଙ୍କ ଲାଗି ଏହା ଅଦ୍ୟାପି ଦିବ୍ୟ ହସ୍ତକ୍ଷେପର ଏବଂ ଦିବ୍ୟ କରୁଣାର ସଂକେତ ।

ବାସ୍ତବିକ ଜଣେ ଯାହାକିଛି ଉପଲବ୍ଧି କରିବା ଲାଗି ଇଚ୍ଛା କରୁ ନା କାହିଁକି, ତାକୁ ପ୍ରାରମ୍ଭରେ ଏହି ସମ୍ପୂର୍ଣ୍ଣ ଅବିଚଳ ଶାନ୍ତିକୁ ନିଜ ଭିତରେ ପ୍ରତିଷ୍ଠା କରିବାକୁ ପଡ଼ିବ; ଏହାହିଁ ହେଉଛି ଭିତ୍ତି ଯେଉଁଠାରୁ କାମ କରାଯିବା ଉଚିତ । କିନ୍ତୁ ଯଦି ଜଣେ ଏକ ବ୍ୟକ୍ତିଗତ, ଏକଚାଟିଆ ଓ ସ୍ୱାର୍ଥପର ମୁକ୍ତିର ସ୍ୱପ୍ନ ନ ଦେଖେ, ସେ ସେହି ସ୍ଥାନରେ ଅଟକିଯିବ ନାହିଁ । ଦିବ୍ୟ କରୁଣାର ଅନ୍ୟ ଏକ ଦିଗ ଅଛି । ଏହା ହେଉଛି ପ୍ରଗତିର ଦିଗ ଯାହା ସମସ୍ତ ପ୍ରତିବନ୍ଧକ ଉପରେ ବିଜୟୀ ହେବ, ଯାହା ମନୁଷ୍ୟ-ସମାଜକୁ ଏକ ନୂତନ ଉପଲବ୍ଧି ଦିଗରେ ଆଗେଇ ନେବ, ଯାହା ଏକ ନୂତନ ଜଗତର ଦ୍ୱାର ଉନ୍ମୁକ୍ତ କରିବ — କେବଳ ମନୋନୀତ ଅଳ୍ପ କେତେଜଣଙ୍କ ସକାଶେ ଏହି ଦିବ୍ୟ-ଉପଲବ୍ଧି ଦ୍ୱାରା ଉପକୃତ ହେବା ସମ୍ଭବପର ତା' ନୁହେଁ, କିନ୍ତୁ ସେମାନଙ୍କ ପ୍ରଭାବ, ଉଦାହରଣ ଓ ଶକ୍ତି ଦ୍ୱାରା ଅବଶିଷ୍ଟ ମାନବସମାଜ ଲାଗି ନୂତନ ଓ ମହତ୍ତର ଅବସ୍ଥା ଆଣିବା ସମ୍ଭବ ହେବ ।

(CWM Vol. 9, pp. 296 - 298) ✤

ଯେତେବେଳେ ଜଣକୁ ସାଧାରଣ କ୍ରିୟାକଳାପ ଓ ପରିବେଶରେ ବାସ କରିବାକୁ ପଡ଼େ ସେତେବେଳେ ଆଧ୍ୟାତ୍ମିକ ଜୀବନ ପାଇଁ ନିଜକୁ ପ୍ରସ୍ତୁତ କରିବାର ସର୍ବୋତ୍ତମ ପଥ ହେଲା ଏକ ପୂର୍ଣ୍ଣ ସମତାର ବିକାଶ ସାଧନ, ନିରାସକ୍ତି ଏବଂ ଗୀତାର ସେହି ସମତାର ସାଧନା, ଏହି ବିଶ୍ୱାସ ନେଇ ଯେ ଭଗବାନ୍ ଅଛନ୍ତି ଓ ସବୁକିଛିରେ ଭଗବତ୍ ସଂକଳ୍ପହିଁ କାର୍ଯ୍ୟକାରୀ ହେଉଛି; ଯଦିଓ ବର୍ତ୍ତମାନ ପାଇଁ ତାହା ଏକ ଅଜ୍ଞାନମୟ ସଂସାରର ଅବସ୍ଥା ଭିତରେ । ଏହାର ଊର୍ଦ୍ଧ୍ୱରେ ରହିଛି ଦିବ୍ୟ-ଆନନ୍ଦ ଓ ଆଲୋକ ଯେଉଁ ଦିଗରେ ଜୀବନର କ୍ରିୟା ଚାଲିଛି । କିନ୍ତୁ ବ୍ୟକ୍ତିର ସତ୍ତା ଓ ପ୍ରକୃତି ଭିତରେ ସେହି ଦିବ୍ୟ-ଆନନ୍ଦ ଓ ଆଲୋକର ଆଗମନୀ ଓ ପ୍ରତିଷ୍ଠା ପାଇଁ ଆବଶ୍ୟକ ଏହି ଆଧ୍ୟାତ୍ମିକ ସମତା ଭିତରେ ନିଜର ଅଭିବୃଦ୍ଧି ସାଧନ । ଅପ୍ରୀତିକର ଓ ବାଧାବିଘ୍ନପୂର୍ଣ୍ଣ ଜିନିଷଗୁଡ଼ିକ ସମ୍ପର୍କରେ ତୁମ ଅସୁବିଧା ପାଇଁ ଏହାହିଁ ସମାଧାନର ବାଟ । ଏହି ସମତାର ଭାବ ନେଇ ସମସ୍ତ ଅପ୍ରୀତିକର ଜିନିଷର ସମ୍ମୁଖୀନ ହେବା ଉଚିତ ।

*

ଯେତେବେଳେ ଜଣେ ସଂସାରରେ ବାସ କରୁଥାଏ, ସେ ଆଶ୍ରମରେ ରହିବା ଭଳି ଆଚରଣ କରିପାରିବ ନାହିଁ — ତାହାକୁ ଅନ୍ୟମାନଙ୍କ ସଙ୍ଗେ ମିଳାମିଶା କରିବାକୁ ପଡ଼ିବ ଏବଂ ବାହ୍ୟଭାବରେ ଅନ୍ତତଃ ଅନ୍ୟମାନଙ୍କ ସଙ୍ଗେ ସାଧାରଣ ସମ୍ପର୍କ ରଖିବାକୁ ପଡ଼ିବ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ଆନ୍ତର ଚେତନାକୁ ଭଗବାନଙ୍କ ପ୍ରତି ଉନ୍ମୋଚିତ ରଖିବା ଓ ତହିଁରେ ନିଜର ଅଭିବୃଦ୍ଧି ସାଧନ କରିବା । ଯେତେବେଳେ ଜଣେ ଏହା କରିଥାଏ, ସାଧନାର ଆନ୍ତର ତୀବ୍ରତା ଅନୁଯାୟୀ ଅନ୍ୟସବୁ ଜିନିଷ ପ୍ରତି ନିଜର ମନୋଭାବ ବଦଳିବାକୁ ଲାଗେ । ସବୁକିଛିହିଁ ଭଗବାନଙ୍କ ଭିତରେ ଦେଖାଯାଏ, ଅଧିକରୁ ଅଧିକ । ଏବଂ ଅନୁଭବ, କର୍ମ ଆଦି ଅଧିକରୁ ଅଧିକ ନିର୍ଦ୍ଧାରିତ ହୁଏ ପୁରୁଣା ବାହ୍ୟ ପ୍ରତିକ୍ରିୟା ଦ୍ୱାରା ନୁହେଁ, କିନ୍ତୁ ତୁମ ଭିତରେ ବଢ଼ି ଉଠୁଥିବା ଚେତନା ଦ୍ୱାରା ।

— ଶ୍ରୀଅରବିନ୍ଦ ✤

# କର୍ମ, ଧ୍ୟାନ ଓ ଭକ୍ତି

## ଶ୍ରୀଅରବିନ୍ଦ

କେଉଁ ବ୍ୟକ୍ତି ବା କେଉଁ ଶ୍ରେଣୀ ପ୍ରଥମେ ବା ଶେଷରେ ଲକ୍ଷ୍ୟରେ ପହଞ୍ଚିବ, ଏହା ପଚାରିବାରେ ଆଦୌ କୌଣସି ଲାଭ ନାହିଁ । ଯୋଗର ପଥ ପ୍ରତିଯୋଗିତାର ପଥ ନୁହେଁ ବା ଏଥିରେ କୌଣସି ଦୌଡ଼ ପ୍ରତିଯୋଗିତା ହେଉ ନାହିଁ ଯେଉଁଥିରେ ଏହି କଥାର କିଛି ଅର୍ଥ ଅଛି । ଯେଉଁ କଥାର ପ୍ରକୃତ ଗୁରୁତ୍ୱ ଅଛି ତା' ହେଉଛି ଭଗବାନଙ୍କ ପାଇଁ ନିଜର ଅଭୀପ୍ସା, ନିଜର ବିଶ୍ୱାସ, ସମର୍ପଣ, ନିଃସ୍ୱାର୍ଥ ଆତ୍ମଦାନ । ଅନ୍ୟ ସବୁକିଛିକୁ ଭଗବାନଙ୍କ ହାତରେ ଛାଡ଼ିଦେବା ଉଚିତ; ସେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ସ୍ୱଭାବ ଅନୁଯାୟୀ ଆଗେଇ ନେବେ । ଧ୍ୟାନ, କର୍ମ ଓ ଭକ୍ତି ପ୍ରତ୍ୟେକଟି ହେଉଛି ସିଦ୍ଧି ବା ପୂର୍ଣ୍ଣତାଲାଭ ଦିଗରେ ପ୍ରସ୍ତୁତିମୂଳକ ସହାୟତାର ଅବଲମ୍ବନ । ଆମର ଏହି ପଥରେ ସବୁଗୁଡ଼ିକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଯାଇଛି । ଯଦି ଜଣେ କର୍ମ ଭିତର ଦେଇ ନିଜକୁ ଉତ୍ସର୍ଗ କରେ ତେବେ ଆତ୍ମଦାନ ଦିଗରେ ତାହା ସବୁଠୁ ଶକ୍ତିଶାଳୀ ସାଧନ ଏବଂ ସ୍ୱୟଂ ଆତ୍ମଦାନ ହେଉଛି ସାଧନାର ସବୁଠୁ ଶକ୍ତିଶାଳୀ ଓ ଅପରିହାର୍ଯ୍ୟ ଉପାଦାନ ।

ପଥକୁ ଜାବୁଡ଼ି ଧରି ଲାଗି ରହିବାର ଅର୍ଥ ହେଉଛି ଏହାକୁ ଛାଡ଼ି ନଦେବା ବା ଅନ୍ୟ ଦିଗରେ ମୋଡ଼ ନ ଫେରାଇବା । ଏହି ପଥ ହେଉଛି ନିଜର ସମସ୍ତ ଅଂଶକୁ ନେଇ ସମଗ୍ର ସତ୍ତାର ପୂର୍ଣ୍ଣ ଆତ୍ମଦାନ, ଯାହାଫଳରେ ଜଣେ ଭଗବାନଙ୍କ ଅନୁଭୂତି, ଅନ୍ତରରେ ତାଙ୍କ ଦିବ୍ୟ ଉପସ୍ଥିତି ପାଇପାରିବ ଓ ଚୈତ୍ୟ ଓ ଆଧ୍ୟାତ୍ମିକ ରୂପାନ୍ତରରେ ପହଞ୍ଚି ପାରିବ । ସର୍ବତୋଭାବେ ଜଣେ ନିଜକୁ ଯେତେ ଅଧିକ ଦେଇ ଦେଇପାରିବ, ସାଧନା ପାଇଁ ତାହା ସେତିକି ଅଧିକ ଉତ୍ତମ ହେବ । କିନ୍ତୁ ସମସ୍ତେ ସମାନ ପରିମାଣରେ ବା ସମାନ ଦ୍ରୁତଗତିରେ ବା ସମାନ ବାଟରେ ଏହା କରିପାରିବେ ନାହିଁ । ଅନ୍ୟମାନେ କ'ଣ କରୁଛନ୍ତି, କିପରି କରୁଛନ୍ତି ବା କରିବାରେ ଅକୃତକାର୍ଯ୍ୟ ହେଉଛନ୍ତି ତାହାକୁ ନେଇ ତୁମର କୌଣସି ଚିନ୍ତାଭାବନା ରହିବା ଉଚିତ ନୁହେଁ – ତୁମେ ନିଜେ କେତେ ନିଷ୍ଠା ଓ ବିଶ୍ୱାସର ସହିତ ଏହା କରିପାରୁଛ, ତାହାହିଁ ଗୁରୁତ୍ୱପୂର୍ଣ୍ଣ ।

ସାଧନାର କେଉଁ ଧାରା ଉପରେ ସବୁଠୁ ଅଧିକ ଜୋର୍ ଦିଆଯିବ ତାହା ନିର୍ଭର କରୁଛି ବ୍ୟକ୍ତିର ସ୍ୱଭାବ ଉପରେ । ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ପଥ ଧ୍ୟାନ ନୁହେଁ, କେବଳ କର୍ମ ଦ୍ୱାରାହିଁ ସେମାନେ ନିଜକୁ ପ୍ରସ୍ତୁତ କରିପାରିବେ, ଏପରି ଅନେକ ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନଙ୍କ ସ୍ୱଭାବ ଏହାର ପୂରା ବିପରୀତ । ଅହଂର ପ୍ରବଳ ଆକାର ଧାରଣ କରିବା ବିଷୟରେ କୁହାଯାଇପାରେ ଯେ ଯିଏ ଯେଉଁ ପଥ ଅନୁସରଣ କରୁ ନା କାହିଁକି, ତହିଁରେ ଏହା ଆସି ଦେଖା ଦେଇପାରେ – ମୁଁ ଧ୍ୟାନୀ ଭିତରେ ଏହାର ପ୍ରସ୍ଫୁଟନ ଯେପରି ଦେଖିଛି, କର୍ମୀ ଭିତରେ ମଧ୍ୟ ସେହିପରି ଦେଖିଛି; 'କ' କହନ୍ତି ଭକ୍ତମାନଙ୍କ ଭିତରେ ମଧ୍ୟ ଏହାର ଏହିପରି ଆବିର୍ଭାବ ହୋଇଥାଏ । ତେଣୁ ଏହା ସ୍ପଷ୍ଟ ଯେ ନାର୍ସିସସ୍(ଆତ୍ମରତି)ର ଏହି ଫୁଲ ଫୁଟିବା ପାଇଁ ଉର୍ବର ଭୂମି ସବୁଠାରେ ରହିଛି । ''ସାଧନାର ଆବଶ୍ୟକତା ନାହିଁ'' କଥାଟି ସମ୍ପର୍କରେ କୁହାଯାଇପାରେ ଯେ ଯେଉଁ ବ୍ୟକ୍ତି କୌଣସି ସାଧନା କରେ ନାହିଁ, ତାହାର କୌଣସି ପରିବର୍ତ୍ତନ ହେବ ନାହିଁ ବା ସେ ଅଗ୍ରଗତି କରିବ ନାହିଁ – ଏହା ନିଃସନ୍ଦେହ । କର୍ମ, ଧ୍ୟାନ, ଭକ୍ତି ଏ ସମସ୍ତହିଁ ସାଧନା ରୂପେ କରିବାକୁ ହେବ ।

(Bulletin, August. 2002, p. 32)

# ଚେତନାର ଅଧୋଗତି

## ଶ୍ରୀମା

*( ରୁଚିହୀନ ଅଶ୍ଳୀଳ ସିନେମା ସଙ୍ଗୀତ ପ୍ରସଙ୍ଗରେ ମାଆ ଏହି କଥାଗୁଡ଼ିକ କହିଥିଲେ ।)*

ପ୍ରତ୍ୟେକଟି ଜିନିଷ ଯାହା ଚେତନାକୁ ନିମ୍ନମୁଖୀ କରାଏ, ତାହା ବ୍ୟକ୍ତିର ଅଗ୍ରଗତି ପାଇଁ ଏକ ପ୍ରତିବନ୍ଧକ । ତୁମ ଭିତରେ ଯଦି କୌଣସି କାମନା ରହିଥାଏ ତାହା ତୁମ ଅଗ୍ରଗତିରେ ବାଧା ସୃଷ୍ଟି କରେ; ତୁମ ଭିତରେ ଯଦି ଏକ ମନ୍ଦ ଚିନ୍ତା ବା ଅସଦିଚ୍ଛା ରହିଥାଏ, ତେବେ ତାହା ଅଗ୍ରଗତିରେ ବାଧା ସୃଷ୍ଟି କରେ; ତୁମେ ଯଦି କୌଣସି ଧରଣର ମିଥ୍ୟାଚାରକୁ ସ୍ୱାଗତ ଜଣାଅ ତେବେ ତାହା ତୁମ ଅଗ୍ରଗତିରେ ବାଧା ସୃଷ୍ଟି କରେ; ତୁମେ ଯଦି ନିଜ ଭିତରେ କୌଣସି ଅଶ୍ଳୀଳତାକୁ ପୋଷଣ କର ତାହା ତୁମ ଅଗ୍ରଗତିରେ ବାଧା ସୃଷ୍ଟି କରେ; ପ୍ରତ୍ୟେକଟି ଜିନିଷ ଯାହା ଦିବ୍ୟ ସତ୍ୟ ସଙ୍ଗରେ ସଙ୍ଗତି ରଖିପାରେ ନାହିଁ ତାହା ଅଗ୍ରଗତିରେ ବାଧା ସୃଷ୍ଟି କରେ; ଏବଂ ପ୍ରତ୍ୟେକ ଦିନ ଆମେ ଶହ ଶହ ସଂଖ୍ୟାରେ ଏହିଭଳି ଜିନିଷ ଦେଖିବାକୁ ପାଉ ।

ଉଦାହରଣସ୍ୱରୂପ ଧୈର୍ଯ୍ୟ ହରାଇବାର ପ୍ରତ୍ୟେକଟି ଗତିବୃତ୍ତି, କ୍ରୋଧର ପ୍ରତ୍ୟେକଟି ଗତିବୃତ୍ତି, ହିଂସାର ପ୍ରତ୍ୟେକଟି ଗତିବୃତ୍ତି, କପଟତାର ପ୍ରତ୍ୟେକଟି ପ୍ରବୃତ୍ତି, ସତ୍ୟର ପ୍ରତ୍ୟେକଟି ବିରୂପୀକରଣ, ତାହା ବଡ଼ ହେଉ ବା ଛୋଟ ହେଉ, ପ୍ରତ୍ୟେକଟି ଅସଦିଚ୍ଛା, ପ୍ରତ୍ୟେକଟି ପକ୍ଷପାତୀ ବିଚାର, ପ୍ରତ୍ୟେକଟି ଭୁଲ୍ ପସନ୍ଦ, ରୁଚିହୀନତାକୁ,...ହଁ, ଅଶ୍ଳୀଳତାକୁ ପ୍ରତ୍ୟେକଟି ପ୍ରୋତ୍ସାହନ – ଏସବୁକୁ ଆମେ ନିରନ୍ତର ବାଟରେ ଭେଟୁ । ଏଗୁଡ଼ିକ, ଏହି ଗତିବୃତ୍ତିଗୁଡ଼ିକ ଭିତରୁ ପ୍ରତ୍ୟେକଟି ତାହା ଛୋଟ ହେଉ ବା ବଡ଼ ହେଉ, କ୍ଷଣିକ ହେଉ ବା ସ୍ଥାୟୀ ହେଉ, ଏଗୁଡ଼ିକ ହେଉଛି ତୁମ ନିଜ ଅଗ୍ରଗତିରେ ପ୍ରତିବନ୍ଧକର ପ୍ରାଚୀର ନିର୍ମାଣ ପାଇଁ ଜମା ହୋଇଥିବା ଗଦା ଗଦା ପଥର । ଏହା କେବଳ ଗୋଟିଏ ଜିନିଷ ନୁହେଁ, ଶହ ଶହ, ସହସ୍ର ସହସ୍ର ସଂଖ୍ୟାରେ ଏଗୁଡ଼ିକ ରହିଛନ୍ତି । ନିଜ ଭିତରେ କେଉଁଠି ଟିକେ ପସନ୍ଦର ଭାବ ରହିଲା, ତାହାହିଁ ତୁମକୁ ଧୈର୍ଯ୍ୟହରା କରାଇ ଦେବା ପାଇଁ ଯଥେଷ୍ଟ, କିଛି ଲୁଚାଇବାକୁ ଟିକେ ବାସନା ଉଦ୍ରେକ କରି ଦେବା ପାଇଁ ତାହା ଯଥେଷ୍ଟ, କିଛି ବିରକ୍ତି ଅନୁଭବ କରିବା ପାଇଁ ଉଦ୍ୟମରେ ଅରୁଚି ଆଣିଦେବା ପାଇଁ ଯଥେଷ୍ଟ ... ଏଥିଭିତରୁ ଆଦୌ କିଛି ଟିକେ ମଧ୍ୟ ଯଥେଷ୍ଟ, ଯେଉଁଗୁଡ଼ିକର କାମନା-ବାସନା ସହ, ପସନ୍ଦ-ଅପସନ୍ଦ ବା ଘୃଣା-ବିରକ୍ତି ଆଦି ଭାବ ସହ କିଛି ସମ୍ପର୍କ ଥାଏ, ତୁମ ପ୍ରଗତିରେ ବାଧା ସୃଷ୍ଟି ପାଇଁ ସେଥିଭିତରୁ ସାମାନ୍ୟଟିକେ ମଧ୍ୟ ଯଥେଷ୍ଟ । ଆଉ ବୁଦ୍ଧିଗତ ସତ୍ତା, କଳାତ୍ମକ ସତ୍ତା ଦୃଷ୍ଟିରୁ ବିଚାର କଲେ, ସଂସ୍କୃତିର ବାହାର ଓ ଭିତର ଦିଗରୁ ରୁଚିର ପ୍ରତ୍ୟେକଟି ହାନି ଓ ଅଭାବ ଏକ ଭୟଙ୍କର ପ୍ରତିବନ୍ଧକ ସୃଷ୍ଟି କରେ ।

ମୁଁ କହିବି, ରୁଚି ଦୃଷ୍ଟିରୁ, କଳାତ୍ମକ ଓ ସାହିତ୍ୟିକ ରୁଚି ଦୃଷ୍ଟିରୁ ଏହି ଜଗତ୍ ଚରମ ଆତିଶଯ୍ୟର ଏକ ଜଗତ୍ । ଗୋଟିଏ ଦିଗରେ ଯାହାକିଛି ଯଥାର୍ଥରେ ଅତି ଉଚ୍ଚକୋଟିର, ଅତି ଶୁଦ୍ଧ, ଅତି ମହତ୍, ସେଗୁଡ଼ିକୁ ଆବିଷ୍କାର କରିବା ପାଇଁ ଏହା ଚରମ ପ୍ରୟାସ କରେ, ପୁଣି ଅନ୍ୟ ଦିଗରେ ଏହା ଏପରି ଏକ ଅଶ୍ଳୀଳତା ଭିତରେ ବୁଡ଼ିଯାଏ ଯେ ଗତ ଦୁଇ ତିନି ଶତାବ୍ଦୀରେ ଯେତିକି ଅଶ୍ଳୀଳତା ପ୍ରକାଶ ପାଇଥିଲା ତା'ଠାରୁ ଏହା ଅନନ୍ତ ଗୁଣରେ ଅଧିକ ଅଶ୍ଳୀଳ । କୌତୂହଳର ବିଷୟ ହେଉଛି, ଯଦି ଆମେ ଗତ ଦୁଇ ତିନି ଶତାବ୍ଦୀ ପଛକୁ ଫେରିଯାଉ ତା'ହେଲେ ଦେଖିବା ଯେଉଁ ଲୋକମାନେ ଅମାର୍ଜିତ ହୋଇ ରହିଥିଲେ, ସେମାନଙ୍କର ରୁଚି ହୁଏତ ଟିକେ ସ୍ଥୂଳ ଧରଣର ଥିଲା; କିନ୍ତୁ ସେମାନଙ୍କର ସ୍ଥୂଳତା ଅନେକଟା ଇତର ପ୍ରାଣୀମାନଙ୍କ ସଦୃଶ ଥିଲା, ତହିଁରେ ବିଶେଷ କିଛି ବିକୃତି ପ୍ରକାଶ ପାଇ ନ ଥିଲା, ସାମାନ୍ୟ କିଛି ହୁଏତ ଥିଲା, କାରଣ ମନ ଆସିଯିବା ସଙ୍ଗେ ସଙ୍ଗେ ତା' ସହ କିଛିଟା ବିକୃତି ମଧ୍ୟ ଆସିଯାଏ, ତେବେ ତହିଁରେ ଏକ ବଡ଼ ଧରଣର ବିକୃତି ଥିଲା ବୋଲି କୁହାଯାଇ ପାରିବ ନାହିଁ । କିନ୍ତୁ ବର୍ତ୍ତମାନ, ଯାହା ଅତି ଉଚ୍ଚତମ ଶିଖରକୁ ଉଠି ନ ଯାଇଛି ଓ ଏହି ସମତଳ ଭୂମିରେ ରହିଛି ତାହା ନିଜର ସ୍ଥୂଳତାରେ *ପୂରାପୂରି* ବିକୃତ ହୋଇ ଉଠିଛି; ଅର୍ଥାତ୍ ଏହା କେବଳ ଅଜ୍ଞ ଓ ନିର୍ବୋଧ ହୋଇ ରହି ନାହିଁ, ଏହା ହୋଇ ଉଠିଛି କୁତ୍ସିତ, ଆବର୍ଜନାପୂର୍ଣ୍ଣ ଓ ଘୃଣ୍ୟ, ଏହା କଦାକାର, ବୀଭତ୍ସ, *ଅତ୍ୟନ୍ତ* ନୀଚ ଓ ହୀନ ହୋଇ ପଡ଼ିଛି । ବାସ୍ତବରେ ମନର ଭୁଲ୍ ପ୍ରୟୋଗ ଦ୍ୱାରାହିଁ ଏହାର ଏହି ଦୁର୍ଦ୍ଦଶା ଘଟିଛି । ମନ ବ୍ୟତିରେକେ ଏହି ବିକୃତିର

କୌଣସି ଅସ୍ତିତ୍ୱ ନ ଥା'ନ୍ତା, ମନର ଭୁଲ୍ ପ୍ରୟୋଗହିଁ ଏହାର ଏହି ଦୁର୍ଦଶାର କାରଣ । ବର୍ତ୍ତମାନ ଏହା ଏପରି ଏକ ରୂପ ନେଇଛି ଯାହା ସବୁଦୃଷ୍ଟିରୁ କୁତ୍ସିତ; ଅଶ୍ଳୀଳ ଏବଂ କୁତ୍ସିତ ।

ଏପରି ଜିନିଷସବୁ ଦେଖିବାକୁ ମିଳେ ଯାହାକୁ ଆଜିକାଲି ବେଶ୍ ସୁନ୍ଦର ବୋଲି କୁହାଯାଉଛି ... ମୁଁ ଏପରିସବୁ ଫଟୋଗ୍ରାଫ୍ ବା ପ୍ରତିଛବି ସବୁ ଦେଖିଛି ଯେଉଁଗୁଡ଼ିକୁ ଖୁବ୍ ସୁନ୍ଦର ବୋଲି ବିଚାର କରାଯାଏ, କିନ୍ତୁ ସେଗୁଡ଼ିକ ପ୍ରକୃତରେ ଭୟଙ୍କର ବିକୃତି ଓ ଅଶ୍ଳୀଳତାର ପରିଚାୟକ, ଅଥଚ ଲୋକମାନେ ସେଗୁଡ଼ିକର ସୌନ୍ଦର୍ଯ୍ୟ ଦେଖି ଆତ୍ମହରା ହୋଇ ଉଠନ୍ତି ! ଏପରି ହେବାର କାରଣ ହେଉଛି ତହିଁରେ ଏପରି କିଛି ରହିଛି ଯାହା ବିକଳାଙ୍ଗ, ଯାହା କେବଳ ସଂସ୍କୃତିହୀନ ନୁହେଁ ବା ଅମାର୍ଜିତ ନୁହେଁ, ତା'ଠାରୁ ଆହୁରି ଖରାପ, ସେଗୁଡ଼ିକ ସଂପୂର୍ଣ୍ଣ ବିକଳାଙ୍ଗ । କିଛି ଅଜ୍ଞ ଓ ଅଶିକ୍ଷିତଙ୍କ ଭିତରେ ଶିକ୍ଷା ବା ଜ୍ଞାନ ଆଣିଦେବା ଅପେକ୍ଷା ବିକୃତ ବିକଳାଙ୍ଗ କିଛିଙ୍କୁ ସଂଶୋଧିତ ଓ ମାର୍ଜିତ କରିବା ଅନେକ ବେଶୀ କଷ୍ଟସାଧ୍ୟ । ମୁଁ ଭାବୁଛି କେତେକ ଜିନିଷ ବିକୃତିର ବିରାଟ ଯନ୍ତ୍ର ହୋଇ ଉଠିଛନ୍ତି; ଏ ସଂକ୍ରାନ୍ତରେ ସିନେମାର ଦୃଷ୍ଟାନ୍ତ ଦିଆଯାଇପାରେ । ଏହା ପ୍ରକୃତରେ ଶିକ୍ଷା ଓ ବିକାଶର ଏକ ଯନ୍ତ୍ର ହୋଇ ପାରନ୍ତା, ଏବଂ ମୁଁ ଆଶା କରୁଛି ଦିନେ ଏହା ତାହାହିଁ ହେବ, କିନ୍ତୁ ବର୍ତ୍ତମାନ ଏହା ବିକୃତିରହିଁ ଏକ ଯନ୍ତ୍ର ହୋଇଛି, ଯଥାର୍ଥରେ ଏକ ଭୟାବହ ବିକୃତି : ରୁଚିର ବିକୃତି, ଚେତନାର ବିକୃତି, ତା' ସାଙ୍ଗକୁ ଏକ ଭୟଙ୍କର ନୈତିକ ଓ ସ୍ଥୂଳ କୁତ୍ସିତତାରେ ଭରା । ଅଥଚ ଏହା ଏପରି ଏକ ମାଧ୍ୟମ ଯାହାକୁ ଶିକ୍ଷା, ପ୍ରଗତି, ସଂସ୍କୃତି ଓ କଳାତ୍ମକ ବିକାଶ ପାଇଁ ଉପଯୋଗ କରାଯାଇ ପାରନ୍ତା; ଏବଂ ଏହି ଦୃଷ୍ଟିକୋଣରୁ ଆଗକାର ଉପାୟ ଓ ପଦ୍ଧତିଗୁଡ଼ିକ ଅପେକ୍ଷା ସୌନ୍ଦର୍ଯ୍ୟବୋଧ ଓ ସଂସ୍କୃତିର ପ୍ରସାର ଦିଗରେ ଏହାକୁ ଅନେକ ବ୍ୟାପକ ଭାବରେ ଉପଯୋଗ କରାଯାଇ ପାରନ୍ତା ଓ ତାହା ମଧ୍ୟ ସର୍ବଜନସୁଲଭ ହୋଇ ପାରନ୍ତା । କିନ୍ତୁ ବରାବର ଏହାହିଁ ଘଟି ଆସିଛି ଯେ – ଯାହାକୁ ଅଧିକ ଉନ୍ନତ କରାଯାଇ ପାରନ୍ତା ତାହାକୁ ସେପରି କରା ନ ଗଲେ ତାହା ଆହୁରି ତଳ ସ୍ତରକୁ ଖସି ଆସେ । ଏବଂ ମୁଁ ଆରମ୍ଭରେ ଯେଉଁ ବିଷୟଟି କହିଛି, ଆମେ ଏକ ଆତିଶଯ୍ୟର ଯୁଗରେ ରହିଛେ – ସବୁକିଛିରେ ଆତିଶଯ୍ୟ – କୌଣସି ବସ୍ତୁ ନିଜକୁ ନିଖୁଣ ଓ ପୂର୍ଣ୍ଣ କରିବା ପାଇଁ ମାତ୍ରାତିରିକ୍ତ ଚେଷ୍ଟା କରୁଛି ଅଥଚ ମାତ୍ରାତିରିକ୍ତ ବିକୃତି ଭିତରେ ଖସି ପଡୁଛି, ଯେଉଁ ବିକୃତିଗୁଡ଼ିକ ସେହି ପୂର୍ଣ୍ଣତା ଠାରୁ ଅଧିକ ନ ହେଲେ ମଧ୍ୟ ଆପେକ୍ଷିକ ଭାବରେ ସମାନ ଆକାର ହୋଇ ଦେଖାଦେଉଛି । ଏବଂ ଯଦି ମନୋଯୋଗ ସହ ନିଜକୁ ନିରୀକ୍ଷଣ କରିବ ତା' ହେଲେ ତୁମେ ସଚେତ ହୋଇ ଉଠିବ ଯେ ଯେତେବେଳେ ବର୍ତ୍ତମାନର ଏହି ଜଗତରେ ତୁମେ ବାସ କରୁଛ, ଏହା ସ୍ୱାଭାବିକ ଯେ ତାହାର କୁତ୍ସିତ ଅଶ୍ଳୀଳତାର କିଛିଟା ଭାଗ ତୁମକୁ ନେବାକୁ ହେବ, ଏବଂ ଯଦି ତୁମେ ନିଜକୁ ଘନିଷ୍ଠ ଭାବରେ ନିରୀକ୍ଷଣ କରି, ତୁମର ସର୍ବୋଚ୍ଚ ଚେତନାର ଆଲୋକକୁ ନିରନ୍ତର ନିଜ ଉପରେ ନ ପକାଅ, ତା'ହେଲେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତୁମ ରୁଚିରେ ବାରଂବାର ନାନା ଭୁଲ୍‌ଭ୍ରାନ୍ତି ହେବାର ବିପଦ ଆସିପାରେ ।

(Bulletin, April. 1994, p. 57 - 60) ❖

## ଓମ୍ - ନମୋ - ଭଗବତେ

ବାକ୍ ହେଲା ଚୈତ୍ୟୋପଲବ୍ଧ ସତ୍ୟର ଅଭିବ୍ୟକ୍ତିମୂଳକ ଏକ ଧ୍ୱନି । ସ୍ଥୂଳୋତ୍ତର ସ୍ତରରେ ଯେତେବେଳେ ଏକ ଚୈତ୍ୟୋପଲବ୍ଧ ସତ୍ୟ ଉପଲବ୍ଧ ହେବା କଥା, ସେତେବେଳେ ଜଣେ ତା'ର ଧ୍ୱନିଗତ ଅଭିବ୍ୟକ୍ତିର ପୁନରାବୃତ୍ତି କରି ଏଭଳି ସ୍ପନ୍ଦନ ସୃଜିପାରେ, ଯାହା ସେ ଚୈତ୍ୟୋପଲବ୍ଧ ଜ୍ଞାନର ଉପଲବ୍ଧି ସକାଶେ ମନକୁ ପ୍ରସ୍ତୁତ କରେ । ମନ୍ତ୍ର ଏବଂ ଜପର ତାହାହିଁ ମୂଳତତ୍ତ୍ୱ । ଜଣେ ଭଗବାନଙ୍କ ନାମ ପୁନଃପୁନଃ ଆବୃତ୍ତି କରିଚାଲେ ଏବଂ ତାହା ଦ୍ୱାରା ଚେତନାରେ ସୃଜିତ ସ୍ପନ୍ଦନ ଭଗବାନଙ୍କ ଉପଲବ୍ଧି ନିମନ୍ତେ ପ୍ରସ୍ତୁତି ଆଣିଦିଏ ।

– ଶ୍ରୀଅରବିନ୍ଦ

# ଧମ୍ମପଦ

## (୧୪)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂଯୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଳାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

ଦଶମ ଅଧ୍ୟାୟ

### ଦଣ୍ଡବଗ୍‌ଗୋ (ଦଣ୍ଡବର୍ଗ)

(୧)

ସବ୍ବେ ତସନ୍ତି ଦଣ୍ଡସ୍‌ସ ସବ୍ବେ ଭାୟନ୍ତି ମଚ୍ଚୁନୋ ।
ଅତ୍ତାନଂ ଉପମଂ କତ୍ୱା ନ ହନେୟ୍ୟ ନ ଘାତୟେ ॥

(All tremble at punishment; all are afraid of death. See others as yourself and do not strike or cause to strike.)

ଦଣ୍ଡ ସମସ୍ତଙ୍କର ତ୍ରାସଜନକ; ମୃତ୍ୟୁକୁ ସମସ୍ତେ ଭୟ କରନ୍ତି । ସମସ୍ତଙ୍କୁ ଆତ୍ମୋପମ ଜ୍ଞାନ କରି କାହାରି ପ୍ରାଣର ହାନି କର ନାହିଁ ଅଥବା ହାନିର କାରଣ ହୁଅ ନାହିଁ ।

(୨)

ସବ୍‌ବେ ତସନ୍ତି ଦଣ୍ଡସ୍‌ସ ସବ୍‌ବେସଂ ଜୀବିତଂ ପିୟଂ ।
ଅତ୍ତାନଂ ଉପମଂ କତ୍ୱା ନ ହନେୟ୍ୟ ନ ଘାତୟେ ।।

(All tremble at punishment; to all life is dear. See other as yourself and do not strike or cause to strike.)

ଦଣ୍ଡ ସମସ୍ତଙ୍କର ତ୍ରାସଜନକ; ଜୀବନ ସମସ୍ତଙ୍କର ପ୍ରିୟ । ସମସ୍ତଙ୍କୁ ଆତ୍ମୋପମ ଜ୍ଞାନ କରି କାହାରି ପ୍ରାଣର ହାନି କର ନାହିଁ ଅଥବା ହାନିର କାରଣ ହୁଅ ନାହିଁ ।

(୩)

ସୁଖକାମାନି ଭୂତାନି ଯୋ ଦଣ୍ଡେନ ବିହିଂସତି ।
ଅତ୍ତନୋ ସୁଖମେସାନୋ ପେଚ୍ଚ ସୋ ନ ଲଭତେ ସୁଖଂ ।।

(Creatures long for happiness. He who inflicts pain for his own happiness never gains happiness.)

ଜୀବସକଳ ସୁଖ ପାଇଁ ବ୍ୟଗ୍ର । ଯେ ଆତ୍ମସୁଖ ଉଦ୍ଦେଶ୍ୟରେ ଜୀବର ଯନ୍ତ୍ରଣା ବିଧାନ କରନ୍ତି, ସେ କଦାପି ସୁଖ ଲାଭ କରନ୍ତି ନାହିଁ ।

(୪)

ସୁଖକାମାନି ଭୂତାନି ଯୋ ଦଣ୍ଡେନ ନ ହିଂସତି ।
ଅତ୍ତନୋ ସୁଖମେସାନୋ ପେଚ୍ଚ ସୋ ଲଭତେ ସୁଖଂ ।।

(Creatures long for happiness. He who does not inflict pain upon others for his own happiness gains happiness.)

ଜୀବସକଳ ସୁଖ ପାଇଁ ବ୍ୟଗ୍ର । ଯେ ଆତ୍ମସୁଖ ଉଦ୍ଦେଶ୍ୟରେ ଅନ୍ୟର ଯନ୍ତ୍ରଣା ବିଧାନ କରନ୍ତି ନାହିଁ, ସେ ସୁଖ ଲାଭ କରନ୍ତି ।

(୫)

ମା ବୋଚ ଫରୁସଂ କଞ୍ଚି ବୁତ୍ତା ପଟିବଦେୟ୍ୟୁ ତଂ ।
ଦୁକ୍‌ଖା ହି ସାରମ୍ଭକଥା ପଟିଦଣ୍ଡା ଫୁସେୟ୍ୟୁ ତଂ ।।

(Never utter harsh words; if you do, the same will be done to you in return. Word spoken in anger cause suffering, they strike back again.)

କାହାକୁ କର୍କଶ କଥା କୁହ ନାହିଁ; ଯେଉଁମାନଙ୍କୁ ଏପରି କହିବ, ସେମାନେ ମଧ୍ୟ ତୁମ ପ୍ରତି ଓଲଟି ସେହିପରି ବାକ୍ୟ ପ୍ରୟୋଗ କରିବେ । ରାଗାନ୍ୱିତ ହୋଇ କଥା କହିଲେ, ତାହା ଦୁଃଖଜନକ ହୁଏ; ତାହା ପ୍ରତିଫଳପ୍ରସୂ ।

(୬)

ସ ଚେ ନେରେସି ଅତ୍ତାନଂ କଂସୋ ଉପହତୋ ୟଥା ।
ଏସ ପତ୍ତୋସି ନିବ୍‌ବାଣଂ ସାରମ୍ଭୋ ତେ ନ ବିଜ୍ଜତି ।।

(If you fall silent even like a broken gong, then you have attained Nirvana. Violence no longer abides in you.)

ତୁମେ ଯଦି ଭଗ୍ନ ପିଟା ଘଣ୍ଟା ପରି ନିଜକୁ ନୀରବ ନିଶ୍ଚଳ ରଖ, ତାହାହେଲେ ତୁମେ ନିର୍ବାଣପ୍ରାପ୍ତ । ସେତେବେଳେ ତୁମେ ପରର ଅନିଷ୍ଟସାଧନ ପ୍ରବୃତ୍ତିରୁ ମୁକ୍ତ ।

(୭)

ୟଥା ଦଣ୍ଡେନ ଗୋପାଲୋ ଗାବୋ ପାଚେତି ଗୋଚରଂ ।
ଏବଂ ଜରା ଚ ମଚ୍ଚୁ ଚ ଆୟୁଂ ପାଚେନ୍ତି ପାଣିନଂ ।।

(As the cowherd with his baton drives his herd out to the pasture, even so old age and death drive out the life of living creatures.)

ଯେପରି ଗୋପାଳକ ଦଣ୍ଡ ଦ୍ୱାରା ଗୋରୁମାନଙ୍କୁ ଗୋଚର ଭୂମିକୁ ଅଡ଼ାଇ ନିଏ, ସେହିପରି ଜରା ଓ ମୃତ୍ୟୁ (ଗୋପାଳକ ପରି) ପ୍ରାଣୀମାନଙ୍କ ଆୟୁକୁ ଚାଳିତ କରେ ।

(୮)

ଅଥ ପାପାନି କମ୍ମାନି କରଂ ବାଲୋ ନ ବୁଜ୍ଝତି ।
ସେହି କମ୍ମେହି ଦୁମ୍ମେଧୋ ଅଗ୍‌ଗିଦଡ୍‌ଢୋ 'ବ ତପ୍ପତି ॥

(The fool knows not when he does an evil deed. One with a wrong mind is consumed by his own deeds as though by fire.)

ମୂର୍ଖ ବ୍ୟକ୍ତି ଯେତେବେଳେ ପାପ କାର୍ଯ୍ୟ କରେ, ତାହା ସେ ବୁଝିପାରେ ନାହିଁ । ମୂଢ଼ ବ୍ୟକ୍ତି ନିଜର କର୍ମସମୂହ ଦ୍ୱାରା ଅଗ୍ନିରେ ଦଗ୍ଧ ହେଲା ପରି କଷ୍ଟ ପାଏ ।

(୯)

ଯୋ ଦଣ୍ଡେନ ଅଦଣ୍ଡେସୁ ଆପ୍‌ପଦୁଟ୍‌ଠେସୁ ଦୁସ୍‌ସତି ।
ଦସନ୍ନମଞ୍ଞତରଂ ଠାନଂ ଖିପ୍‌ପମେବ ନିଗଛତି ॥

(He who hurts one who does not hurt, he who blames one who does not blame enters forthwith into one of these ten domains.)

ଯେ ନିରୀହକୁ ଆଘାତ କରେ, ଯେ ନିରପରାଧକୁ ଭର୍ତ୍ସନା କରେ, ସେ ଅବିଳମ୍ବେ (ନିମ୍ନଲିଖିତ) ଦଶବିଧ ଦଶା ମଧ୍ୟରୁ ଗୋଟିଏ ଭୋଗ କରେ ।

(୧୦)

ବେଦନଂ ଫରୁସଂ ଜାନିଂ ସରୀରସ୍‌ସ ଚ ଭେଦନଂ ।
ଗରୁକଂ ବାପି ଆବାଧଂ ଚିତ୍ତକ୍‌ଖେପଂ ବ ପାପୁଣେ ॥

(He will undergo cruel pain, mutilation of the body, grave malady, mental break down.)

ସେ ତୀବ୍ର ବେଦନା, ଅଙ୍ଗହାନି, କଠିନ ବ୍ୟାଧି ଓ ମାନସିକ ଅବସନ୍ନତା ଭୋଗ କରେ ।

(୧୧)

ରାଜତୋ ବା ଉପସ୍‌ସଗ୍ଗଂ ଅବ୍‌ଭକ୍‌ଖାନଂ ବ ଦାରୁଣଂ ।
ପରିକ୍‌ଖୟଂ ବ ଞାତୀନଂ ଭୋଗାନଂ ବ ପଭଙ୍ଗୁରଂ ॥

(Trouble from rulers, gross calumny, loss of relatives, loss of wealth.)

ସେ ରାଜଦଣ୍ଡ, ଦାରୁଣ ଅପବାଦ, ଜ୍ଞାତିକ୍ଷୟ ଏବଂ ଧନହାନି ପ୍ରାପ୍ତ ହୁଏ ।

(୧୨)

ଅଥବସ୍‌ସ ଅଗାରାନି ଅଗ୍‌ଗୀ ଡହତି ପାବକୋ ।
କାୟସ୍‌ସ ଭେଦା ଦୁପ୍‌ପଞ୍ଞୋ ନିରୟଂ ସୋପପଜ୍ଜତି ॥

(Fire burns his whole habitation, and when his body dissolves, he is reborn in hell.)

ଅଥବା ଅଗ୍ନି ଦ୍ୱାରା ତାହାର ଗୃହ ଦଗ୍ଧ ହୁଏ; ଦେହାନ୍ତେ ସେହି ମୂଢ଼ ନିରୟ ପ୍ରାପ୍ତ ହୁଏ ।

(୧୩)

ନ ନଗ୍ଗଚରିୟା ନ ଜଟା ନ ପଙ୍କା
ନାନାସକା ଥଣ୍ଡିଲସାୟିକା ବା ।
ରଜୋବଜଲ୍ଲଂ ଉକ୍‌କୁଟିକପ୍‌ପଧାନଂ
ସୋଧେନ୍ତି ମଚ୍ଚଂ ଅବିତିଣ୍ଣକଙ୍ଖଂ ॥

(Not nakedness nor matted hair nor dirt nor fasting nor sleeping on the bare ground nor smearning the body with ashes nor any ascetic posture can purify a mortal who has not freed himself from doubt.)

ନଗ୍ନାବସ୍ଥାନ, ଜଟା, ପଙ୍କ, ଉପବାସ, ଭୂମିଶଯ୍ୟା, ଭସ୍ମଲେପନ, କୌଣସି କଠୋର ଆସନ – ଏସବୁ କେହି ଦ୍ୱିଧାଭାବ ତ୍ୟାଗ ନ କରିଥିବା ମନୁଷ୍ୟକୁ ପରିଶୁଦ୍ଧ କରିପାରେ ନାହିଁ ।

(୧୪)

ଅଲଙ୍କତୋ ଚେପି ସମଂ ଚରେୟ୍ୟ
ସନ୍ତୋ ଦନ୍ତୋ ନିୟତୋ ବ୍ରହ୍ମଚାରୀ ।
ସବେ୍ବସୁ ଭୂତେସୁ ନିଧାୟ ଦଣ୍ଡଂ
ସୋ ବ୍ରାହ୍ମଣୋ ସୋ ସମଣୋ ସ ଭିକ୍‌ଖୂ ॥

(Even though richly attired, one moves about calm and tranquil, controlled and restrained, chaste and pure, sparing all creatures any harm, he indeed is a Brahmin, he indeed a Sramana.)

ଉତ୍କୃଷ୍ଟ ଭୂଷଣରେ ସଜ୍ଜିତ ହୋଇ ମଧ, ଯେ ଶାନ୍ତ ଓ ସ୍ଥିର, ଯେ ସୁସଂଯତ ଓ ସୁଶୀଳ, ଯେ ଜିତେନ୍ଦ୍ରିୟ ଓ ସାଧୁସିଦ୍ଧ, ଯେ ସର୍ବଭୂତର ଅନିଷ୍ଟସାଧନ ପ୍ରବୃତ୍ତିରହିତ, ସେହିଁ ପ୍ରକୃତରେ ବ୍ରାହ୍ମଣ, ପ୍ରକୃତରେ ଶ୍ରମଣ ।

(୧୫)

ହିରୀନିସେଧୋ ପୁରିସୋ କୋଚି ଲୋକସ୍ମିଂ ବିଜ୍ଜତି ।
ୟୋ ନିନ୍ଦଂ ଅପ୍‌ପବୋଧତି ଅସ୍‌ସୋ ଭଦ୍ରୋ କସାମିବ ॥

(Is there in the world any man so irreprochable as not to deserve censure, even like a thoroughbred that needs no whip ?)

ସୁଶିକ୍ଷିତ ଅଶ୍ୱ ଯେପରି ନିଜ ଉପରେ କଶାଘାତ ଆବଶ୍ୟକ କରେ ନାହିଁ, ସେହିପରି ଏ ଜଗତରେ ଏପରି କୌଣସି ନିର୍ଦୋଷ ବ୍ୟକ୍ତି ଅଛନ୍ତି ଯେ କି ନିନ୍ଦାର ଅଯୋଗ୍ୟ ?

(୧୬)

ଅସ୍‌ସୋ ୟଥା ଭଦ୍ରୋ କସାନିବିଟ୍‌ଠୋ
ଆତାପିନୋ ସଂବେଗିନୋ ଭବାଥ ।
ସଦ୍ଧାୟ ସୀଲେନ ଚ ବିରିୟେନ ଚ
ସମାଧିନା ଧମ୍ମବିନିଚ୍ଛୟେନ ଚ ।
ସମ୍ପନ୍ନବିଜ୍ଜାଚରଣା ପତିସ୍‌ସତା
ପହସ୍‌ସଥ ଦୁକ୍‌ଖମିଦଂ ଅନପ୍‌ପକଂ ॥

(As a thoroughbred, flecked with the whip, gets energetic and speeds fast, even so a man who is perfect in knowledge and conduct, who is selfconscious and always remembering, through his faith and conduct and strength, concentration on and pursuit of truth, runs away from the Great Suffering.)

କଶାହତ ସୁଶିକ୍ଷିତ ଅଶ୍ୱ ଯେପରି ତେଜସ୍ୱୀ ଓ କ୍ଷିପ୍ରଗତିଶୀଳ ହୁଏ, ସେହିପରି ପୂର୍ଣ୍ଣଜ୍ଞାନବାନ୍ ଓ ସଦାଚାରପରାୟଣ, ଆତ୍ମସଚେତନ ଓ ଧ୍ୟାନରତ ବ୍ୟକ୍ତି ନିଜର ଶ୍ରଦ୍ଧା, ଶୀଳତା, ବୀର୍ଯ୍ୟ, ସତ୍ୟପ୍ରଣିଧାନ ଓ ସତ୍ୟାନୁସନ୍ଧାନ ଦ୍ୱାରା ମହତ୍ ଦୁଃଖକୁ ସତ୍ୱର ଅତିକ୍ରମ କରନ୍ତି ।

(୧୭)

ଉଦକଂ ହି ନୟନ୍ତି ନେତ୍ତିକା ଉସୁକାରା ନମୟନ୍ତି ତେଜନଂ ।
ଦାରୁଂ ନମୟନ୍ତି ତଚ୍ଛକା ଅତ୍ତାନଂ ଦମୟନ୍ତି ସୁବ୍ବତା ॥

(Engineers canalise the water, makers

of arms mould the arrow, carpenters fashion the wood, even so the sages direct themselves.)

ଇଞ୍ଜିନିୟରଗଣ ପୟଃପ୍ରଣାଳୀରେ ଜଳପ୍ରବାହ ନିୟନ୍ତ୍ରଣ କରନ୍ତି, ଅସ୍ତ୍ରକାର ଶରର ଗଠନ ସମ୍ପାଦନ କରନ୍ତି, ସୂତ୍ରଧର କାଷ୍ଠକୁ ଭିନ୍ନ ଆକାର ଦାନ କରନ୍ତି, ସେହିପରି ପ୍ରାଜ୍ଞ ବ୍ୟକ୍ତିଗଣ ନିଜକୁ ପରିଚାଳିତ କରନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

କାହାରି କାହାରି ମନରେ ଏପରି ଧାରଣା ହୁଏ ଯେ ଏହି ବିଷୟଗୁଡ଼ିକ ବରଂ ଆଦିମ ଯୁଗର ମନୁଷ୍ୟମାନଙ୍କ ପାଇଁ ଲିଖିତ ହୋଇଥିଲା । ପରର ଅନିଷ୍ଟ ସାଧନ କଲେ ତୁମର ଯେଉଁସବୁ ବିଷମ ବିପଦ କ୍ରମାଗତ ଘଟିବ ତାହା ଏକେବାରେ କୌତୁକଜନକ ।

ଏପରି ବୋଧହୁଏ ଯେ ବୁଦ୍ଧଦେବ (ଅବଶ୍ୟ ବୁଦ୍ଧଦେବ ଯେଉଁସବୁ କଥା କହିଥିଲେ ତାହା ଯଦି ଏଠାରେ ଠିକ୍ ଭାବରେ ଲିପିବଦ୍ଧ ହୋଇଥାଏ) ଶ୍ରୋତାମାନଙ୍କ ଶ୍ରେଣୀ ଅନୁଯାୟୀ ତାଙ୍କ ଭାଷଣରେ ଅର୍ଥପ୍ରଦର୍ଶକ ଶବ୍ଦର ପରିବର୍ତ୍ତନ କରୁଥିଲେ ଏବଂ ଯେତେବେଳେ ତାଙ୍କୁ ଅଶିକ୍ଷିତ ଗ୍ରାମବାସୀମାନଙ୍କୁ କହିବାକୁ ପଡୁଥିଲା, ସେତେବେଳେ ସେ ବିଶେଷ କାର୍ଯ୍ୟୋପଯୋଗୀ ଏବଂ ପ୍ରତ୍ୟକ୍ଷ ବସ୍ତୁର ଉପମା ସହିତ ସାଧାରଣ ପ୍ରଚଳିତ ଭାଷାରେ କହୁଥିଲେ, ଯେପରିକି ସେମାନେ ତାହା ବୁଝିପାରିବେ । ତାଙ୍କର ଏହି ଭାଷଣଗୁଡ଼ିକରେ ବିଶେଷ ସ୍ତର ଭେଦ ରହିଛି । ତନ୍ମଧ୍ୟରେ କେତୋଟି କଥା ବିଖ୍ୟାତ,— ଯେପରି ଶେଷ ଶ୍ଳୋକଟିରେ ବର୍ଣ୍ଣିତ ହୋଇଛି ଯେ କାରିଗର ତାହାର ଅଭିପ୍ରେତ କାର୍ଯ୍ୟ ସମ୍ପାଦନ ନିମିତ୍ତ ଉପାଦାନଗୁଡ଼ିକ ରଚିତ କରେ ଏବଂ ଏହି ମର୍ମସ୍ପର୍ଶୀ ଉପସଂହାର — ''ପ୍ରାଜ୍ଞ ବ୍ୟକ୍ତି ନିଜ ଉପରେ ପ୍ରଭୁତ୍ୱ ସ୍ଥାପନ କରନ୍ତି ।''

ପ୍ରକୃତରେ ଆମ୍ଭମାନଙ୍କର ଏପରି ଧାରଣା ହୁଏ ଯେ ପୁରାତନ ଯୁଗରୁ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ମନୁଷ୍ୟର ମନ ଅଗ୍ରସର ହୋଇଛି । ମନୁଷ୍ୟର ଚିନ୍ତାଧାରା ଅଧିକ ଜଟିଳ ହୋଇଛି; ମାନସିକ କ୍ରିୟାଧାରା ଅଧିକ ଗଭୀର ହୋଇଛି, ଏପରିକି ଏଠାରେ ବିଷୟ ବର୍ଣ୍ଣନାରେ ଯେଉଁ ବିଚାର କରାହୋଇଛି, ତାହା ପ୍ରାୟ ଅକିଞ୍ଚିତ୍କର ବୋଧ ହୁଏ । କିନ୍ତୁ ଯଦି ଏହି ଶିକ୍ଷା ଅନୁସରଣ କରିବା ତୁମର ଅଭିପ୍ରାୟ ଥାଏ, ତା'ହେଲେ ତୁମେ ଜାଣିପାରିବ ଯେ ତୁମେ ପ୍ରାୟ ପୂର୍ବକାଳର ସେହି ସ୍ତରରେ ଏପର୍ଯ୍ୟନ୍ତ ରହିଛ । ତୁମର ଚିନ୍ତାଧାରାର ଅଗ୍ରଗତି ହୋଇଥିଲେ ସୁଦ୍ଧା କାର୍ଯ୍ୟତଃ ସାଧନାରେ ଉନ୍ନତି ପରିବର୍ତ୍ତେ ବିଶେଷ ଅବନତି ଘଟିଛି । ଏବଂ ଏଠାରେ ଯେଉଁ ସୁସ୍ଥଚିତ୍ତବିଶିଷ୍ଟ ବାଳସୁଲଭ ଅକପଟ ସରଳତା ଓ ଭ୍ରଷ୍ଟଚରିତ୍ରର ଅଭାବ ବର୍ଣ୍ଣିତ ହୋଇଛି, ତାହା ଦୁର୍ଭାଗ୍ୟବଶତଃ ବର୍ତ୍ତମାନ ମାନବଜାତିର ଆଉ ଆୟତ୍ତରେ ନାହିଁ ।

ସେ ଯୁଗରେ ଯେଉଁ ନୈତିକ ସୁସ୍ଥତା ବିଦ୍ୟମାନ ଥିଲା ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ଲୋପ ପାଇଛି । ଏଠାରେ ବର୍ଣ୍ଣିତ ବିଚାରଧାରା ତୁମକୁ ହାସ୍ୟାସ୍ପଦ ବୋଧ ହେଉଛି, କିନ୍ତୁ ଏହି ଶିକ୍ଷାର ସାଧନା ପୂର୍ବକାଳ ଅପେକ୍ଷା ବର୍ତ୍ତମାନ ଯୁଗରେ ଅଧିକ କଷ୍ଟସାଧ୍ୟ ହୋଇଛି । ବୋଧ ହେଉଛି ଯେପରିକି ଏକ ପ୍ରକାର କପଟତା, ଛଳନା, ପ୍ରଚ୍ଛନ୍ନ ପ୍ରତାରଣା ମନୁଷ୍ୟର ଆତ୍ମାକୁ, ବିଶେଷତଃ ତାହାର ସତ୍ତାର ଧାରାକୁ ଅଭିଭୂତ କରିଛି ଏବଂ ମାନବଗଣ ସାଂଘାତିକ ରୂପେ ଆତ୍ମପ୍ରବଞ୍ଚନାର ଅଧୀନ ହୋଇଛନ୍ତି ।

ସେ ଯୁଗରେ କୁହାଯାଉଥିଲା, ''ପରର ଅନିଷ୍ଟ କର ନାହିଁ, ତୁମେ ଦଣ୍ଡ ଭୋଗ କରିବ''; ସେ ଯୁଗର ସରଳ ମନ ଓ ସରଳ ହୃଦୟ ଯୋଗୁଁ ବ୍ୟକ୍ତି ବିଚାର କରି ପାରୁଥିଲା — ''ଅବଶ୍ୟ ପରର ଅନିଷ୍ଟ କରିବା ଉଚିତ ନୁହେଁ, କାରଣ ମୁଁ ଦଣ୍ଡ ପାଇବି ।'' କିନ୍ତୁ ବର୍ତ୍ତମାନ ଯୁଗରେ (ପରିହାସପୂର୍ବକ) ତୁମେ କହିଥାଅ — ''ଆଚ୍ଛା, ଦଣ୍ଡବିଧାନରୁ ଖସିଯିବା ପାଇଁ ମୁଁ ଉପଯୁକ୍ତ ବ୍ୟବସ୍ଥା କରିପାରିବି ।''

ବର୍ତ୍ତମାନ କାଳରେ ମନୁଷ୍ୟର ମାନସିକ ଦକ୍ଷତା, ମାନସିକ କ୍ଷମତା ବୋଧହୁଏ ବୃଦ୍ଧିଲାଭ କରିଛି, ବିଭିନ୍ନ ଭାବଧାରାର ଚତୁରଚର୍ଚ୍ଚା କରିବାରେ ମନୁଷ୍ୟ ଅଧିକ ସମର୍ଥ ହୋଇଛି, ମନ ସାହାଯ୍ୟରେ ଯାବତୀୟ ମୌଳିକ ତତ୍ତ୍ୱର ବିଚାର ବ୍ୟବସ୍ଥା କରିପାରୁଛି, କିନ୍ତୁ ତାହା ସତ୍ତ୍ୱେ ସେ ଅତୀତ ଯୁଗର ମନୁଷ୍ୟର ଅକପଟ ଓ ସୁସ୍ଥ ସରଳ ପ୍ରକୃତି ହରାଇଛି । ସେ କାଳର ଲୋକେ ନୈସର୍ଗିକ ପ୍ରକୃତିର ସାନ୍ନିଧ୍ୟରେ ଜୀବନଯାପନ କରୁଥିଲେ ଏବଂ ବିଭିନ୍ନ ମତାମତର ଚତୁରଚର୍ଚ୍ଚାତତ୍ପର ନ ଥିଲେ । ବର୍ତ୍ତମାନ ଯୁଗରେ ସମଗ୍ର ମାନବସମାଜର ସରଳ ମାର୍ଗରୁ ଏକ ବିପଜ୍ଜନକ ବିଚ୍ୟୁତି ଘଟିଛି । ଯେଉଁମାନେ

ସର୍ବବ୍ୟାପୀ ଦୁର୍ନୀତିର ସମାଧାନ ଚେଷ୍ଟା ହେତୁ ଅତୀତ ଯୁଗର ସରଳ ଜୀବନଧାରାକୁ ପୁନରାୟ ଫେରି ଯିବାକୁ ଉପଦେଶ ଦେଉଛନ୍ତି, ତାହା କାର୍ଯ୍ୟତଃ ଅସମ୍ଭବ; ତୁମେ ଆଉ ପଛକୁ ଫେରିଯାଇ ପାରିବ ନାହିଁ ।

ତୁମକୁ ଆହୁରି ଅଧିକ ଅଗ୍ରସର ହେବାକୁ ହେବ, ଉନ୍ନତ ହେବାକୁ ହେବ, ଲୋଭନୀୟ ସୁଖାନ୍ୱେଷଣ ଓ ବ୍ୟକ୍ତିଗତ ହିତାକାଙ୍କ୍ଷା ଅତିକ୍ରମପୂର୍ବକ ଉଚ୍ଚତର ଚେତନା ରାଜ୍ୟକୁ ଆରୋହଣ କରିବାକୁ ହେବ । ଏହି ଉଦ୍ୟମ ଦଣ୍ଡଭୟ ହେତୁ ଅଥବା ମୃତ୍ୟୁ ପରେ ଶାସ୍ତିର ଭୟ ହେତୁ କରାଯିବ ନାହିଁ; କିନ୍ତୁ ଏକ ନୂତନ ସୌନ୍ଦର୍ଯ୍ୟଜ୍ଞାନର ବିକାଶସାଧନ, ସତ୍ୟ ଓ ଆଲୋକ ପ୍ରତି ଅଭୀପ୍ସା, ନିଜର ଚେତନାର କେବଳ ପ୍ରସାରଣର ଆବଶ୍ୟକତା ହୃଦୟଙ୍ଗମ କରିବା ଦ୍ୱାରା, ନିଜର ଚେତନାକୁ ଦୀପ୍ତିମାନ୍, ଅଗ୍ରଗତିର ଅନୁରାଗ ସହ ଚେତନାକୁ ପ୍ରୋଜ୍ଜ୍ୱଳ କରିବା ଦ୍ୱାରା ତୁମେ ପୂର୍ଣ୍ଣ ସତ୍ୟ ଓ ସ୍ଥାୟୀ ସୁଖ ଅବିଳମ୍ବେ ପ୍ରାପ୍ତ ହେବ ।

ତୁମକୁ ଉତ୍‌ଥାନଶୀଳ ହେବାକୁ ଓ ପ୍ରସାର ଲାଭ କରିବାକୁ ହେବ – ଉନ୍ନତ ହୁଅ, ଉଦାରଚେତା ହୁଅ ।

(କ୍ରମଶଃ)

(“Mother’s Commentary on the Dhammapada”
‘‘ଶ୍ରୀମା’ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ’’,
ପୃଷ୍ଠା : ୯୨ - ୧୦୦)

ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

## ଆନ୍ତର ଶୁଦ୍ଧି ଓ ଅଭିବ୍ୟକ୍ତି

ନିମ୍ନ ପ୍ରକୃତି ଓ ତା’ର ବାଧାବିଘ୍ନଗୁଡ଼ିକ ଉପରେ ଅତ୍ୟଧିକ ମନ ଦେବା ଏକ ଭୁଲ୍, ଏହା ହେଉଛି ସାଧନାର ନକାରାତ୍ମକ ପାର୍ଶ୍ୱ । ସେଗୁଡ଼ିକୁ ଦେଖିପାରିବା ଓ ଶୁଦ୍ଧ କରିବା ନିଶ୍ଚୟ ଆବଶ୍ୟକ, କିନ୍ତୁ ସେଇଗୁଡ଼ିକହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ବୋଲି ମନେ କରି କେବଳ ସେଇଥିରେ ମନୋନିବେଶ କରି ଲାଗି ରହିଲେ ତାହା ସହାୟକ ହୁଏ ନାହିଁ । ଅବତରଣର ସକାରାତ୍ମକ ଦିଗ ବା ପାର୍ଶ୍ୱଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ । ଯଦି ଜଣେ ସକାରାତ୍ମକ ଅନୁଭୂତିର ଜିନିଷଗୁଡ଼ିକୁ ଆବାହନ କରିବା ପୂର୍ବରୁ ତା’ର ନିମ୍ନ-ପ୍ରକୃତି ସମଗ୍ର ଭାବରେ ଓ ସବୁଦିନ ପାଇଁ ଶୁଦ୍ଧ ହେବା ସକାଶେ ଅପେକ୍ଷା କରେ, ତା’ହେଲେ ତାହାକୁ ହୁଏତ ଚିରକାଳ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ । ଏହା ସତ୍ୟ ଯେ ନିମ୍ନତର ପ୍ରକୃତି ଯେତେ ଅଧିକ ଶୁଦ୍ଧ ହୁଏ, ଉଚ୍ଚତର ପ୍ରକୃତିର ଅବତରଣ ସେତେ ଅଧିକ ସହଜ ହୁଏ, କିନ୍ତୁ ଏହା ମଧ୍ୟ ସତ୍ୟ ଓ ଅଧିକତର ସତ୍ୟ ଯେ ଉଚ୍ଚତର ପ୍ରକୃତି ଯେତେ ଅଧିକ ଅବତରଣ କରେ, ନିମ୍ନତର ପ୍ରକୃତି ସେତେ ଅଧିକ ଶୁଦ୍ଧ ହୁଏ । ନା ପୂର୍ଣ୍ଣ ଶୁଦ୍ଧି, ନା ସ୍ଥାୟୀ ବା ପୂର୍ଣ୍ଣ ଅଭିବ୍ୟକ୍ତି, କୌଣସିଟି ମଧ୍ୟ ହଠାତ୍, ତତ୍‌କ୍ଷଣାତ୍ ଭାବରେ ଆସେ ନାହିଁ, ଏଥିପାଇଁ ସମୟ ଓ ଧୈର୍ଯ୍ୟପୂର୍ଣ୍ଣ ଅଗ୍ରଗତି ପ୍ରୟୋଜନ । ଏହି ଦୁଇଟି ଜିନିଷ (ଶୁଦ୍ଧି ଓ ଅଭିବ୍ୟକ୍ତି) ପାଖ ପାଖ ହୋଇ ଆଗେଇ ଚାଲନ୍ତି ଏବଂ ଗୋଟିଏ ଅନ୍ୟଟିର ହାତ ଧରି ଆଗେଇବାର ଖେଳାରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠୁଥା’ନ୍ତି । – ଏହାହିଁ ସାଧନାର ସାଧାରଣ ମାର୍ଗ ।

– ଶ୍ରୀଅରବିନ୍ଦ

# ଜନ୍ମଦିନର ବାର୍ତ୍ତା

୨. ୨. ୧୯୬୭

ଶୁଭ ଜନ୍ମଦିନ !

ଚମ୍ପକଲାଲକୁ

ପ୍ରେମ ଓ ଆଶୀର୍ବାଦ ସହ ।

ଅସୁସ୍ଥତା ଆସିଥିଲା ଏକ ପରୀକ୍ଷା ରୂପେ ଓ ଚାଲିଗଲା ଏକ ଶୁଦ୍ଧି ରୂପେ, ପୂର୍ଣ୍ଣାଙ୍ଗ ଆତ୍ମୋତ୍ସର୍ଗର ଆନନ୍ଦ ପଥରେ ବାଧା ଦେଉଥିବା ସବୁକିଛିକୁ ସଙ୍ଗରେ ବହନ କରି ।

—ଶ୍ରୀମା

୨. ୨. ୧୯୬୮

ଶୁଭ ଜନ୍ମଦିନ

ଚମ୍ପକଲାଲକୁ !

ପ୍ରେମ ଓ ଆଶୀର୍ବାଦ ସହ ।

—ଶ୍ରୀମା

ଚମ୍ପକଲାଲ,

ତୋତେ ଏକଥା କହିବାକୁ ଖୁସି ଲାଗୁଛି ଯେ ତୁ 'ମୋର ଯଥାର୍ଥ ଶିଶୁ' ଓ ଅଧିକରୁ ଅଧିକ ତୁ ତାହାହିଁ ହୋଇଉଠୁଛୁ ।

— ଶ୍ରୀମା

(ମା' କହିଲେ, 'ମୁଁ ତୋ ପାଖକୁ ଆସେ । ତୁ ଏହାକୁ ଯତ୍ନର ସହ ପଢ଼ିବୁ । ଏହା ବାସ୍ତବ ଘଟନା, ମୋର ଅନୁଭୂତି ।' ସେ ପୁନର୍ବାର ଏଇ କଥା କହିଲେ ।)

୨. ୨. ୧୯୬୯

ଶୁଭ ଜନ୍ମଦିନ !

ଚମ୍ପକଲାଲ,

ଏକ ନୀରବ ଆରାଧନା ମଧ୍ୟରେ ପୂର୍ଣ୍ଣ ଆଲୋକ ତୋ ସହ ରହୁ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

**୭୦ରୁ ୮୦ ଏକ ନୂତନ ଦଶନ୍ଧି**

୨. ୨. ୧୯୭୦

ଚମ୍ପକଲାଲକୁ,

ଆଗେଇ ଚାଲ !

ସବୁବେଳେ ଆଗେଇ ଚାଲ !

ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

**ଜନ୍ମଦିନ କାର୍ଡ଼**

୨. ୨. ୧୯୫୬

ଶୁଭ ଜନ୍ମଦିନ

ଚମ୍ପକଲାଲକୁ

୨. ୨. ୧୯୫୭

ଚମ୍ପକଲାଲକୁ

ପ୍ରେମ ଓ ଆଶୀର୍ବାଦ ସହ ।

୨. ୨. ୧୯୫୯

ଚମ୍ପଲଲାଲକୁ

ଶୁଭ ଜନ୍ମଦିନ !

୨. ୨. ୧୯୬୦

ଚମ୍ପକଲାଲକୁ

ଆଶୀର୍ବାଦ ସହ ।

୨. ୨. ୧୯୬୧

ଚମ୍ପକଲାଲକୁ

ଶୁଭ ଜନ୍ମଦିନ !

ପ୍ରେମ ଓ ଆଶୀର୍ବାଦ ସହ ।

୨. ୨. ୧୯୬୩

(ଚତୁର୍ଦ୍ଦିଗରେ ଜ୍ୟୋତି ବିକିରଣ ସହ ଶ୍ୱେତ ପଦ୍ମ ଉପରେ ମା'ଙ୍କ ପାଦ ରହିଥିବା ଛବି)

ଚମ୍ପକଲାଲକୁ,

ତୋ ହୃଦୟ କେନ୍ଦ୍ରର ଏହା ଯଥାର୍ଥ ପ୍ରତିଛବି ହୋଇଉଠୁ ।

— ଶ୍ରୀମା

(ମା କହିଲେ : ଚମ୍ପକଲାଲ, ଏଇଟିକୁ ବନ୍ଧାଇ କରି ଯତ୍ନର ସହ ରଖ ।)

୨. ୨. ୧୯୬୪

ଶୁଭ ଜନ୍ମଦିନ

ମହାନ୍ କାର୍ଡ଼ନିର୍ମାତା*

ଚମ୍ପକଲାଲକୁ

ଏହି କାର୍ଡ଼ଟି, ଯାହା ସେ କରିଛି ସେସବୁ ନିମନ୍ତେ ପ୍ରଶଂସା ଓ ଆହୁରି ଉତ୍ତମ ବସ୍ତୁର ଆଗମନୀ ନିମନ୍ତେ ମୋର ଆଶା ଜଣାଇ ଦେବା ଲାଗି ।

କ୍ରମବର୍ଦ୍ଧମାନ ନିବିଡ଼ତା ମଧ୍ୟରେ,

ମୋର ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୪

ଚମ୍ପକଲାଲକୁ,

ସବୁବେଳେ ତୋ ସହ ରହିଛି ଚିରକାଳ ନିମନ୍ତେ

ଶାଶ୍ୱତ ପ୍ରେମ ମଧ୍ୟରେ ।

— ଶ୍ରୀମା

୨. ୨. ୧୯୬୪

ଶୁଭ ଜନ୍ମଦିନ !

ଚମ୍ପକଲାଲକୁ,

ଆଗେଇ ଚାଲ ! ନିରନ୍ତର ଆଗେଇ ଚାଲ !

ଆହୁରି ଊର୍ଦ୍ଧ୍ୱକୁ ! ନିରନ୍ତର ଆହୁରି ଊର୍ଦ୍ଧ୍ୱକୁ ଉଠିଚାଲ !

ଆହୁରି ସତ୍ୟମୟ ! ନିରନ୍ତର ଆହୁରି ସତ୍ୟମୟ ହୋଇଉଠ !

ଆଶୀର୍ବାଦ ।

— ଶ୍ରୀମା

(ଏକ ପ୍ରତୀକାତ୍ମକ ପେଣ୍ଟିଙ୍ଗ୍ ତଳେ)

ଲକ୍ଷ୍ୟ ଶାଶ୍ୱତ ଏବଂ ଅନନ୍ତ ...

— ଶ୍ରୀମା

୨. ୨. ୧୯୬୪

ଚମ୍ପକଲାଲକୁ

ତା'ର ଜନ୍ମଦିନ ଲାଗି ଗୌତମ ଦ୍ୱାରା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ।

ପ୍ରେମର ସହ,

— ଶ୍ରୀମା

୨. ୨. ୧୯୬୫

ଚମ୍ପକଲାଲ

'କାର୍ଡ଼' ନିର୍ମାତା,

ତୋ ଲାଗି କିପରି ଗୋଟିଏ କାର୍ଡ଼ ପ୍ରସ୍ତୁତ କରିବି ?

ଏଠାରେ ଖାଲି ଗୋଟିଏ କାର୍ଡ଼ ଲାଗି କେତେକ ଉପକରଣ ରହିଛି,

ତୋର କର୍ମ ଓ ଭକ୍ତି ପ୍ରତି ପୂର୍ଣ୍ଣ ଶ୍ରଦ୍ଧାନୁମୋଦନ ସହ ଏବଂ

ପ୍ରେମ ତଥା ଆଶୀର୍ବାଦ ସହ,

— ଶ୍ରୀମା

୨. ୨. ୧୯୬୬

ଚମ୍ପକଲାଲକୁ

ଏକ ଶକ୍ତିଶାଳୀ, ସୁସ୍ଥ, ଜ୍ୟୋତିର୍ମୟ

ଓ ଆନନ୍ଦମୟ ବର୍ଷ ନିମନ୍ତେ ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୬

ଚମ୍ପକଲାଲକୁ

ଶୁଭ ଅଗ୍ରଗତି !

— ଶ୍ରୀମା

୨. ୨. ୧୯୬୬

ଚମ୍ପକଲାଲ

ଶୁଭ ଜନ୍ମଦିନ !

— ଶ୍ରୀମା

୨. ୨. ୧୯୬୬

ଚମ୍ପକଲାଲ

ଶୁଭ ନବବର୍ଷ !

୨. ୨. ୧୯୬୬

* ସାଧକମାନଙ୍କର ଜନ୍ମଦିନରେ ମା ସେମାନଙ୍କୁ ଦେବା ଲାଗି ଚମ୍ପକଲାଲ ସୁନ୍ଦର ସୁନ୍ଦର ଜନ୍ମଦିନ କାର୍ଡ଼ସବୁ ତିଆରି କରନ୍ତି ।

(ସିଂହ ଛବି ସହ ଗୋଟିଏ କାର୍ଡ଼, ଯାହାକୁ ଦେଇ ମା କହିଲେ, 'ବନ୍ଧୁ' ।)

୨. ୨. ୧୯୬୭

ଶୁଭ ଜନ୍ମଦିନ !

ଶୁଭ ନବବର୍ଷ !

ଶୁଭ ସ୍ୱାସ୍ଥ୍ୟ !

ଚମ୍ପକଲାଲ

ତୋର ସତ୍ତା ଦିବ୍ୟ ପ୍ରେମ ପରିବେଷ୍ଟିତ ଏହି ଅଭୀପ୍ସୁ ହଂସ ସଦୃଶ । ମୋର ପ୍ରେମ ଓ ଆଶୀର୍ବାଦ ମଧ୍ୟରେ ଏହା ଦିବ୍ୟ ଶାନ୍ତି ଓ ଆନନ୍ଦରେ ରହୁ ।

— ଶ୍ରୀମା

୨. ୨. ୧୯୬୮

ଶୁଭ ଜନ୍ମଦିନ !

ଚମ୍ପକଲାଲକୁ

ଏକ ବିସ୍ମୟକର ବର୍ଷ ନିମନ୍ତେ ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

୨. ୨. ୧୯୬୯

ଶୁଭ ଜନ୍ମଦିନ !

ବିଶ୍ୱସ୍ତ ଚମ୍ପକଲାଲକୁ

ପ୍ରେମ ଓ ଆଶୀର୍ବାଦ ସହ

ଆଲୋକ, ଆନନ୍ଦ ଓ ପ୍ରେମ ମଧ୍ୟରେ

ଏକ ସୁଖକର, ସ୍ୱାସ୍ଥ୍ୟପ୍ରଦ ଓ ଉପଯୋଗୀ ବର୍ଷ ନିମନ୍ତେ ।

— ଶ୍ରୀମା

୨. ୨. ୧୯୭୦

ପ୍ରେମ ଓ ଆଶୀର୍ବାଦ ସହ,

— ଶ୍ରୀମା

୨. ୨. ୧୯୭୦

ଶୁଭ ଜନ୍ମଦିନ ଚମ୍ପକଲାଲକୁ !

ମା'ଆ ପାଖରୁ

ଚମ୍ପକଲାଲ ପାଇଁ

ପ୍ରେମ

ଶାନ୍ତି

ଶକ୍ତି

ନୀରବତା

ଚେତନା

— ଶ୍ରୀମା

୨. ୨. ୧୯୭୦

! ଶୁଭ ଜନ୍ମଦିନ !

ଚମ୍ପକଲାଲ !

— ଶ୍ରୀମା

୨. ୨. ୧୯୭୧

ଶ୍ରୀଅରବିନ୍ଦଙ୍କଠାରୁ

ଚମ୍ପକଲାଲକୁ

ଶୁଭ ଜନ୍ମଦିନ !

ଆଶୀର୍ବାଦ

— ଶ୍ରୀମା

୨. ୨. ୧୯୭୧

ଚମ୍ପକଲାଲକୁ

ବିଶ୍ୱସ୍ତତା ନିମନ୍ତେ

ପ୍ରଥମ ପୁରସ୍କାର

ମୋର ପୂର୍ଣ୍ଣ ପ୍ରେମ ସହ

— ଶ୍ରୀମା

୨. ୨. ୧୯୭୨

ଶୁଭ ଜନ୍ମଦିନ

ଚମ୍ପକଲାଲକୁ

ପ୍ରେମ ଓ ଆଶୀର୍ବାଦ ସହ ।

— ଶ୍ରୀମା

(ମା' ମୋର ଜନ୍ମଦିନର କିଛି ଦିନ ପୂର୍ବରୁ ମୋତେ ପଚାରି ଥିଲେ : 'ଚମ୍ପକଲାଲ, ତୁ କ'ଣ ଚାହୁଁ ? ତୁ ଗୋଟିଏ ସୁନ୍ଦର କାର୍ଡ଼ ଆଣ ।' ଯେତେବେଳେ କାର୍ଡ଼ଟିଏ ତାଙ୍କୁ ଦିଆଗଲା

ସେତେବେଳେ ସେ ଖୁବ୍ ଖୁସୀ ହୋଇଗଲେ ଓ ତାଙ୍କ ହସ୍ତସ୍ପର୍ଶ ଦ୍ୱାରା ବାରଂବାର ତାକୁ ଅନୁଭବ କରିବାକୁ ଲାଗିଲେ । ଶ୍ରୀଅରବିନ୍ଦଙ୍କ ଫଟୋ ତଳେ ଗୋଟିଏ ବାଣୀ ଅଠା ସାହାଯ୍ୟରେ ଯୋଡ଼ା ଯାଇଥିଲା :

ମୁଁ ହଜାର ହଜାର ଶିଷ୍ୟ ଚାହେଁ ନାହିଁ । ଯଦି, ଶହେ କ୍ଷୁଦ୍ର ଅହଂକାରମୁକ୍ତ, ପୂର୍ଣ୍ଣମାନବ ଯେଉଁମାନେ କି ଭଗବାନଙ୍କ ଯନ୍ତ୍ର ହୋଇପାରିବେ, ସେମାନଙ୍କୁ ମୁଁ ପାଇପାରେ ତେବେ ତାହାହିଁ ଯଥେଷ୍ଟ । — ଶ୍ରୀଅରବିନ୍ଦ)

ମା' ଏହି କାର୍ଡ଼ ଉପରେ ଲେଖିଥିଲେ :

୨. ୨. ୧୯୭୨

ଶୁଭ ଜନ୍ମଦିନ

ଶ୍ରୀଅରବିନ୍ଦ ଓ ମା'ଙ୍କ ଚମ୍ପକକୁ,

ଶହେ ଭିତରୁ ଜଣେ

ଚିରକାଳ ଲାଗି ମୋର ପ୍ରେମ, ଆଦର, ବିଶ୍ୱାସ ଓ ଆଶୀର୍ବାଦ ସହ ।

ଦିବ୍ୟ ସିଦ୍ଧିର ପଥରେ ।

— ଶ୍ରୀମା

୨. ୨. ୧୯୭୨

ଶୁଭ ଜନ୍ମଦିନ

ଚମ୍ପକଲାଲକୁ

ମୋର ପ୍ରେମ ସହ

୨. ୨. ୧୯୭୩

ଶୁଭ ଜନ୍ମଦିନ

ଚମ୍ପକଲାଲକୁ

ଲକ୍ଷ୍ୟରେ ପହଞ୍ଚିବା ନିମନ୍ତେ ମୋର ସମସ୍ତ ପ୍ରେମ, ବିଶ୍ୱାସ ଓ ମୋର ଆଶୀର୍ବାଦ ସହ ।

ଆସ, ଆମ୍ଭେମାନେ ସମସ୍ତେ ସେହି ପରମ ପ୍ରଭୁଙ୍କ ନିକଟରେ ଶାଶ୍ୱତ କାଳ ନିମନ୍ତେ କୃତଜ୍ଞ ହେବା ଯିଏକି ନିରନ୍ତର ଆମକୁ ପଥ ଦେଖାଇଛନ୍ତି ଓ ଦେଖାନ୍ତି ।

— ଶ୍ରୀମା

୨. ୨. ୧୯୭୩ (କଳା କାଳିରେ)

ଶୁଭ (ସବୁଜ କାଳି) ଜନ୍ମଦିନ ! (ଟିକିଏ ବାଇଗଣୀ କାଳି) ଚମ୍ପକଲାଲ (ମାଟିଆ କାଳି)

— ଶ୍ରୀମା (ଲାଲ କାଳି)

୨. ୨. ୧୯୭୩

ଶୁଭ ଜନ୍ମଦିନ

ମୋର ଚମ୍ପକଲାଲକୁ

୨. ୨. ୧୯୭୩

ଶୁଭ ଜନ୍ମଦିନ

ଚମ୍ପକଲାଲକୁ

ଚମ୍ପକଲାଲ

ପ୍ରେମ

ପ୍ରଚୁର ପ୍ରେମ

ସହ

('ଚମ୍ପକଲାଲ କହନ୍ତି'ରୁ ସଂଗୃହୀତ : ପୃଷ୍ଠା - ୨୩୯-୨୪୮)

କାମଟି ପାଇଁ ତୁମକୁ ବ୍ୟବହାର କରିବାକୁ କେବଳ ଦିବ୍ୟଶକ୍ତି ନିମନ୍ତେ ଅଭୀପ୍ସା କର, କାମଟି କରିବା ବେଳେ ମା'ଙ୍କ ସଙ୍ଗେ ଆନ୍ତର ସଂଯୋଗ ରକ୍ଷା କରି ଚାଲ, ଏବଂ ନିଜର କୌଣସି ବ୍ୟକ୍ତିଗତ ଯଶଖ୍ୟାତି ବା ଅନ୍ୟମାନଙ୍କ ପ୍ରଶଂସା ଓ ନିନ୍ଦା ପ୍ରତି ଦୃଷ୍ଟି ନଦେଇ କେବଳ ଲକ୍ଷ୍ୟ ରଖ ତୁମେ ଯେପରି ନିଖୁଣ ସୌନ୍ଦର୍ଯ୍ୟର ପ୍ରକାଶ ଦିଗରେ ଏକ ଯନ୍ତ୍ର ହୋଇ ଉଠିବ ।

— ଶ୍ରୀଅରବିନ୍ଦ

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ମାନ୍ଧାତା ଅମଳର ସଂସ୍କାରକ

ସମୟ ଥିଲା ଓ ସେ ସମୟ ବିଗତ ଦୁଇବର୍ଷରୁ ଅଧିକ ହେବନି, ଆଉ ବାସ୍ତବିକ ଏମିତିକି ତା' ଅପେକ୍ଷା ମଧ କମ୍ ହୋଇଥିବ ଯେତେବେଳେ ମି. ମୋର୍ଲେ ତାଙ୍କ ସଂସ୍କାରଗୁଡ଼ିକ ଘୋଷଣା କରିଥିଲେ ଯାହା ଅନେକ ବ୍ୟକ୍ତିଙ୍କ ଦ୍ୱାରା ପ୍ରବଳ ଉତ୍ସାହର ସହିତ, ଅନ୍ୟମାନଙ୍କ ଦ୍ୱାରା ବେଶ୍ ସନ୍ତୋଷଜନକ ଭାବେ ସମାଦୃତ ହୋଇଥିବ ଏହି ଭାରତରେ, ଜନମାନସକୁ ସୁହାଇଲା ପରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୁବିଧା ରୂପରେ ଓ ସଠିକ ଦିଗରେ ଏକ ପ୍ରଚେଷ୍ଟା ରୂପରେ, ତାହା ଯେତେ କ୍ଷୁଦ୍ର ହୋଇ ଥାଉନା କାହିଁକି । ଆଜି କିନ୍ତୁ ସେଗୁଡ଼ିକୁ କେତେଜଣ ଗ୍ରହଣ କରିଛନ୍ତି ଘୃଣା ଓ ଉପହାସର ବସ୍ତୁ ରୂପରେ, ଅନ୍ୟମାନେ ଗ୍ରହଣ କରିବାକୁ ଯାଇ ତିକ୍ତତା ଓ ଅସନ୍ତୋଷର ଭାବକୁ ପ୍ରକଟ କରିଛନ୍ତି, ଏପରିକି ସରକାରଙ୍କ ଅନୁଗତମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରହଣ କରିଛନ୍ତି ଗୋଟିଏ ଶିଥିଳ ଓ ସୀମିତ ମାନ୍ୟତା ଦେଇ । ଅଧିକନ୍ତୁ, ନିହାତି ସମ୍ଭାବ୍ୟ ନାଟକୀୟ ପରିସ୍ଥିତି ଭିତରେ ଏବଂ ଗୋଟିଏ ଆୟାସସାଧ ଜଟିଳ ସମସ୍ୟାର ଏକ ସମାଧାନ ରୂପରେ ନୀତିଟିର ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଆନୁଷ୍ଠାନିକ ଘୋଷଣା ଆଗରୁ କେବେ ବି ଶୁଣିବାକୁ ମିଳିନି ଯାହା ନିଃସୃତ ହୋଇଛି ବହୁତ କିଛି ଆଶା କରାଯାଉଥିବା ଜଣେ ଖ୍ୟାତନାମା ଏବଂ ଏକଦା ସମ୍ମାନାସ୍ପଦ ରାଷ୍ଟ୍ରନୀତିଜ୍ଞଙ୍କ ମୁଖରୁ, ଯାହା ଅଭିପ୍ରେତ ଥିଲା ଶ୍ରୋତୃମଣ୍ଡଳୀଙ୍କ ମାନସପଟରେ ଗଭୀର ରେଖାପାତ କରିବା ପାଇଁ, କିନ୍ତୁ ତାହା ଯେ ସମ୍ପୂର୍ଣ୍ଣ ନିଷ୍ଫଳ ହୋଇଗଲା ସେଇମାନଙ୍କ ପାଖରେ । ଏହିପରି ଏକ ଆକସ୍ମିକ ଓ ଆମୂଳଚୂଳ ପରିବର୍ତ୍ତନରେ ସ୍ତମ୍ଭୀଭୂତ ବାହ୍ୟଜଗତ୍ ହୁଏତ ଏହାର କାରଣଗୁଡ଼ିକ କ'ଣ ବୋଲି ଭଲ ଭାବରେ ପଚାରି ପାରେ । ଅବଶ୍ୟ ପ୍ରକୃତ କାରଣଟି ହେଲା ସେଇ ବିପ୍ଳବ ଯାହା ଭାରତୀୟ ଦୃଷ୍ଟିଭଙ୍ଗୀ ଓ ଭାବନା ମଧଦେଇ ଏହି ଦୁଇବର୍ଷ ଭିତରେ ପ୍ରସ୍ତୁତ ହୋଇ ସାରିଛି । ବ୍ରିଟିଶ ଉଦାରବାଦ ଯେଉଁଠାରେ ଥିଲା ସେଇଠାରେହିଁ ଦଣ୍ଡାୟମାନ ରହିଛି ଏବଂ ଆଗକୁ ଅଗ୍ରସର ହେବା ପାଇଁ ମନା କରି ଦେଇଛି । ଭାରତୀୟ ଜନମତ ବିରାଟ ପାହୁଣ୍ଡମାନ ପକେଇ ବହୁତ ଆଗରେ ତା'ର ଆସ୍ଥାନ ଜମେଇ ସାରିଛି । ବ୍ରିଟିଶ ଉଦାରବାଦୀର ଆପଣା ଦୃଷ୍ଟିଭଙ୍ଗୀ ଅନୁସାରେ ବୋଧେ ଅଭିଯୋଗର ସେମିତି କିଛି କାରଣ ରହିଛି । ଭାରତୀୟ ରାଜନୀତିରେ ସେତେବେଳେ ପ୍ରାଧାନ୍ୟ ବିସ୍ତାର କରି ରହିଥିବା ଭାରତୀୟ ଜନମତର ଗୋଟିଏ ଗୋଷ୍ଠୀ ସହିତ ତା'ର ଏକ ପ୍ରକାର ବୁଝାମଣା ହୋଇଥିଲା, ଆମମାନଙ୍କ ପକ୍ଷରୁ ବ୍ରିଟିଶ ଶାସନର ସ୍ଥାୟିତ୍ୱ ପାଇଁ ତାକୁ ନିର୍ଭର ପ୍ରତିଶ୍ରୁତି ଦେବାର ଥିଲା, ସ୍ୱାୟତ୍ତ ଶାସନ ସକାଶେ ଆମର ଅଯୋଗ୍ୟପଣିଆକୁ ବିଧିର ନିର୍ଦ୍ଦେଶ ରୂପେ ମାନିନେବା ପାଇଁ ଏବଂ କାଳ କାଳ ଧରି ତା' ବଶ୍ୟତା ସ୍ୱୀକାର କରିବା ପାଇଁ ତଥା ବିଧିର ବିଧାନ ରୂପେ ପରାବଲମ୍ବନତାକୁ ବରଣ କରିନେବା ପାଇଁ । ତା' ପକ୍ଷରୁ, ଆମ ଜାତୀୟ ଭବିଷ୍ୟତକୁ ଜଳାଞ୍ଜଳି ଦେବା ଉଦ୍ଦେଶ୍ୟରେ ସେ କ୍ଷତିପୂରଣର ମାତ୍ରାମାନ ବଢ଼େଇ ଚାଲିଛି ଆମ ପରାଧୀନ ଅବସ୍ଥାର ଉତ୍ତରୋତ୍ତର ଅପନୋଦନଗୁଡ଼ିକ ଆଣି ଆମକୁ ଦେବା ପାଇଁ; ତା' ନିଜ ସୁବିଧା ଓ ସାମର୍ଥ୍ୟ ଅନୁସାରେ ସେ ଏଗୁଡ଼ିକ କ୍ରମେ ଧୀରେ ଧୀରେ ଆମକୁ ପ୍ରଦାନ କରିବାକୁ ପ୍ରସ୍ତୁତ ଥିଲା । ଅନେକ ଶତାବ୍ଦୀ ବିତିଗଲା ପରେ ଭାରତକୁ ଇଂଲଣ୍ଡର ଜଣେ ଆସ୍ଥାଭାଜନ ଅନୁଚର କିଂବା ଅଧିକତଃ ଗୋଟିଏ ପୋଷ୍ୟ ସନ୍ତାନ ପରି ସେମିତି ନିହାତି କିଛିରେ ପରିଣତ ହୋଇ ଯିବାର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରାଗଲା ନାହିଁ । ଏହି ମୁଲଚାଲଟି ଥିଲା ଏକତରଫା, କିନ୍ତୁ ଆପଣା ଦୁର୍ବଳତାର ବୋଧ ବ୍ରିଟିଶ ସଭ୍ୟତାର ଶ୍ରେଷ୍ଠ ଉତ୍କର୍ଷର ଏବଂ ବ୍ରିଟେନ୍‌ର ଅଟଳ ବଳବିକ୍ରମର ବୋଧ ଆଚ୍ଛନ୍ନ କରି ରଖିଥିଲା ରାଜନୈତିକ ନେତୃବୃନ୍ଦଙ୍କୁ । ସେମାନଙ୍କର ମଧ ଥିଲା ଏକ ପ୍ରଗାଢ଼ ଆସ୍ଥା ଇଂଲଣ୍ଡର ନ୍ୟାୟବିଚାର ପ୍ରତି ଆଉ ଇଂରେଜ ଉଦାରବାଦର ଅନାବିଳ ଆଦର୍ଶ ପ୍ରତି । ଏକ ମୁଲଚାଲ କିଂବା ସୁବିଧା ଅସୁବିଧାଗୁଡ଼ିକର ଗୋଟିଏ ଚତୁରତାପୂର୍ଣ୍ଣ ବିବେଚନା ରୂପେ ନୁହେଁ କିନ୍ତୁ ନ୍ୟାୟବିଚାର ବୋଧ ଦୃଷ୍ଟିରୁ ଏବଂ ସମଗ୍ର ଜଗତ୍ ବ୍ୟାପୀ ଉଦାରଚେତା ମହତ୍ ଆକାଙ୍କ୍ଷାଗୁଡ଼ିକ ପ୍ରତି ଏକ ଯଥାର୍ଥ ସମ୍ବେଦନଶୀଳତାର ବୋଧରୁ ଉଦ୍ଦୀପିତ ହୋଇ ଉଦାରବାଦୀ ସରକାର ଯେ ଛୋଟ ଛୋଟ ଅଧିକାର ଓ ବିଶେଷ ସୁବିଧାଗୁଡ଼ିକ ଭେଟି ଆକାରରେ ଦେଇଥିଲା, ଏକଥା ସେମାନେ ବିଶ୍ୱାସ

କରି ନେଇଥିଲେ । ତେଣୁ ସେମାନେ ପ୍ରସ୍ତୁତ ହୋଇ ରହିଥିଲେ ଯାହାକିଛି ଛୋଟ ଛୋଟ ଅନୁକମ୍ପାଗୁଡ଼ିକ ସେମାନଙ୍କୁ ପ୍ରଦାନ କରାଯାଇଛି ତାକୁ କୃତକୃତ୍ୟ ହୋଇ ଗ୍ରହଣ କରିନେବା ପାଇଁ । ବର୍ତ୍ତମାନ ସର୍ବସାଧାରଣଙ୍କ ମନୋଭାବରେ ପରିବର୍ତ୍ତନ ଘଟିଛି । ବିଦେଶୀ ଉପରେ ଗୋଟିଏ କାପୁରୁଷୋଚିତ ତଥା ଅକ୍ଳେଶରେ ତୃପ୍ତ ନିର୍ଭରଶୀଳତା ଭିତରୁ ସହସା ସେମାନେ ଚାଲି ଆସିଛନ୍ତି ସେମାନଙ୍କର ସ୍ୱତନ୍ତ୍ର ଜାତୀୟ ଅସ୍ତିତ୍ୱର ଏକ ଆବେଗମୟ ଏବଂ ସଂକଳ୍ପବଦ୍ଧ ଦୃଢ଼ୋକ୍ତି ଭିତରକୁ, ନିଜ ବ୍ୟାପାରଗୁଡ଼ିକୁ ନିଜେ ନିୟନ୍ତ୍ରଣ କରିବା ସକାଶେ ସେମାନଙ୍କ ଅଧିକାରର ତୁରନ୍ତ ସ୍ୱୀକୃତି ପାଇଁ ଦାବି ଭିତରକୁ । ଏଭଳି ପରିବର୍ତ୍ତନରେ ଭାରତର ପ୍ରାକ୍ତନ ବନ୍ଧୁମାନେ ଯେ ଆତଙ୍କରେ ଶିହରି ଉଠିବେ, ଆକ୍ରୋଶରେ ଜର୍ଜରିତ ହେବେ କିଂବା ସେମାନଙ୍କର ଜଣାଶୁଣା ବୟୋଜ୍ୟେଷ୍ଠ ନେତୃବୃନ୍ଦଙ୍କୁ ଭେଟି ନିବେଦନ କରିବେ ଏବଂ ମନେ ମନେ ଭାବି ନେବେ ଯେ ସେଇ ବୟସ୍କମାନଙ୍କ ପ୍ରଭାବରେ ସେମାନଙ୍କ ପରିଷଦଗୁଡ଼ିକରୁ ଚରମପନ୍ଥୀମାନଙ୍କୁ ବିତାଡ଼ିତ କରି ଦିଆ ଯାଇପାରିବ ଏଥିରେ ବିସ୍ମିତ ହେବାର କିଛି ନାହିଁ, ଶେଷରେ ସେଇ ଚିରାଚରିତ ଆନୁଗତ୍ୟ ଆଡ଼କୁ ସେମାନେ ମୁହାଁଇବେ ଆଉ ଚୁକ୍ତିବଦ୍ଧ ହୋଇଥିବା ସର୍ତ୍ତଗୁଡ଼ିକ ପାଳନ କରିବେ । ''ଆମେ ଯେଉଁଠି ଥିଲୁ ସେଇଠାରେହିଁ ରହିଛୁ, ତଥାପି ଆମେମାନେ ତୁମ ପାଖରେ ସେଇ ସର୍ତ୍ତଗୁଡ଼ିକୁ ରଖିଛୁ'', ପାଟି କରି ସେମାନେ କହିବେ, ''ତୁମେ ବାବୁ ତୁମର ସଂସ୍କାରଗୁଡ଼ିକ ସବୁ କରିବା କଥା କରିବ କିନ୍ତୁ ଆମର ସେଇ ସର୍ତ୍ତ, ଅର୍ଥାତ୍ ବ୍ରିଟିଶ ଶାସନର ସ୍ଥାୟିତ୍ୱ ଅନୁଯାୟୀ ସମସ୍ତ କିଛି ଦୁର୍ବାର ମହତ୍ ଆକାଙ୍କ୍ଷାକୁ ଦମନ କରିବାକୁ ହେବ, ବିପ୍ଳବ ଓ ବିଶୃଙ୍ଖଳାର ଶକ୍ତିଗୁଡ଼ିକ ଠାରୁ ସଂଯୋଗକୁ ଛିନ୍ନ କରିବାକୁ ପଡ଼ିବ ।'' ଏହିଭଳି ଭାବେ ସେମାନେ ବଡ ଜୋର୍‌ରେ ଅଡ଼ି ବସିବେ ଓ ନରମପନ୍ଥୀଙ୍କ ପାଖକୁ ଆସି କହିବେ ମୁହଁ ବୁଲେଇ ପଛକୁ ଫେରିଯିବା ପାଇଁ ପୂର୍ବପଦାଙ୍କମାନ ଅନୁସରଣ କରି ଆଉ କୋଡ଼ିଏ ବର୍ଷ ପୂର୍ବେ ସ୍ଥିତି ଯାହାଥିଲା ପ୍ରମୁଖ ଶକ୍ତି ସାହାଯ୍ୟରେ ସେଇ ସ୍ଥିତିରେ ଭାରତକୁ ଆଣି ପହଞ୍ଚେଇ ଦେବା ପାଇଁ ସେମାନଙ୍କ ସାଥିରେ । ଏହା ଥିଲା ଏକ ବ୍ୟର୍ଥ ଆର୍ତ୍ତନାଦ । ଯଦିଚ ନରମପନ୍ଥୀ ନେତୃବୃନ୍ଦ ପଛକୁ ହଟିଯିବା ପାଇଁ ଚାହାଁନ୍ତି, ତା'ହେଲେ ସେମାନଙ୍କୁ ଫେରିଯିବାକୁ ପଡ଼ିବ ଏକାନ୍ତରେ, ତାଙ୍କୁ ଅନୁସରଣ କରିବା ପାଇଁ କେହି ହେଲେ ନଥିବେ, କାରଣ ସେମାନେ ପରା ନେତୃବୃନ୍ଦ, ପ୍ରବକ୍ତାଗଣ ହଜିଲା ଅତୀତର, ଯେଉଁମାନଙ୍କର କ୍ଷମତା ଖସି ଯାଇଛି ହାତମୁଠାରୁ । ବର୍ତ୍ତମାନ ଯେଉଁ ପ୍ରବେଗ ରାଷ୍ଟ୍ରକୁ ବାହି ନେଇ ଯାଉଛି ଆଗକୁ ତାହା ଏପରି ଏକ ପ୍ରବେଗ ଯାହାକୁ କୌଣସି ମଣିଷ ସୃଷ୍ଟି କରିନି ଆଉ ଯାହାକୁ କେହି ବି ନିଜ ନିୟନ୍ତ୍ରଣ ଭିତରେ ଧରି ରଖି ପାରିବେନି । ଆଚ୍ଛା, କୌଣସି ବୟସ୍କ ବ୍ୟକ୍ତିକୁ ପଚାରନ୍ତୁ ତ ଦେଖି ତା'ର ବାଲ୍ୟାବସ୍ଥାକୁ ଫେରିଯିବା ପାଇଁ, ଠିକ୍ ସେମିତି ପୁନରୁଦ୍ଧାରର ଆଦୌ କୌଣସି ସମ୍ଭାବନା ନଥାଇ ପଛରେ ଛାଡ଼ି ଆସିଥିବା ଦୃଷ୍ଟିଭଙ୍ଗୀ ଅଭିମୁଖେ ଭାରତକୁ ଫେରେଇ ନେବାର କଥାଟା ।

ବ୍ରିଟିଶ ସରକାର ହେଲା ଠିକ୍ ସିବିଲ୍ (Sybil) ସହିତ ଟାର୍‌କୁଇନ୍ (Tarquin)ର ଯୋଡ଼ି ପରି । ଯେଉଁ ସର୍ତ୍ତଗୁଡ଼ିକ ସେ ପ୍ରତ୍ୟାଖ୍ୟାନ କରି ଦେଇଛି ସେସବୁ ଆଉ ତା' ପାଖରେ ଆଗତ କରାଯିବନି । କେବଳ ତିନି ଚାରିବର୍ଷ ପୂର୍ବେ ହୁଏତ ସେ ନିହାତି କମ୍ ମୂଲ୍ୟ ବିନିମୟରେ ସନ୍ତୋଷକୁ, ଭାରତୀୟ ବିଶ୍ୱାସର ଗୋଟିଏ ନୂତନ ପଟ୍ଟାକୁ, ଦୀର୍ଘ ମିଆଦୀ ଆରାମକୁ କିଣି ପାରିଥାଏ । ବର୍ତ୍ତମାନ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ଥିବା ଯୁଦ୍ଧର ସାମୟିକ ବିରତିର ଚୁକ୍ତିକୁ ସେ କିଣିବାକୁ ସକ୍ଷମ ହେବ ଦଶଗୁଣ ଚଢ଼ା ଦରରେ । ମି. ମୋର୍ଲେ ଏହି କଥାଟିକୁ ହୃଦୟଙ୍ଗମ କରିଥିଲେ ଯେତେବେଳେ ସେ ଏକ ନିର୍ବିଚାର ନିଷ୍କପଟତାର ବଶବର୍ତ୍ତୀ ହୋଇ ଭାରତବର୍ଷ ଭିତରେ ଶିକ୍ଷିତ ଗୋଷ୍ଠୀକୁ ''ଆମମାନଙ୍କର ଶତ୍ରୁ'' ବୋଲି ଉଲ୍ଲେଖ କରିଥିଲେ । ଦୀର୍ଘକାଳ ଧରି ଚାଲିଥିବା ଦମନଲୀଳା ଏବଂ ତଜ୍ଜନିତ ପ୍ରତିକ୍ରିୟାର ଚରମ ପରିଣତିସ୍ୱରୂପ କର୍ଜନଙ୍କର ନୀତି ଭାରତବର୍ଷର ଜନସାଧାରଣଙ୍କ ଆଖି ଖୋଲି ଦେଇଛି । ଉଦାରବାଦୀ ବଡ଼ଲାଟ ଏବଂ ପ୍ରଶାସକମାନଙ୍କର ସଂସ୍କାରଗୁଡ଼ିକ ଖାଲି ନଗଣ୍ୟ ଓ ନିରର୍ଥକ ନୁହଁ; ସେଗୁଡ଼ିକର ସ୍ଥାୟିତ୍ୱ ଯେ ବିପଜ୍ଜନକ ସେ କଥାକୁ ସେମାନେ ଜାଣି ସାରିଛନ୍ତି । ମି. ମୋର୍ଲେ କିଂବା ଅନ୍ୟ କିଏ ଗୋଟିଏ ଦ୍ୱୈତାର୍ଥବୋଧକ ''ଅଧିକାର'' ଏବଂ ''ସୁବିଧା''ମାନ ପ୍ରଦାନ କରି ଥାଇପାରନ୍ତି କିନ୍ତୁ ଆଧୁନିକ ଇଂଲଣ୍ଡର ଉଦାରବାଦୀ ସରକାର ଅଳ୍ପ କାଳ ପାଇଁ ସ୍ଥାୟୀ ହୋଇ ରହିବାର ଯୋଗ୍ୟ ଆଉ ତତ୍‌ପରେ ଆସିବ ବିଶୁଦ୍ଧ ସାମ୍ରାଜ୍ୟବାଦର ସୁଦୀର୍ଘ ଯୁଗ ଯାହା ଭିତରେ ସେସମସ୍ତ ଅଧିକାର ଓ ସୁବିଧାଗୁଡ଼ିକ କାଢ଼ି ନିଆଯିବ କିଂବା ବାତିଲ କରାଯିବ । ଉଦାରବାଦୀ ଶାସନଠାରୁ ସେମାନେ ଯାହା ବା ଆଶା ରଖି ପାରନ୍ତି ତା'ର ସ୍ୱରୂପ ଯେ ଅତ୍ୟନ୍ତ ସଂକୀର୍ଣ୍ଣ ଅବା କ୍ଷୀଣ,

ଆଉ ସରକାରୀ ଦାୟିତ୍ୱରେ ଥିବାବେଳେ ଉଭୟ ଉଦାରବାଦୀ ଏବଂ ରକ୍ଷଣଶୀଳମାନେ ଯେ ଭାରତ ପାଇଁ ହେଉଛନ୍ତି ସମାନ ଅର୍ଥ ବିଶିଷ୍ଟ ଏକଥାକୁ ମଧ୍ୟ ସେମାନେ ଧରି ପାରିଛନ୍ତି । ବିଭାଜନ ବିରୋଧରେ ଯେଉଁ ସଂଘର୍ଷର ସୂତ୍ରପାତ ହେଲା ତାହା ଗୋଟିଏ ନୂଆ ଆଦର୍ଶକୁ ଜନ୍ମ ଦେଇଛି, ଆଉ ଅତି ଅଳ୍ପ ଦିନ ଭିତରେ ସଦ୍ୟଜାତ ଜାତୀୟତାବାଦ ପ୍ରାୟ ପୂର୍ଣ୍ଣାଙ୍ଗ ବିକାଶର ଶୀର୍ଷକୁ କ୍ଷେପ ମାରି ସାରିଲାଣି । ତେଣୁ ଲୋକାଭିମୁଖୀ ଶାସନକୁ ଦୃଢ଼ ନିଶ୍ଚିତ କରୁ ନଥିବା, ସ୍ୱେଚ୍ଛାଚାରୀ ବଡ଼ଲାଟମାନଙ୍କ ଦ୍ୱାରା ପ୍ରତିକ୍ରିୟାଶୀଳ ଆଇନର ପ୍ରଣୟନକୁ ଅସମ୍ଭବ ବୋଲି ସାବ୍ୟସ୍ତ କରିପାରୁ ନଥିବା ଏବଂ ସ୍ୱରାଜ ପାଇଁ ପଥକୁ ଉନ୍ମୁକ୍ତ କରୁ ନଥିବା କୌଣସି ସଂସ୍କାର ଗ୍ରହଣଯୋଗ୍ୟ ହେବାର ସୁଯୋଗ ଆଦୌ ନଥିଲା । ଆଉ ମି. ମୋର୍ଲେଙ୍କ ସଂସ୍କାରଗୁଡ଼ିକ ଯଦିବା ଗ୍ରହଣୀୟ ହେବାର କିଛି ସୁଯୋଗ ରହିଥିଲା, ପୂର୍ବରୁ ଅନେକଗୁଡ଼ିଏ ଦମନମୂଳକ ପଦକ୍ଷେପ ଯୋଗୁଁ ସେତକ ଧ୍ୱଂସ ପାଇ ଯାଇଥିଲା । ନେତାମାନଙ୍କର ଦ୍ୱୀପାନ୍ତର ସାଙ୍ଗକୁ ସମକ୍ଷଣିକ ତଥା ଅନୁରୂପ ସଂସ୍କାରଗୁଡ଼ିକ, ଲୋକପ୍ରିୟ ଖବରକାଗଜମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଛାତ୍ର ତଥା ଶିକ୍ଷକମାନଙ୍କ ଉପରେ ଅତ୍ୟାଚାର ଏବଂ ସାଧାରଣ ଜନସଭାଗୁଡ଼ିକ ଉପରେ ନିଷେଧାଦେଶ ଏଭଳି ପ୍ରକାଶ୍ୟରେ ଅନ୍ତଃସାରଶୂନ୍ୟ ହୋଇ ପଡ଼ିଥିଲା ଯେ ସବୁଠାରୁ ନରମପନ୍ଥୀ ଏବଂ ସରକାରଙ୍କ ଅନୁଗତମାନେ ଘୋର ସଂଶୟଭାବ ପ୍ରକଟ କରି ସେଗୁଡ଼ିକୁ ଗ୍ରହଣ କରିବା ପାଇଁ ବାଧ ହୋଇଥିଲେ । ଆଉ ସତେ ଯେମିତି ସମ୍ପୂର୍ଣ୍ଣ ହୃଦ୍‌ବୋଧ ହେଲା ଭଳି ନୀତିବାକ୍ୟସମ ସେଇ ଭାଷଣ, ଯାହା ଭିତରେ ସଂସ୍କାରଧର୍ମୀ ରାଷ୍ଟ୍ରନୀତିଜ୍ଞ ତାଙ୍କ କାର୍ଯ୍ୟାନୁଷ୍ଠାନଗୁଡ଼ିକର ପରିଚୟ ପ୍ରଦାନ କରିଥିଲେ, ଯାହା ବ୍ୟକ୍ତ ହୋଇଥିଲା ଏକ ପ୍ରତିକ୍ରିୟାଶୀଳ ପ୍ରଶାସକର ଗୋଟିଏ ରୁକ୍ଷ ଏବଂ ଏକଚ୍ଛତ୍ରବାଦୀ ମନୋଭାବ ଭିତରେ, ଯେମିତିକି ସେ କିଞ୍ଚିତ୍ ଅନୁପାତରେ ଅଳ୍ପ କିଛି ଦ୍ରବ୍ୟ ବିତରଣ କରୁଛନ୍ତି ଘୃଣାବ୍ୟଞ୍ଜକ ଠାଣିରେ ସମାଜର ଅତି ନିମ୍ନବର୍ଗର ଲୋକମାନଙ୍କୁ, ଯେଉଁମାନେ ଏକ ସଙ୍ଗତି ରକ୍ଷାପୂର୍ବକ ଅତି କଷ୍ଟରେ ଡାକି ରଖୁଛନ୍ତି ସେମାନଙ୍କର ଶଙ୍କା ଆଉ ଅପମାନଜନିତ ଅସ୍ୱସ୍ତି ଭାବକୁ । ଇଂଲଣ୍ଡର ଉଦାରବାଦୀ ପ୍ରେସ ସଙ୍ଗଠନ ତରଫରୁ ସମସ୍ତେ ସମସ୍ୱରରେ ମି. ମୋର୍ଲେଙ୍କୁ ଅଭିନନ୍ଦିତ କରିଛନ୍ତି ଯୁଗପତ୍ ଦମନ ଓ ସଂସ୍କାର ପାଇଁ ତାଙ୍କର ସାହସକୁ, ହାତରେ ରୁଟିର ଟୁକୁରା ଧରେଇ ଆଉ ତା' ସାଙ୍ଗକୁ ପଦାଘାତ ପରେ ପଦାଘାତ କରି । ଆମେ ସ୍ୱୟଂ ସ୍ତମ୍ଭୀଭୂତ ହୋଇ ପଡ଼ିଲୁ ତାଙ୍କ ଦୂରଦୃଷ୍ଟିର ଏଇ ଅନନ୍ୟ ଅଭାବରେ, ଏପରିକି ମାନବ ପ୍ରକୃତି ଏବଂ ଅନୁଭୂତି ସମ୍ପର୍କରେ ତାଙ୍କର ମୌଳିକ ଜ୍ଞାନର ଅଭାବକୁ ଲକ୍ଷ୍ୟ କରି, ଯାହା ନିୟନ୍ତ୍ରଣ କରି ରଖେ ବିରାଟ ମାନବ ସମାଜକୁ । ବରଂ ଷୋଡ଼ଶ ଲୁଇ କିଂବା ଜାର୍ ନିକୋଲାସ୍‌ଙ୍କ ନୀତିକୁ ଆମେ କହି ପାରିବା ଯେ ତାହା ହେଉଛି ବାସ୍ତବିକ ସାହସିକତାର ନିଦର୍ଶନ । ସାହସ ଥାଉ ବା ନଥାଉ, କିନ୍ତୁ ଏ କ୍ଷେତ୍ରରେ ଯେ ସମ୍ପୂର୍ଣ୍ଣ ନିର୍ବୋଧତାର ପରିଚୟ ସେ ଦେଇଛନ୍ତି ଏହା ନିଃସନ୍ଦେହରେ କୁହାଯାଇପାରେ ।

(ବନ୍ଦେ ମାତରମ୍, ଜୁନ୍ ୧୨, ୧୯୦୭)

## ବିଚିତ୍ର ଜୀବ/ରହସ୍ୟମୟ ବ୍ୟକ୍ତି

ଲାଲା ଲଜପତ୍ ରାୟଙ୍କ ପ୍ରତି ସାର୍ ହେନରି କଟନ୍‌ଙ୍କ ପ୍ରେମର ଆକସ୍ମିକ ବିକାଶ ଘଟିଛି । ସରକାରୀ ଅବା ଭୂତପୂର୍ବ ସରକାରୀ କର୍ମକର୍ତ୍ତା ହୁଅନ୍ତୁ ସକଳ ଆଙ୍ଗ୍ଲୋ-ଭାରତୀୟଙ୍କ ପରି ଯଦିବା ସେ ଘୋର ନିନ୍ଦା କରିଛନ୍ତି, ନିନ୍ଦା କରିଛନ୍ତି ଅଜିତ୍ ସିଂଙ୍କୁ ଯାହାଙ୍କର ଆବେଦନର ଶୁଣାଣି ହୋଇ ନଥିଲା, ଲାଲା ଲଜପତ୍ ରାୟଙ୍କ ପ୍ରତି ତାଙ୍କର ପ୍ରେମ ଥମିବାର ନାହିଁ । ଲଜପତ୍ ରାୟଙ୍କର ଅଭିଭାଷଣମାନ ଯେ ଭାରତବର୍ଷରେ ରାଜଦ୍ରୋହ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା, ଆଉ ପ୍ରକାଶିତ ହୋଇଥିଲା, ଏପରିକି ଲୋକପ୍ରତିନିଧି ସଭାଗୃହରେ ପ୍ରଚାରିତ ହୋଇଥିଲା, ଜୁନ୍ ୬ ତାରିଖରେ ପ୍ରଦତ୍ତ ଏଇ ବିବୃତିର ସତ୍ୟାସତ୍ୟକୁ ସାବ୍ୟସ୍ତ କରିବା ପାଇଁ ସେ ମି. ମୋର୍ଲେଙ୍କୁ କହିଥିଲେ । ବିବୃତିରୁ ଯାହା ଦେଖିବାକୁ ମିଳୁଛି ମି. ମୋର୍ଲେ ଭାବୁଛନ୍ତି ଯେ ଆମ ଭାରତୀୟମାନଙ୍କ ଅପେକ୍ଷା ସେହିଁ ଭାରତର ସମସ୍ୟାଗୁଡ଼ିକ ସମ୍ପର୍କରେ ଅଧିକ ଜାଣିଛନ୍ତି; ସାର୍ ହେନରି କଟନ୍‌ଙ୍କ ପରି ଲୋକପ୍ରତିନିଧି ସଭାର ଯେଉଁ ସଭ୍ୟମାନେ ଭାରତର ରାଜ୍ୟ ସଚିବଙ୍କୁ ଭାରତୀୟ ପ୍ରଜାମାନଙ୍କ ସମ୍ପର୍କରେ ଅଖାଡୁଆ ପ୍ରଶ୍ନମାନ ପଚାରିବା ଛଳରେ ଚିଡ଼େଇ ଦିଅନ୍ତି, ସେଇମାନଙ୍କୁହିଁ ମି. ମୋର୍ଲେ ସ୍ପଷ୍ଟତଃ ଉଲ୍ଲେଖ କରିଥିଲେ । ତାଙ୍କ ବୈଶିଷ୍ଟ୍ୟସୂଚକ ବୃଥାଭିମାନରେ ମି. ମୋର୍ଲେ ଉତ୍ତର ଦେଇଥିଲେ ଯେ ନିଜ ପାଖରେ ସେଭଳି ସଠିକ ଏବଂ ଯୁକ୍ତିଯୁକ୍ତ ବିଶ୍ୱାସ୍ୟଯୋଗ୍ୟ ତଥ୍ୟ ନଥାଇ କୌଣସି ବିବୃତି ଦେବାଟା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ସତରେ ଏହି ''ସଠିକ

ଏବଂ ଯୁକ୍ତିଯୁକ୍ତ ବିଶ୍ୱାସଯୋଗ୍ୟ ତଥ୍ୟ'' ବଳରେହିଁ ଆଉ ଦିନେ ପ୍ରସ୍ତାବିତ ଭିକ୍ଟୋରିଆ ମେମୋରିଆଲ୍ ହଲ୍ ସମ୍ବନ୍ଧରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯାହାକୁ ଏପରିକି ଆଙ୍ଗ୍ଲୋ-ଭାରତୀୟ ପ୍ରେସର ଭ୍ରଷ୍ଟାଚାରୀ ବିଚକ୍ଷଣତା ସମର୍ଥନ କରିପାରିଲା ନାହିଁ। ଏଭଳି ''ଯୁକ୍ତିଯୁକ୍ତ ବିଶ୍ୱାସଯୋଗ୍ୟ ତଥ୍ୟ''କୁ ଭିତ୍ତି କରି ବର୍ତ୍ତମାନର ଏହି ଅବସରରେ ତାଙ୍କୁ ପଛଘୁଞ୍ଚା ଦେବାକୁ ପଡ଼ିଥିଲା ଗୋଟିଏ ବୁଦ୍ଧିମାନ୍ ମନ୍ତବ୍ୟ ସହିତ ଯେ ତଥ୍ୟଗୁଡ଼ିକ ଯଦି ଆଲୋଚନା ପାଇଁ ଉପସ୍ଥାପିତ କରାଯାଏ ତା'ହେଲେ ତା' ଅପେକ୍ଷା ଅବିଚାରିତ କାର୍ଯ୍ୟ ଆଉ କିଛି ହେବ ନାହିଁ। ଆଲୋକକୁ ଅବଲୋକନ କରି ଅନ୍ଧାରରେ ସମ୍ପାଦିତ କାର୍ଯ୍ୟଗୁଡ଼ିକ ପାଇଁ ଭୟ ସଞ୍ଚାର ହେବା ଦରକାର। ଯୁକ୍ତିଯୁକ୍ତ ବିଶ୍ୱାସଯୋଗ୍ୟ ତଥ୍ୟଟି ଯେମିତି ସତ୍ୟ ସେମିତି ମି. ମୋର୍ଲେଙ୍କ ସଂସ୍କାରଗୁଡ଼ିକ ଯେ ସତ୍ୟ ଯାହାକୁ ନେଇ ଖୋଦ୍ ମି. ମୋର୍ଲେ ତଥା *ଷ୍ଟେଟସ୍‌ମ୍ୟାନ୍* ବାରଂବାର ଡିଣ୍ଡିମ ବଜାଉଥିଲେ, ଏକଥାରେ ଯଦି ସର୍ବସାଧାରଣ ସନ୍ଦେହ ପ୍ରକାଶ କରିବାକୁ ସାହସ ବାନ୍ଧନ୍ତି ତା'ହେଲେ ସେମାନଙ୍କୁ କ୍ଷମା କରି ଦିଆଯାଇପାରେ। ପରେ ମି. ମ୍ୟାକାର୍‌ନେସ୍ (Mackarness) ଯେତେବେଳେ ପଚାରିଲେ ଯେ ଲଜପତ୍ ରାୟ ଏବଂ ଅଜିତ୍ ସିଂଙ୍କ ବିରୋଧରେ ବିଧିବଦ୍ଧ ଭାବେ କ'ଣ କିଛି ଆଇନଗତ ଅଭିଯୋଗ ଆଗତ କରିବା ପାଇଁ ଚିନ୍ତା କରାଯାଉଛି ଏବଂ କେତେଦିନ ନିର୍ବାସନ ତଥା କାରାବାସର ଦଣ୍ଡ ସେମାନଙ୍କୁ ଭୋଗିବାକୁ ପଡ଼ିବ। ସେତେବେଳେ ମି. ମୋର୍ଲେ କହିଥିଲେ ଯେ ଭାରତ ସରକାର କ'ଣ ଚନ୍ତା କରୁଛନ୍ତି ସେକଥା ବର୍ତ୍ତମାନ ସେ କହିବାକୁ ସକ୍ଷମ ନୁହନ୍ତି। ଏଥିରୁ ଜଣା ପଡୁଛି ଯେ ଭାରତୀୟ ପ୍ରସଙ୍ଗଗୁଡ଼ିକ ସଂକ୍ରାନ୍ତରେ ବ୍ରିଟିଶ ପ୍ରତିନିଧିସଭାର ମତିଗତି ଯେମିତି, ଭାରତୀୟ ବିଧାନ ପରିଷଦମାନଙ୍କର ମତିଗତି ମଧ୍ୟ ତଦ୍ରୂପ। କାରଣଟା ଖୋଜି ବସିଲେ ବେଶୀ ଦୂର ଯିବାକୁ ପଡ଼ିବ ନାହିଁ। ବ୍ରିଟିଶ ଜନସାଧାରଣ ସେମାନଙ୍କ ଫାଇଦା ସକାଶେ ଭାରତକୁ ସୁରକ୍ଷିତ ରଖିବା ପାଇଁ ଭାରତରେ ''ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତି''ର ଭ୍ରାନ୍ତିଶୂନ୍ୟତା ପ୍ରତି ଅଖଣ୍ଡ ବିଶ୍ୱାସ ସ୍ଥାପନ କରିଛନ୍ତି ଏବଂ ସେମାନେ ମଧ୍ୟ ତତ୍ପର ଓ ଆଗ୍ରହୀ ହୋଇ ଉଠିଛନ୍ତି ରାଷ୍ଟ୍ରର ଜନସାଧାରଣଙ୍କ ସହିତ କାରବାର କରିବା ଦିଗରେ ସେମାନଙ୍କୁ ଅବାଧ ସ୍ୱାଧୀନତା ପ୍ରଦାନ କରିବା ପାଇଁ। ଯଦି ଆଉ ଅନ୍ୟକିଛି ହୋଇ ଥାଆନ୍ତା – ଯଦି ବ୍ରିଟିଶର କରଦାତାମାନେ ଗ୍ରେଟ୍-ବ୍ରିଟେନ୍‌ର ବିଶେଷ ସୁବିଧା ଅପେକ୍ଷା ଭାରତୀୟ ପ୍ରସଙ୍ଗଗୁଡ଼ିକ ସଂକ୍ରାନ୍ତରେ ବୁଦ୍ଧି ଖଟେଇ ଆଗ୍ରହ ପ୍ରକାଶପୂର୍ବକ ବିଚାର ବିବେଚନା ଦ୍ୱାରା ପରିଚାଳିତ ହୋଇଥାନ୍ତେ ତା'ହେଲେ ଏହି ରହସ୍ୟମୟ ପ୍ରାଣୀଟି ନିଜେ କିଛି କହିବା ପାଇଁ ବାଧ୍ୟ ହୋଇଥା'ନ୍ତା। ତେବେ ବି ପ୍ରତାରଣାର ବଶବର୍ତ୍ତୀ ହୋଇଥିବା ଆମ ନରମପନ୍ଥୀ ବନ୍ଧୁଗଣ ଏସବୁ ଲୋକମାନଙ୍କ ପାଖକୁ ଯେମିତି ହେଲେ ଯିବେ ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ ଭାରତବର୍ଷର ଅର୍ଥ ଅପଚୟ କରି ବସିବେ ସେମାନଙ୍କୁ ''ଶିକ୍ଷିତ'' କରି ଗଢ଼ିବାର ବୃଥା ପ୍ରୟାସରେ – ରାଜନୈତିକ ଅଧିକାର ଏବଂ ସୁବିଧାମାନ ହାସଲ କରିବା ଉଦ୍ଦେଶ୍ୟରେ ! ସତରେ ଆମେ ସବୁ କି ଭୂତଗୁଡ଼ାକ ମ, ଭୂତ ପଛରେ ଅନୁଧାବନ କରି ଚାଲିଛୁ।

(ବନ୍ଦେ ମାତରମ୍, ଜୁନ୍ ୧୪, ୧୯୦୭)

## ମନ୍ଥର ଅଥଚ ନିଶ୍ଚିତ

ମି. ମୋର୍ଲେଙ୍କ ବଜେଟ୍ ଅଭିଭାଷଣ ଉପରେ ମନ୍ତବ୍ୟ ପ୍ରଦାନ କରି *ଷ୍ଟେଟସ୍‌ମ୍ୟାନ୍* ଉଲ୍ଲେଖ କରିଛି – ''ଏକଥା ଆଶା କରିବାକୁ ପଡ଼ିବ ଯେ କୌଣସି ଦୋଷତ୍ରୁଟି ଦେଖିବାର ମନୋବୃତ୍ତି ନରଖି ନୂଆ ନୂଆ ସୁବିଧାଗୁଡ଼ିକ ସାଦରେ ଗୃହୀତ କରାଯିବ ଆଉ ଏକ କୃତସଂକଳ୍ପ ସହ ଦୃଢ଼ତାର ସହିତ ସେସବୁର ସର୍ବୋତ୍ତମ ବିନିଯୋଗ ମଧ୍ୟ ହେବ। ଯେଉଁ ଯେଉଁ ସ୍ଥାନରେ ଇଂରେଜ ଶାସନ ରହିଛି ସେଠି ଦେଖା ଯାଇଛି ଯେ ସଂସ୍କାରଗୁଡ଼ିକ ସର୍ବଦା କ୍ରମାନ୍ୱୟରେ ମନ୍ଥର ଧାରାରେ ଚାଲୁଛି। ଇଂଲଣ୍ଡ ଗୋଟିଏ ବିପ୍ଳବକୁ କିଂବା ଏମିତିକି ଏକ ସିଦ୍ଧାନ୍ତର ଯୁକ୍ତିଯୁକ୍ତ କାର୍ଯ୍ୟକାରିତାକୁ ଘୃଣା କରେ – ଯଦି ତାହା କ୍ରମିକ ଭାବରେ ସମ୍ପନ୍ନ ହୋଇ ନଥାଏ। ଏବଂ କାର୍ଯ୍ୟମାନ ଅଧାଅଧି ସମ୍ପାଦିତ କରି ସାଲିସ ସୂତ୍ରରେ ଏହା ଆଗକୁ ଆଗକୁ ବଢ଼େ। କିନ୍ତୁ ଫଳାଫଳ ଦୃଷ୍ଟିରୁ ଏହି ସତର୍କ ନୀତିର ଯଥାର୍ଥତା ପ୍ରତିପାଦିତ ହୋଇ ସାରିଛି। ମନ୍ଥର ହେଉଥିଲେ ବି ଅଗ୍ରଗତିଟା ନିର୍ଧାର୍ଯ୍ୟ ଆଉ ଏକ ଅବିଚଳ ଉତ୍ତମ ବିଚାରବୋଧ ଉପରେ ପ୍ରତିଷ୍ଠିତ ଆନ୍ଦୋଳନ ତା' ଲକ୍ଷ୍ୟ ହାସଲ ଦିଗରେ କଦବା କ୍ୱଚିତ୍ ହାର ମାନିଯାଏ। ଯୁଦ୍ଧ ଅଫିସ ଓ ଭାରତୀୟ କରଦାତାଙ୍କ ମଧ୍ୟରେ ଭାରତୀୟ ସେନାବାହିନୀ ପାଇଁ ଉଦ୍ଦିଷ୍ଟ ବ୍ୟୟର ବଣ୍ଟନକୁ ତଦାରଖ କରିବା ପାଇଁ ଯେ ଗୋଟିଏ କମିଟି ନିଯୁକ୍ତ କରାଯାଇଛି ମି. ମୋର୍ଲେଙ୍କର ଏହି ଘୋଷଣା ଭିତରେ ନିରନ୍ତର ପ୍ରୟାସର

ପୁରସ୍କାର ସ୍ୱରୂପ ସଫଳତାର ଦୃଷ୍ଟାନ୍ତକୁ ଖୋଜି ବାହାର କରିବାକୁ ପଡ଼ିବ ।''

ତେଣୁ ଭାରତୀୟଙ୍କୁ କୁହାଯାଉଛି କୌଣସି ଛିଦ୍ରାନ୍ୱେଷୀ ମନୋବୃତ୍ତି ନରଖି ତଥାକଥିତ ସୁବିଧାଗୁଡ଼ିକୁ ଗ୍ରହଣ କରିନେବା ପାଇଁ କିଂବା ଅଲିଭର୍ ଟୁଇଷ୍ଟ (Oliver Twist)ଙ୍କ ପରି ଅଧିକ ଦାବି ନକରିବା ପାଇଁ, କିନ୍ତୁ ଭିକ୍ଷୁକମାନେ ଯେ କଦାପି ମନୋନୟନକାରୀ ହେବେନି ଏକଥା ମନେ ରଖିବାକୁ ହେବ । କିନ୍ତୁ ଭାରତ ପ୍ରତି ଆଗ୍ରହୀ ଇଂରେଜମାନେ କାହିଁକି ଏହି ଭାରତୀୟମାନଙ୍କୁ ସୁବିଧାମାନ ପ୍ରଦାନ କରିବାକୁ ଏତେ ଉତ୍କଣ୍ଠିତ ହୋଇ ଉଠୁଛନ୍ତି ଯେଉଁମାନେ ଆତ୍ମସମ୍ମାନର ମାନସିକତା ମଧରେ ଦାତାମାନଙ୍କର ବଦାନ୍ୟତାକୁ ସମାଦର କରିବାର ସମ୍ଭାବନା ନାହିଁ ? ଅଭିନବ ଭାରତ – ଭାରତ ଯିଏ ଅନେକ ତ୍ୟାଗ ସହିବାକୁ ଏବଂ ରାଜନୈତିକ ଅଧିକାରଗୁଡ଼ିକ ପାଇଁ ସାହସର ସହିତ ନାନା ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ଖୋଦ୍ ନିଜେ ପ୍ରମାଣିତ କରି ସାରିଛି – ଭିକ୍ଷାବୃତ୍ତିତୁଲ୍ୟ ଆନ୍ଦୋଳନର ପନ୍ଥାଗୁଡ଼ିକୁ ପୁରାତନ ଯୁଗର ବୋଲି କହି ପ୍ରତ୍ୟାଖ୍ୟାନ କରି ଦେଇଛି ଆଉ ବର୍ତ୍ତମାନ ଯୁଗରେ ସୁବର୍ଣ୍ଣର କାନ୍ତି ସଦୃଶ ଝଟକୁଥିବା ଗୁଡ଼ିଏ କ୍ରୀଡ଼ନକରେ ଏବଂ ଅଯଥା ବାହ୍ୟ ଚାକଚକ୍ୟରେ ବିମୋହିତ ହେବାର ସମୟ ଅତିକ୍ରାନ୍ତ ହୋଇ ଗଲାଣି । ଏହି ''ସୁବିଧାଗୁଡ଼ିକ'' ଅନୁମୋଦନ କରିବାରେ ଆପଣଙ୍କ ଶକ୍ତିର କାହିଁକି ଏତେ ଅଯଥା ଅପଚୟ କରୁଛନ୍ତି ଯେତେବେଳେ ଏଥିରୁ କୌଣସି ଗୋଟିକର ବି ପ୍ରୟୋଜନ ନାହିଁ ? ଏହି ବିଜ୍ଞ ପରାମର୍ଶ ଦେଇସାରି ଷ୍ଟେଟସ୍‌ମ୍ୟାନ୍ କବି ଟେନିସନ୍‌ଙ୍କ ଉକ୍ତିର ଗୋଟିଏ ଗଦ୍ୟାନୁବାଦ ପ୍ରକାଶ କରିଛି ଯହିଁରେ ଗୋଟିଏ ଦେଶ ହିସାବରେ ଇଂଲଣ୍ଡର ପ୍ରସିଦ୍ଧ ଚିତ୍ରଣ ସେ ଉପସ୍ଥାପିତ କରିଛନ୍ତି, ''ଯେଉଁଠାରେ ସ୍ୱାଧୀନତା ଧୀରେ ଧୀରେ ଉପରୁ ତଳ ଆଡ଼କୁ କ୍ରମେ ପ୍ରସାରିତ ହୋଇଯାଉଛି ପୂର୍ବ ଦୃଷ୍ଟାନ୍ତରୁ ପୂର୍ବବର୍ତ୍ତୀ ଘଟଣା ଆଡ଼କୁ'' । ଇଂଲଣ୍ଡ ଦ୍ୱାରା ବିଜିତ ଅନ୍ୟ ରାଷ୍ଟ୍ର କ୍ଷେତ୍ରରେ ''ସଂସ୍କାରଗୁଡ଼ିକ'' ଧୀରେ ଧୀରେ ପ୍ରସାରିତ ହୋଇଚାଲେ ''ଆଦେଶନାମା''ରୁ ''ଅଧାଦେଶ'' ଆଡ଼କୁ । ଶିକୁଳିଟା ସୁଦୃଢ଼ ହୋଇଯାଏ ଆଉ ଖୋଜି ଖୋଜି ନିର୍ବାପିତ କରି ଦିଆଯାଏ ସ୍ୱାବଲମ୍ୱନର ଉନ୍ମାଦନାଭରା ସୁଦୀର୍ଘ ସମୟ ବ୍ୟାପୀ କୁହୁଳି କୁହୁଳି ରହିଥିବା ବହ୍ନିର ସ୍ଫୁଲିଙ୍ଗଗୁଡ଼ିକୁ । ଏଇ କଥାକୁ ନେଇ ଯୁକ୍ତି କରିବା ନିରର୍ଥକ, କାରଣ ଜନ୍ ବୁଲ୍ (John Bull) – ଯାହା ଆମ ବନ୍ଧୁଜଣକ ସ୍ୱୀକାର କରିଛନ୍ତି – କେବେ ବି ଯୁକ୍ତି ସଙ୍ଗତ ନୁହନ୍ତି । ତଥାପି ଉପଦେଶ ଦିଆ ହୋଇଛି ଆମକୁ ନୀରବରେ ବସି ପ୍ରତୀକ୍ଷା କରିବା ପାଇଁ, କଷ୍ଟ ସହିବା ପାଇଁ ନୂତନ ସହସ୍ରାବ୍ଦର ଆଗମନୀ ପର୍ଯ୍ୟନ୍ତ ଏବଂ ଇତ୍ୟବସରରେ ପ୍ରଶାସନର ଝୋଲି ଭିତରୁ ଦୈବାତ୍ ବିନ୍ଦୁ ବିନ୍ଦୁ ହୋଇ ଝରି ପଡୁଥିବା କୃପାର କଣିକାଗୁଡ଼ିକ ପାଇଁ କୃତାର୍ଥ ମଣିବାକୁ । କୌଣସି ଭାରତୀୟ ଯେପରି ଏଇ ଅଖାଡୁଆ ପ୍ରଶ୍ନଟିକୁ ଉତ୍ଥାପନ ନକରନ୍ତି – କେତେ କାଳ ଧରି ଆମେ ଏମିତି ପ୍ରତୀକ୍ଷା କରି ରହିଥିବା ? କାରଣ ଏହି ପ୍ରଶ୍ନଟି ପଚାରି ଦେଲେ ତାହା ପରା ଆମର ଖାଲି ଔଦ୍ଧତ୍ୟପଣ ହୋଇଯିବ ଯାହାକୁ କେବେ ବି ବରଦାସ୍ତ କରାଯିବ ନାହିଁ ।

[ବନ୍ଦେ ମାତରମ୍, ଜୁନ୍ ୧୭, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

ସେ ସବୁଠି ଅଛନ୍ତି । ସେ ସବୁଠି କ୍ରିୟା କରୁଛନ୍ତି ଏବଂ ସେ ନିଶ୍ଚେତନା ଭିତରେ ଆଣି ଦିଅନ୍ତି ଚେତନା । ତୁମେ ଯେତେବେଳେ ଏକ ଅନ୍ଧକାର କୋଠରିରେ ଆଲୋକ ବର୍ତ୍ତିକାଟିଏ ଜଳାଅ, ବିଦ୍ୟୁତ୍ ସଂଯୋଗଟିକୁ ଟିପି ଜଳାଇ ଦେବା ସଙ୍ଗେ ସଙ୍ଗେହିଁ ସେହି କୋଠରିରେ ଆଉ ଅନ୍ଧକାର ରୁହେ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ଚେତନାକୁ ପ୍ରବେଶ କରାଅ, ଆଉ ଅଚେତନା ରୁହେ ନାହିଁ । ସେ ତାହାହିଁ କରନ୍ତି । ସେ ଯେଉଁଠି ଯେଉଁଠି ଦେଖନ୍ତି ଅଚେତନା, ତହିଁ ଭିତରେ ପ୍ରବେଶ କରିବାକୁ ସେ ସଚେଷ୍ଟ ହୁଅନ୍ତି ।

– ଶ୍ରୀମା

# ଦିବ୍ୟ-ହସ୍ତକ୍ଷେପ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆମେ ଯାହାକୁ ଦିବ୍ୟ-ହସ୍ତକ୍ଷେପ କହିଥାଉ, ସେଇ ଜିନିଷଟିକୁ ସମସ୍ତେ ଜାଣନ୍ତି ଭାଗ୍ୟ ବା ବିଧାତା ବୋଲି । ଏଇ ଜିନିଷଟିକୁ ପ୍ରକୃତିର କ୍ଷେତ୍ରରେ ଅସାଧ୍ୟ-ସାଧନର ଏକ ପ୍ରକ୍ରିୟା କୁହାଯାଇପାରେ ଯାହା ମଣିଷର ଧାରଣାତୀତ । ବସ୍ତୁତଃ, ଗୋଟାଏ ଦିଗରୁ ବିଚାର କଲେ ମନେହୁଏ ପ୍ରକୃତି ତାହାର ନିର୍ଦ୍ଦିଷ୍ଟ ଗଣ୍ଡି ମଧ୍ୟରେ ଆବଦ୍ଧ; ତା'ର କ୍ରିୟାପଦ୍ଧତି ଅନମନୀୟ ତଥା ଅପରିବର୍ତ୍ତନୀୟ ଏବଂ ଏହା ପୂର୍ବନିର୍ଦ୍ଧାରିତ ପଥରେଖା ଧରିହିଁ ଆଗକୁ ଚାଲିଥାଏ, ତହିଁରେ କିଛି ଏପଟ-ସେପଟ ହେବାର ନାହିଁ । ଏଇ ଧାରଣା ଯଥାର୍ଥରେ କହିଲେ ବିଗତକାଳର ବୈଜ୍ଞାନିକମାନଙ୍କ ମଧ୍ୟରେ ବେଶୀ ପ୍ରଚଳିତ ଥିଲା, ଯେଉଁ ସମୟରେ ସେମାନେ ପ୍ରକୃତିର ନିୟମ (Law of Nature)କୁ ନାନା ଭାବରେ ଆଲୋଚନା କରିଛନ୍ତି । ସେମାନଙ୍କ ନିକଟରେ ପ୍ରକୃତିର ଏଇ ବିଧାନ ଗ୍ରୀକ୍ ନାଟ୍ୟକାର ସୋଫୋକ୍ଲିସ୍‌ଙ୍କର[୧] ମହାନ୍ ଉକ୍ତି ଅନୁରୂପ : ଅର୍ଥାତ୍ ପ୍ରକୃତିର ବିଧାନ ଅଲଂଘନୀୟ, ଅନପନେୟ ଏବଂ ଏହା ସୃଷ୍ଟିର ସ୍ମରଣାତୀତ କାଳରୁ ଗଡ଼ିଆସୁଛି, ଯାହାକୁ ଲିଭାଇଦେଇ ହେବ ନାହିଁ – ମଣିଷ ଦ୍ୱାରା ତ ନୁହେଁ, ଦେବତାମାନଙ୍କ ଦ୍ୱାରା ବି ନୁହେଁ, ମୋଟରେ ତାକୁ ଅମାନ୍ୟ କରାଯାଇ ପାରିବ ନାହିଁ । ବୈଜ୍ଞାନିକ ଲାପ୍ଲାସ୍ (Laplace)[୨], ବିଜ୍ଞାନ କ୍ଷେତ୍ରରେ ଯିଏ ନୂତନ ଦୃଷ୍ଟିଭଙ୍ଗୀ ଦେଇଛନ୍ତି, ସିଏ କହନ୍ତି : ପ୍ରକୃତି ଏକ ଦକ୍ଷ ଗଣିତଜ୍ଞ, ଅନାଦି କାଳରୁ ଏଇ ପୃଥିବୀପୃଷ୍ଠରେ ଯେଉଁସବୁ ଜାଗତିକ-ଶକ୍ତି କ୍ରିୟା-ପ୍ରତିକ୍ରିୟା କରିଚାଲିଛନ୍ତି, ସେସବୁକୁ ସିଏ ଲିପିବଦ୍ଧ କରିଚାଲିଛି । ସେଇ ପ୍ରକୃତି ଏ କାମରେ ଏତେଦୂର ନିପୁଣ ଯେ ବର୍ତ୍ତମାନରେ ବାସ-କରି ମଧ୍ୟ ତାହା ଏଇ ମହାବିଶ୍ୱରେ ପ୍ରତ୍ୟେକଟି ବସ୍ତୁର ତଥା ବିଘଟନେର ସ୍ଥାନ ଓ କାଳର ନିର୍ଭୁଲ ପୂର୍ବାଭାସ ଦେଇପାରିବ । କର୍ମ (Karma) କିଂବା ଅଦୃଷ୍ଟ (Kismet) – ଅର୍ଥାତ୍ ଜୀବନର କର୍ମରାଜି ଅବା ନିୟତି; ଏଇ ଦୁଇଟି ଭାବନା ମାନବ-ପ୍ରକୃତିରେ ଓ ମାନବ ଚରିତ୍ରରେ ଏକ ସମାନ୍ତରାଳ ଅବଧାରଣା ହୋଇ ରହିଛି । ଠିକ୍ ସେଇଭଳି କାର୍ଯ୍ୟକାରଣ ଓ ସେସବୁର ପରିଣାମ (Cause and effect) – ଏ ଦୁଇଟି ମଧ୍ୟ ଆଗପଛ ହୋଇ ଚକ୍ରାବର୍ତ୍ତନ – କ୍ରିୟା ଓ ପ୍ରତିକ୍ରିୟା ରୂପେ ମଣିଷ ଜୀବନର ନିର୍ଦ୍ଦିଷ୍ଟ ଏକ ପଥରେଖା ଅନୁସରଣ କରୁଛି ଯେମିତି ଏହା ଈଶ୍ୱରଙ୍କ ପୂର୍ବନିର୍ଦ୍ଧାରିତ ବ୍ୟବସ୍ଥା-ବିନ୍ୟାସର ଅନ୍ତର୍ଗତ । ଏଇ ଏକହିଁ ବିଧାନ ଆମେ ଲକ୍ଷ୍ୟ କରିଥାଉ ଜଡ଼-ଜଗତର ଘଟଣାରେ ହେଉ କିଂବା ଅନୁରୂପଭାବେ ମାନବର ଅନ୍ତଃଶ୍ଚେତନାର ରାଜ୍ୟରେ – ଉଭୟ କ୍ଷେତ୍ର ଲାଗି ଏହି ନିୟମଟି ସମାନ ଭାବରେ ପରିଦୃଶ୍ୟମାନ ହୋଇଥାଏ ।

ମାତ୍ର ଏବେ ଆମେ ପହଞ୍ଚୁଛୁ ଏପରି ଏକ ସ୍ତରରେ, ଯେତେବେଳେ ପୁରୁଣା ବିଶ୍ୱର ମତବାଦକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛୁ । ସୁତରାଂ ଲାପ୍ଲାସ୍‌ଙ୍କ ମନ୍ତବ୍ୟକୁ ଏକାନ୍ତ ଅକାଟ୍ୟ ବୋଲି ମାନି ନେଇ ପାରିବୁ ନାହିଁ । କାହିଁକି ନା, ପ୍ରକୃତିର ଗତିବିଧି ଥରେ ଥରେ ଅନିର୍ଦ୍ଦିଷ୍ଟଭାବେ ବଦଳି ଯାଏ, ବୈଜ୍ଞାନିକମାନଙ୍କ ମତରେ ଭୌତିକ ପ୍ରକୃତି ମଧ୍ୟରେ ଅନ୍ୟ କିଛି ଜିନିଷ ବଳପୂର୍ବକ ପଶି ଆସି ହସ୍ତକ୍ଷେପ କରିଥାଏ । ଏହା ମଣିଷର ଜାଣିବା ତଥା ବୁଝିବାର କରଣସବୁର ଅସାମର୍ଥ୍ୟ ଯୋଗୁଁ ଯେତେ ନୁହେଁ, ତା'ଠାରୁ ବସ୍ତୁସମୂହର ସହଜାତ ସ୍ୱଭାବ-ପ୍ରକୃତି ହେତୁ ସେତେ ଅଧିକ ଅନିଶ୍ଚିତ । କାହିଁକି ଓ କିପରି ଏଇ ଅନିଶ୍ଚିତତା ରହିଛି ସେଥିରେ ବିଜ୍ଞାନ ମଧ୍ୟ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଆମେ କହିଥାଉ, ଯେଉଁସବୁ ଶକ୍ତି ଏଠାରେ ଏଇ ଜଗତରେ କାର୍ଯ୍ୟରତ, ସେଗୁଡ଼ିକ ମଧ୍ୟରେ ଅନ୍ୟ ଧରଣର, ଏକାନ୍ତ ଭିନ୍ନ ଧରଣର ଗୋଟିଏ ଶକ୍ତି ଅନାହୂତ ଅନୁପ୍ରବେଶ କରୁଛି । ଉକ୍ତ ଶକ୍ତି ଉଚ୍ଚତର ଏବଂ ସୂକ୍ଷ୍ମତର ସ୍ତରରୁ ଆସେ, ବସ୍ତୁସବୁ ତଥା ଶକ୍ତିସବୁ ସେମାନଙ୍କ ସ୍ୱାଭାବିକ ନିୟମର ବଶବର୍ତ୍ତୀ ହୋଇ ସେମାନଙ୍କର ନିଜସ୍ୱ ଗତିପଥ ଧରି ପରିବ୍ରଜ କରନ୍ତି ସେଗୁଡ଼ିକର ବର୍ତ୍ତମାନ ଛାଞ୍ଚର ପରିମଣ୍ଡଳ ଭିତରେ : କିନ୍ତୁ ପ୍ରାୟଶଃ ଅନ୍ୟ ଏକ ଜାଗାରୁ ଅଜ୍ଞାତ ଏକ ଶକ୍ତି, ଏକ ସାମର୍ଥ୍ୟ ଅବା ଏକ ବଳ ଓ ଆବେଗ ସଂପୂର୍ଣ୍ଣ ଅନ୍ୟ ଧରଣର ଗୁଣାତ୍ମକତା ନେଇ ଆସେ, ଯାହା ଆମ ପୁରୁଣା ବାସ୍ତବତାକୁ ମୋଡ଼ିଦେଇ ଅନ୍ୟ ଦିଗରେ ଚଳାଇ ନିଏ, ଯାହାକୁ କହନ୍ତି ଅଲୌକିକ କାଣ୍ଡ ଏବଂ ଏହାହିଁ ଊର୍ଦ୍ଧ୍ୱତନ ବିଧାନର ହସ୍ତକ୍ଷେପ । ଏହା ସାଧାରଣସ୍ତରର ସୂକ୍ଷ୍ମ ଓ ସ୍ଥୂଳ-ସତ୍ତାମାନଙ୍କୁ ତଥା ନିମ୍ନସ୍ତରର ଶକ୍ତି ଓ ସତ୍ତାମାନଙ୍କ ଉପରେ ଜାତିଗତ ନିୟନ୍ତ୍ରଣ କରେ – ଯାହା ଗୋଟିଏ ପ୍ରାନ୍ତରେ ଜଡ଼ସ୍ତର ବା ସୂକ୍ଷ୍ମ ଜଡ଼ସ୍ତର ଅବା ଅତି-ସୂକ୍ଷ୍ମସ୍ତରର ପାଖାପାଖି, ଅନ୍ୟ ବିପରୀତ ପ୍ରାନ୍ତରେ

ଏକାନ୍ତ ଓଲଟା ଦିଗରେ ଆଧ୍ୟାତ୍ମିକ ସ୍ତରର ସନ୍ନିକଟ – ଏଇ ଦୁଇପ୍ରାନ୍ତ ମଧ୍ୟକୁ ତାହା ଅବତରଣ କରିଆସେ । ସ୍ତର ଯେତେ ଆଧ୍ୟାତ୍ମିକ ହେବ, ପ୍ରକୃତିର ପରିବର୍ତ୍ତନ ସେତେ ଅଧିକ ହେବ – ଆମର ଏଇ ନିମ୍ନଭୂମିରେ ଏଭଳି ପରିବର୍ତ୍ତନ ଘଟୁଥାଏ ଆମ ଅଲକ୍ଷ୍ୟରେ । ଅତିଲୌକିକ କାଣ୍ଡ, ହସ୍ତକ୍ଷେପ, ଦୈବକୃତ ଘଟଣାସବୁ ଏଠାରେ ବିରଳ ନୁହେଁ । ସେସବୁ ପ୍ରାୟଶଃ ଘଟିଥାଏ, ମାତ୍ର ସେସବୁ ଆମର ଦୃଷ୍ଟି ଆକର୍ଷଣ କରେ ନାହିଁ । କାହିଁକି ନା, ଏଇ ସମସ୍ତ ପରିଦୃଶ୍ୟମାନ ବିଘଟନ ହେତୁହିଁ ବିଶ୍ୱସ୍ତରରେ, ତତ୍ ସହିତ ବ୍ୟକ୍ତିଗତ ସ୍ତରରେ ମଧ୍ୟ ପ୍ରଗତି ସମ୍ଭବ ହେଉଛି ବିବର୍ତ୍ତନ ଧାରାରେ । ପ୍ରକୃତିର ଏଇ ସତ୍ୟ ଉପରେହିଁ ବିବର୍ତ୍ତନ ପ୍ରତିଷ୍ଠିତ ।

ସତରେ ଦେଖିଲେ ମନୁଷ୍ୟ ତା'ର ସହଜାତ ଛାଞ୍ଚ ଅବା ପ୍ରକୃତିଗତ ଜଟିଳ ଗୁଣାବଳି ଭିତରେ ଆବଦ୍ଧ ନୁହେଁ । ବଦଳୁ ନଥିବା ଚତୁଷ୍କୋଣ ବିଶିଷ୍ଟ ବିଛଣା (Procrustean bed)[୩] ଭଳି ଏକ ଗଠନ ମଧ୍ୟରେ ମଣିଷ କେବେ ବି ବନ୍ଦୀ ହୋଇ ରହିପାରିବ ନାହିଁ ତା'ର ପାରିପାର୍ଶ୍ୱିକ ଶକ୍ତିମାନଙ୍କ ଦ୍ୱାରା । ଅନବରତ ତା' ଆଗରେ ଖୋଲା ଥିବା ପଥରେ ଚାଲିବାକୁ ସେ ଶକ୍ତିରାଜିଙ୍କୁ ଆହ୍ୱାନ କରିପାରିବ କିଂବା ଶକ୍ତିସବୁ ଅନ୍ୟ ଲୋକରୁ ତା' ମଧ୍ୟକୁ ଓହ୍ଲାଇ ଆସିପାରିବେ ଓ ତା' ଅବସ୍ଥାର ପରିବର୍ତ୍ତନ ଆଣି ପାରିବେ; ଏପରିକି ତା'ର ସ୍ୱଭାବ-ପ୍ରକୃତିରେ, ତା'ର ଚରିତ୍ରବତ୍ତାରେ ତଥା ଜୀବନରେ ବିପ୍ଳବାତ୍ମକ ନବ-ରୂପାୟଣ ଆଣି ଦେଇପାରିବେ । ଆମ ସାଧନାରେ ଯେଉଁ ଉନ୍ମୀଳନ ବିଷୟ ଆମେ କହୁ, ତାହାର ଅର୍ଥ ହେଉଛି – ଊର୍ଦ୍ଧ୍ୱରୁ ଏକ ବୃହତ୍ ଶକ୍ତି ଆମ ଚେତନା ଭିତରକୁ ଓହ୍ଲାଇ ଆସିବା ତଥା ଆମ ସାଧାରଣ ସ୍ୱଭାବ-ପ୍ରକୃତି ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା ସର୍ବଦା ରହିଛି । ପ୍ରକୃତି ତ ଆଉ ଧରାବନ୍ଧା ଛିଦ୍ରହୀନ ବସ୍ତୁ ମାତ୍ର ନୁହେଁ, ଯାହା ଭିତରକୁ କିଛି ପ୍ରବେଶ କରିବ ନାହିଁ । ଆମକୁ ଜଣା ଯେ ଅପେକ୍ଷାକୃତ ବିସ୍ତୃତ ଶୂନ୍ୟସ୍ଥାନସବୁ ଅଛି ଗୋଟିଏ ପରମାଣୁକୁ ଅନ୍ୟ ଗୋଟିଏ ପରମାଣୁଠାରୁ ବିଚ୍ଛିନ୍ନ କରି ରଖିବାରେ, ସେଇ ବିଶାଳ ଶୂନ୍ୟତା ଦେଇ ପାରମାଣବିକ କ୍ଷୁଦ୍ରାଂଶଗୁଡ଼ିକ ଯଥେଷ୍ଟ ଦୂରରେ ରହୁଥିବା ସତ୍ତ୍ୱେ ମଧ୍ୟ ସେମାନଙ୍କର ଉପାଦାନଗୁଡ଼ିକ ପରସ୍ପର ଉପରେ କାର୍ଯ୍ୟ କରିଥା'ନ୍ତି, ସେଗୁଡ଼ିକ ଏକ ଅପରର ଅନୁପୂରକ ହୁଅନ୍ତି । ସେଗୁଡ଼ିକହିଁ ବୃହତ୍ ଜାଲରେ ଅନେକ ଛିଦ୍ର ଏବଂ ଉକ୍ତ କ୍ଷୁଦ୍ର କ୍ଷୁଦ୍ର ଛିଦ୍ରଦେଇ ଉପର ସ୍ତରରୁ ନିଶ୍ଚିତଭାବେ ଅନ୍ୟାନ୍ୟ ଊର୍ଜା ବା ଶକ୍ତି ତଳକୁ ଛାଣି ହୋଇ ଆସନ୍ତି ।

ସମୟକୁ ମନୁଷ୍ୟ ଅଥବା ପ୍ରକୃତି ବିଶେଷଭାବେ ଲକ୍ଷ୍ୟ କରେ ନାହିଁ; ସେମାନେ ସର୍ବଦା ଦ୍ରୁତ ଅଗ୍ରସର ହୁଅନ୍ତି । ପଶ୍ଚାଦ୍‌ଭାଗରେ ଏକ ଉଚ୍ଚତର ନିୟତିର ସଜୋର ଚାପ ବ୍ୟତିରେକେ ଏହି ଅଗ୍ରଗତି ହୋଇଥା'ନ୍ତା ତ୍ରିଗୁଣଭାବେ ଏକ ପାପିଷ୍ଠ ବୃତ୍ତ, ପୁରାତନ ଓ ଯୁଗଯୁଗାନ୍ତରର ଏକ ତୁଚ୍ଛା ନିଷ୍ଫଳ ପୁନରାବୃତ୍ତି । ମହତ୍ ଆତ୍ମାଗଣ, ବିଭୂତି ଓ ସ୍ୱୟଂ ଅବତାରମାନେହିଁ ସର୍ବୋଚ୍ଚ ଧାମର ଉତ୍ସରାଜିରୁ ଏପରି ଅବତରି ଆସିଥିବା ଉଚ୍ଚତର ଏବଂ ଅନ୍ୟାନ୍ୟ ଶକ୍ତିସତ୍ତାଗଣଙ୍କର ଏକ ଏକ ମୂର୍ତ୍ତବିଗ୍ରହ ।

ଯେଉଁ ଶକ୍ତିର ଉତ୍ସ ଯେତେ ଉଚ୍ଚତର, ତାହା ସେତେ ମହତ୍, ଅଧିକ ସାରଗର୍ଭକ ଏବଂ ତାହାର ଅଲୌକିକତା ସେତେ ଦୂର ଚିରସ୍ଥାୟୀ । ସର୍ବୋତ୍ତମ ଅଲୌକିକ କାଣ୍ଡ ଅପେକ୍ଷା କରି ରହିଛି ଏଇ ପୃଥିବୀ ବକ୍ଷରେ ମଣିଷର ନିୟତି ଆଗରେ ଉପସ୍ଥିତ ହେବା ପାଇଁ – ଯେତେବେଳେ ଭଗବାନଙ୍କର ପରମ ଚେତନା ଏଇ ଜଡ଼ଭୂମିରେ ଅବତରଣ କରିବ ଓ ସକଳ ନଶ୍ୱରତାକୁ ଅବିନଶ୍ୱରତାରେ ପରିଣତ କରିବ ।

(ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କର Collected Works, Vol.1, *Divine Intervention* ର ଅନୁବାଦ)

ଅନୁବାଦ : କୃଷ୍ଣାଦେବୀ ✤

---

**ତଥ୍ୟ ନିର୍ଦ୍ଦେଶିକା**

୧: Sophocles (495-405 : B. C.) ବିଖ୍ୟାତ ଗ୍ରୀକ୍ ନାଟ୍ୟକାର । ତାଙ୍କର ଅନେକ ନାଟକ ମଧ୍ୟରେ Odipus The King ଅନ୍ୟତମ; ସେ ବିଶେଷ କରି ଗ୍ରୀକ୍-ଟ୍ରାଜେଡ଼ି ପାଇଁ ପ୍ରସିଦ୍ଧ ।

୨ : Pierra Simon Masquis Delaplace (1749 ରୁ 1827-A.D.), ଫରାସୀ ଦେଶର ବିଖ୍ୟାତ ଗଣିତଜ୍ଞ, ଜ୍ୟୋତିର୍ବିତ୍ ଓ ଦାର୍ଶନିକ ।

୩ : Procrustean bed – କଥିତ ଅଛି ଗ୍ରୀସ୍ ଦେଶର ଏକ ଡକାୟତ ଦମ୍ପତି ପଥିକମାନଙ୍କୁ ଧରି ନେଇ ଖଟରେ ବାନ୍ଧି ଦିଅନ୍ତି ତା'ର ଚାରିକୋଣର ଚାରୋଟି ଖୁଣ୍ଟି ସାଙ୍ଗରେ । ଲୋକଟି ଯଦି ଲମ୍ବା ହୋଇଥାଏ, ତା'ର ହାତପାଦ କାଟି ଦିଅନ୍ତି ଓ ଖଟର ଚାରିକୋଣ ସହିତ ବାନ୍ଧି ରଖିବା ଫଳରେ ପଥିକଟି ଚତୁଷ୍କୋଣ ବିଶିଷ୍ଟ ହୋଇଯାଏ । ସେଦିନରୁ ଏଇ ଉପମାଟି ଦିଆଯାଏ ।

# ସପ୍ତମ ସୂକ୍ତ, ଅଗ୍ନିଙ୍କ ପ୍ରତି

**ଶ୍ରୀଅରବିନ୍ଦ**

**ଭାଗବତ ସଂକଳ୍ପ, ଅଭିଳାଷୀ, ଭୋକ୍ତା, ପ୍ରାଣୀ-ସ୍ତରରୁ ଆନନ୍ଦ ଓ ଜ୍ଞାନ ଦିଗରେ ଅଗ୍ରଗତିଶୀଳ**
**ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୭, ଋଷି – ଇଷ ଆତ୍ରେୟ**

[ଏହି ସୂକ୍ତରେ ଅଗ୍ନିଙ୍କୁ ଦିବ୍ୟଶକ୍ତି ରୂପେ ସ୍ତୁତି କରାଯାଇଛି, ଯିଏ ମାନବ ସତ୍ତା ମଧ୍ୟକୁ ଆନନ୍ଦ ତଥା ସତ୍ୟରଶ୍ମି ଏବଂ ଆମ ଅନ୍ଧକାର ରାତ୍ରି ମଧ୍ୟକୁ ଜ୍ୟୋତି ନେଇ ଆସିଥା'ନ୍ତି । ମନୁଷ୍ୟଗଣଙ୍କୁ ସେମାନଙ୍କ ପ୍ରୟାସ ମଧ୍ୟରେ ସେ ନିଜ ଆନନ୍ତ୍ୟ ସ୍ତର ପ୍ରତି ସଂଚାଳିତ କରନ୍ତି; ଜାଗତିକ ଭୋଗକୁ ସେ ଉପଭୋଗ କରିବା ସହ ଚିରି ଫିଙ୍ଗି ଦିଅନ୍ତି, କିନ୍ତୁ ତାଙ୍କର ବହୁବିଧ କାମନାର ଉଦ୍ଦେଶ୍ୟ ହେଉଛି ବିଶ୍ୱାତ୍ମକତାର ଗଠନ, ମାନବ ସତ୍ତାର ଦିବ୍ୟ ସଦନ ମଧ୍ୟରେ ସର୍ବଗ୍ରାହୀ ସୁଖର ନିର୍ମାଣ । ସେ ଏପରି ଏକ ପ୍ରାଣୀ ଯିଏ 'ପ୍ରକୃତି'ର ପ୍ରଗତିଶୀଳ ଗତିବୃତ୍ତି ଦ୍ୱାରା ଜଣେ ଭୋକ୍ତା ରୂପେ ଗତି କରୁଛନ୍ତି, ଜଣେ କୁଠାରହସ୍ତ ପଥିକ ଭଳି ବନସ୍ଥଳୀରେ ଯାତ୍ରା କରୁଛନ୍ତି – ଲକ୍ଷ୍ୟ ହେଉଛି ସିଦ୍ଧି ଓ ଆନନ୍ଦ । ମନୁଷ୍ୟର ଏହି ଉତ୍କଣ୍ଠା, ଭାବାବେଗୀ, ପ୍ରାଣିଧର୍ମୀ ସତ୍ତା ତାଙ୍କରି ଦ୍ୱାରା ପ୍ରଦତ୍ତ – ଉଦ୍ଦେଶ୍ୟ ହେଲା ଏହା ବିଶୋଧିତ ହୋଇ ଶାନ୍ତି ଓ ଆନନ୍ଦରେ ପରିଣତ ହେବ; ସେ ଏହାରି ମଧ୍ୟରେ ପ୍ରତିଷ୍ଠା କରନ୍ତି ଏକ ପ୍ରକାର ଦିବ୍ୟ ଜ୍ୟୋତି ଓ ଜ୍ଞାନ ତଥା ଆତ୍ମାର ଏକ ଜାଗ୍ରତ୍ ସ୍ଥିତି ।]

ସଖାୟଃ ସଂ ବଃ ସମ୍ୟଞ୍ଚମିଷଂ ସ୍ତୋମଂ ଚାଗ୍ନୟେ ।
ବର୍ଷିଷ୍ଠାୟ କ୍ଷିତୀନାମୂର୍ଜୋ ନପ୍ତ୍ରେ ସହସ୍ୱତେ ॥୧॥

ହେ ସଖାଗଣ [ସଖାୟଃ], ସେହି ମହାନ୍ ବଳଙ୍କ ନିମନ୍ତେ [ଅଗ୍ନୟେ], ଆମ ନିବସର[୧] ଜଗତ୍ ଉପରେ ନିଜର ପ୍ରାଚୁର୍ଯ୍ୟର ବର୍ଷକଙ୍କ ନିମନ୍ତେ [କ୍ଷିତୀନାଂ ବର୍ଷିଷ୍ଠାୟ], ଶକ୍ତିପତିଙ୍କ ନିମନ୍ତେ [ସହସ୍ୱତେ], ଓଜଃର ପୁତ୍ରଙ୍କ ନିମନ୍ତେ [ଊର୍ଜୋ ନପ୍ତ୍ରେ] ତୁମ ମଧ୍ୟରେ ରହିଛି [ବଃ] ସଂବେଗର ପରମ ଶକ୍ତି [ସମ୍ୟଞ୍ଚମ୍ ଇଷମ୍] ଏବଂ ସଂପୂର୍ଣ୍ଣ ସ୍ତୁତି [ସଂ ସ୍ତୋମମ୍] ।

କୁତ୍ରା ଚିଦ୍ ୟସ୍ୟ ସମୃତୌ ରଣ୍ୱା ନରୋ ନୃଷଦନେ ।
ଅର୍ହନ୍ତଶ୍ଚିଦ୍ ୟମିନ୍ଧତେ ସଂଜନୟନ୍ତି ଜନ୍ତବଃ ॥୨॥

ଯେକୌଣସି ସ୍ଥାନରେ ହେଲେ ବି [କୁତ୍ରାଚିତ୍] ମାନବାତ୍ମା [ନରଃ] ତାଙ୍କର [ୟସ୍ୟ] ସମ୍ମିଳନକୁ ପ୍ରାପ୍ତ ହେଲାବେଳେ [ସମୃତୌ] ସେ ନିଜର ବାସ-ସଦନରେ [ନୃଷଦନେ] ହର୍ଷୋତ୍‌ଫୁଲ୍ଲିତ ହୋଇଉଠନ୍ତି [ରଣ୍ୱା] । ଏପରିକି ସେହି ଓଜଃଙ୍କ ବିଷୟରେ ଯେଉଁମାନେ ବିଜ୍ଞ [ଅର୍ହନ୍ତଃ ଚିତ୍] ସେହି ଅଗ୍ନିଙ୍କୁ [ୟମ୍] ପ୍ରଜ୍ୱଳିତ କରି ରଖିଥା'ନ୍ତି [ଇନ୍ଧତେ] ଏବଂ ଜନ୍ମ ନେଇଥିବା ସକଳ ଜୀବ [ଜନ୍ତବଃ] ତାଙ୍କର (ଅଗ୍ନିଙ୍କର) ପୂର୍ଣ୍ଣଜନ୍ମ ନିମନ୍ତେ କର୍ମ କରନ୍ତି [ସଂ ଜନୟନ୍ତି] ।

ସଂ ୟଦିଷୋ ବନାମହେ ସଂ ହବ୍ୟା ମାନୁଷାଣାମ୍ ।
ଉତ ଦ୍ୟୁମ୍ନସ୍ୟ ଶବସ ଋତସ୍ୟ ରଶ୍ମିମା ଦଦେ ॥୩॥

ଯେତେବେଳେ [ୟଦ୍] ଆମ ସଂବେଗର ଶକ୍ତିଗୁଡ଼ିକୁ [ଇଷଃ] ଆମେ ପୂର୍ଣ୍ଣରୂପେ ପ୍ରାପ୍ତ କରିବା ସହ ତାହାକୁ ଭୋଗ କରୁଁ, ମାନବମାନେ ଯାହାସବୁ ନିଜର ହବିଃ ରୂପେ ପୂର୍ଣ୍ଣରୂପେ ସମର୍ପଣ କରିଥା'ନ୍ତି [ମାନୁଷାଣାଂ ସଂ ହବ୍ୟା], ସେତେବେଳେ

[୧] ଅଥବା, ଜଗତବାସୀଙ୍କ ଉପରେ ।

[ଉତ] ମୁଁ ଦୀପ୍ତିମନ୍ତ [ଦ୍ୟୁମ୍ନସ୍ୟ] ତଥା ଭାସ୍ୱର ବଳଯୁକ୍ତ [ଶବସଃ][୨] ସତ୍ୟର କିରଣକୁ [ଋତସ୍ୟ ରଶ୍ମିମ୍] ଆହରଣ କରିଥାଏ [ଆ ଦଦେ]।

ସ ସ୍ମା କୃଣୋତି କେତୁମା ନକ୍ତଂ ଚିଦ୍ ଦୂର ଆ ସତେ।
ପାବକୋ ଯଦ୍ ବନସ୍ପତୀନ୍ ପ୍ର ସ୍ମା ମିନାତ୍ୟଜରଃ ॥୪॥

ଏପରିକି ରାତ୍ରି ମଧ୍ୟରେ ବହୁ ଦୂରରେ ଆସୀନ ବ୍ୟକ୍ତି ନିମନ୍ତେ ବି [ନକ୍ତଂ ଦୂରେ ଆ ସତେ ଚିତ୍] ପ୍ରକୃତରେ ସେ ପ୍ରତୀତିରୂପୀ ଆଲୋକ ସୃଷ୍ଟି କରିଥା'ନ୍ତି [ସଃ କେତୁମ୍ ଆ କୃଣୋତି ସ୍ମ], ଯେତେବେଳେ କି [ଯଦ୍] ସେହି ଅଜର ଓ ପାବକ ସ୍ୱୟଂ [ଅଜରଃ ପାବକଃ] ଆନନ୍ଦ ରୂପକ ବନସ୍ଥଳୀର ଅଧିପତିମାନଙ୍କୁ [ବନସ୍ପତୀନ୍][୩] ଆକୁଞ୍ଚନ କରିଥା'ନ୍ତି [ପ୍ର ମିନାତ୍ୟ ସ୍ମ]।

ଅବ ସ୍ମ ଯସ୍ୟ ବେଷଣେ ସ୍ୱେଦଂ ପଥିଷୁ ଜୁହ୍ୱତି।
ଅଭୀମହ ସ୍ୱଜେନ୍ୟଂ ଭୂମା ପୃଷ୍ଠେବ ରୁରୁହୁଃ ॥୫॥

ତାଙ୍କରି ବେଷ୍ଟନ ମଧ୍ୟରେ [ଯସ୍ୟ ବେଷଣେ] ମନୁଷ୍ୟମାନେ ଯେତେବେଳେ ମାର୍ଗଗୁଡ଼ିକରେ [ପଥିଷୁ] ସେମାନଙ୍କ ପରିଶ୍ରମର ସ୍ୱେଦକୁ[୪] ହବନ କରିଥା'ନ୍ତି [ସ୍ୱେଦଂ ଜୁହ୍ୱତି] ତା'ପରେ ବିଶାଳ ସ୍ତରଗୁଡ଼ିକୁ ଆରୋହଣ କରି ସଫଳ ବ୍ୟକ୍ତି ପରି [ଭୂମା ପୃଷ୍ଠା ଇବ][୬] ସେମାନେ ତାଙ୍କରି ଧାମ ଅଭିମୁଖେ ଆରୋହଣ କରନ୍ତି [ଅଭି ଇମ୍ ଅହ ଆ ରୁରୁହୁଃ] ଯେଉଁଠାରେ ସେ ଆତ୍ମହର୍ଷରେ ପ୍ରହର୍ଷିତ ହୋଇ ଆସୀନ [ବିଶ୍ୱଜେନ୍ୟମ୍][୫]।

ଯଂ ମର୍ତ୍ୟଃ ପୁରୁସ୍ପୃହଂ ବିଦଦ୍ ବିଶ୍ୱସ୍ୟ ଧାୟସେ।
ପ୍ର ସ୍ୱାଦନଂ ପିତୂନାମସ୍ତତାତିଂ ଚିଦାୟବେ ॥୬॥

ମୃତ୍ୟୁନିୟତ ମନୁଷ୍ୟ [ମର୍ତ୍ୟଃ] ଏହି ବିବିଧ ଆସ୍ପୃହାକୁ ବହନ କରୁଥିବା ଜଣେ ଦେବତା ରୂପେ ତାଙ୍କୁ [ପୁରୁସ୍ପୃହଂ ଯମ୍] ଦିନେ ଜାଣିବାକୁ ପାଇବ [ବିଦଦ୍] ଯିଏ ସମଗ୍ରକୁ ଆମ ମଧ୍ୟରେ ପ୍ରତିଷ୍ଠିତ କରିବେ [ବିଶ୍ୱସ୍ୟ ଧାୟସେ]; କାରଣ ସେ ସକଳ ଭୋଜ୍ୟବସ୍ତୁର ମଧୁର ସ୍ୱାଦୁ ପ୍ରତି ଅଗ୍ରଗାମୀ [ପିତୂନାଂ ସ୍ୱାଦନଂ ପ୍ର] ଏବଂ ସେ ଏହି ମାନବ ବ୍ୟକ୍ତି ନିମନ୍ତେ [ଆୟବେ] ଏକ ଆବାସ ରଚନା କରୁଛନ୍ତି[୭] [ଅସ୍ତତାତିମ୍]।

---

[୨] ଅଥବା, ''ଜ୍ୟୋତିଃ, ଉଜ୍ଜ୍ୱଳ ଶକ୍ତି, ସତ୍ୟର।''

[୩] ବନସ୍ପତୀନ୍ – ଏହାକୁ ଦ୍ୱୈତ ଅର୍ଥରେ ଦେଖିଲେ ପ୍ରଥମଟି ହେଲା – ବୃକ୍ଷରାଜି, ବନର ପତିଗଣ, ଭୂମିରୁ ଉତ୍ପନ୍ନ ଅରଣ୍ୟାନୀ, ଆମର ଭୌତିକ ଜୀବନ ସ୍ତର ପ୍ରଭୃତି, ଦ୍ୱିତୀୟଟି ହେଲା – ଆନନ୍ଦର ଅଧିପତିଗଣ। ଅମୃତତ୍ୱ ସାଧକ ସୁରାର ଉତ୍ପାଦକ 'ସୋମ' ଏକ ବିଶେଷ ଧରଣର 'ବନସ୍ପତି'।

[୪] 'ସ୍ୱେଦଂ ଜୁହ୍ୱତି'ର ଦ୍ୱି-ଅର୍ଥ ରହୁଛି – ଗୋଟିଏ 'ସ୍ୱେଦ', ଅନ୍ୟଟି ଅନ୍ନ-ଆହୁତିକୁ ପ୍ରଚୁର ଭାବେ ଅଜାଡ଼ି ଦେବା।

[୫] ଅଥବା, ସ୍ୱୟଂ-ଜୟଶୀଳ।

[୬] ଏହି ସ୍ତରଗୁଡ଼ିକ ହେଉଛନ୍ତି – 'ସତ୍ୟ'ର ଆଧାରରେ ଅବସ୍ଥିତ ପ୍ରଶସ୍ତ ଅନନ୍ତ ସ୍ତରରାଜି, ଏହି ମୁକ୍ତ ସ୍ତରଗୁଡ଼ିକ ଅସମ ବକ୍ରତାଗୁଡ଼ିକୁ କୌଣସି ସ୍ଥାନରେ ବିରୋଧ କରୁଛି – ମନୁଷ୍ୟମାନଙ୍କ ମଧ୍ୟରେ ଏହି କୁଟିଳତା ନିବଦ୍ଧ ଅବସ୍ଥାରେ ରହି ସେମାନଙ୍କ ଦୃଷ୍ଟିକୁ ସୀମିତ କରୁଥାଏ ଏବଂ ସେମାନଙ୍କ ଯାତ୍ରାରେ ବାଧା ସୃଷ୍ଟି କରୁଥାଏ।

[୭] ମାନବର ଆବାସ, ଅର୍ଥାତ୍ ତା' ଅସ୍ତିତ୍ୱର ଉଚ୍ଚତର ଦିବ୍ୟ ଜଗତ୍ ତା' ମଧ୍ୟରେ ଯଜ୍ଞ ଦ୍ୱାରା ରଚିତ ହୋଇ ଚାଲିଛି। ପରିପୂର୍ଣ୍ଣ 'ଆନନ୍ଦ' ହେଉଛି ଏହି ଆବାସ, ସକଳ ମାନବୀୟ କାମନା ତଥା ପରିଭୋଗ ଏହାଙ୍କ ମଧ୍ୟରେ ରୂପାନ୍ତରିତ ଏବଂ ବିଲୀନ ହୋଇ ଯିବାର ଅଛି। ସେହି ହେତୁ ବିଶୋଧନକାରୀ 'ଅଗ୍ନି' ସକଳପ୍ରକାର ଭୌତିକ ଜୀବନ ଓ ଉପଭୋଗକୁ ଗିଳି ନେଇଥା'ନ୍ତି, ଯାହାଫଳରେ ସେସବୁକୁ ଦିବ୍ୟ ପ୍ରତିରୂପ ଦେଇ ପାରିବେ।

ସ ହି ଷ୍ମା ଧନ୍ୱାକ୍ଷିତଂ ଦାତା ନ ଦାତ୍ୟା ପଶୁଃ ।
ହିରିଶ୍ମଶ୍ରୁଃ ଶୁଚିଦନ୍ନୃଭୁରନିଭୃଷ୍ଟତବିଷିଃ ॥୭॥

ହଁ, ଆମର ନିବାସସ୍ଥଳ ଏହି ମରୁଭୂମିକୁ[୮] [ଧନ୍ୱା ଅକ୍ଷିତମ୍] ସେ ଏଭଳି ଟିକି ଟିକି କରି ଚିରିଦିଅନ୍ତି [ସଃ ହି ଆ ଦାତି ସ୍ମ] ଯେପରି ପଶୁଟିଏ ତା'ର ଖାଦ୍ୟକୁ ଖଣ୍ଡ ଖଣ୍ଡ କରିଦିଏ [ପଶୁଃ ନ ଆ ଦାତି]; ଏହି ଦିବ୍ୟ 'ପଶୁ'ଙ୍କର ଶ୍ମଶ୍ରୁ ହିରଣ୍ମୟ [ହିରିଶ୍ମଶ୍ରୁଃ], ପବିତ୍ରତା ଏହାଙ୍କ ଦାନ୍ତ [ଶୁଚିଦନ୍] (ଋଭୁଃ – ଏହାର ଅନୁବାଦ ଏଠାରେ ନାହିଁ – ''ସେ ଜଣେ ଋଭୁ ଅର୍ଥାତ୍ କାରୁଶିଳ୍ପୀ), ଏବଂ ତା'ପରେ ତାଙ୍କ ଅନ୍ତର୍ଗତ ଶକ୍ତି ଚୂର୍ଣ୍ଣ ହୋଇଯାଏ ନାହିଁ [ଅନିଭୃଷ୍ଟତବିଷିଃ] ।

ଶୁଚିଃ ଷ୍ମ ୟସ୍ମା ଅତ୍ରିବତ୍ ପ୍ର ସ୍ୱଧିତୀବ ରୀୟତେ ।
ସୁଷୂରସୂତ ମାତା କ୍ରାଣା ୟଦାନଶେ ଭଗମ୍ ॥୮॥

ସେ ଅବଶ୍ୟ ଶୁଦ୍ଧପୂତ [ଶୁଚିଃ ଷ୍ମ], ଯାହାଙ୍କ ନିମନ୍ତେ [ୟସ୍ମୈ] ସେ ଅତ୍ରି ଭଳି, ଅର୍ଥାତ୍ ବସ୍ତୁଗୁଡ଼ିକର ଯେ ଭକ୍ଷକ ତାଙ୍କରି ଭଳି ହୋଇଥା'ନ୍ତି [ଅତ୍ରିବତ୍] ସେଠାରେ ସାନୁବନ୍ଧ ପ୍ରଗତି [ପ୍ର ରୀୟତେ] 'ପ୍ରକୃତି' ଦ୍ୱାରା ଏକ କୁଠାର ସାହାଯ୍ୟରେ ବି ହୋଇପାରେ,[୯] [ସ୍ୱଧିତୀ ଇବ]; ତଥା ତାଙ୍କ ମାଆ [ମାତା] ସୁଖକର ପ୍ରସବରେ [ସୁଷୂଃ] ତାଙ୍କୁ ଜନ୍ମ କରିଥିଲେ [ଅସୂତ] ଏହି ଉଦ୍ଦେଶ୍ୟରେ ଯେ [ୟତ୍] ସେ ତାଙ୍କ (ମାତାଙ୍କ) କର୍ମ ସମ୍ପାଦନ କରି ପାରିବେ [କ୍ରାଣା] ତଥା ଭୋଗ୍ୟବସ୍ତୁର ସ୍ୱାଦ ଚାଖିପାରିବେ [ଭଗମ୍ ଆନଶେ][୧୦]

ଆ ୟସ୍ତେ ସର୍ପିରାସୁତେଽଗ୍ନେ ଶମସ୍ତି ଧାୟସେ ।
ଐଷୁ ଦ୍ୟୁମ୍ନମୁତ ଶ୍ରବ ଆ ଚିତ୍ତଂ ମର୍ତ୍ୟେଷୁ ଧାଃ ॥୯॥

ହେ ଶକ୍ତି [ଅଗ୍ନେ], ଆମ ଉପରେ ପ୍ରବହମାନ ଐଶ୍ୱର୍ଯ୍ୟକୁ ଆଣି ଚାପି ଦେଉଥିବା ହେ ଦେବତା, ତୁମେ ଯେତେବେଳେ ଦେଖ ଯେ [ଆ] ତୁମ କର୍ମର ପ୍ରତିଷ୍ଠା ନିମନ୍ତେ [ତେ ଧାୟସେ] କେହି ଜଣେ ସୁଶାନ୍ତିଯୁକ୍ତ ବ୍ୟକ୍ତି ଅଛି[୧୧] [ଶମ୍ ଅସ୍ତି], ଏହି ମର୍ତ୍ତ୍ୟଙ୍କ ମଧ୍ୟରେ [ଏଷୁ ମର୍ତ୍ୟେଷୁ] ଦୀପ୍ତି ପ୍ରତିଷ୍ଠିତ କରି ଥାଅ [ଦ୍ୟୁମ୍ନମ୍ ଆ ଧାଃ] ଏବଂ ଅନ୍ତପ୍ରେରିତ ଜ୍ଞାନ [ଶ୍ରବଃ] ତଥା ସଚେତନ ଆତ୍ମାକୁ ବି [ଚିତ୍ତମ୍] ପ୍ରତିଷ୍ଠିତ କରିଥାଅ ।

ଇତି ଚିନ୍ମନ୍ୟୁମଧ୍ରିଜସ୍ତ୍ୱାଦାତମା ପଶୁଂ ଦଦେ ।
ଆଦଗ୍ନେ ଅପୃଣତୋଽତ୍ରିଃ ସାସହ୍ୟାଦ୍ ଦସ୍ୟୂନିଷଃ ସାସହ୍ୟାନ୍ନୃନ୍ ॥୧୦॥

---

[୮] ଅତିଚେତନ ଲୋକଗତ 'ଆନନ୍ଦ' ଓ 'ସତ୍ୟ' ମଧ୍ୟରୁ ଅବତରଣ କରୁଥିବା ନିର୍ଝରିଣୀ ବା ସରିତ୍‌ମାନଙ୍କ ଦ୍ୱାରା ସେଚିତ ହୋଇ ନଥିବା ଭୌତିକ ସତ୍ତା ।

[୯] 'ସ୍ୱଧିତି'ର ଦ୍ୱୈତ ଅର୍ଥକୁ ନେଇ ଏଠାରେ ପୁଣି ଏକ ଶ୍ଲେଷ, ଗୋଟିଏ ଅର୍ଥରେ ଏକ କୁରାଢ଼ି ବା କାଠକୁ ଚିରିବାର ଉପକରଣ, ଅନ୍ୟ ଅର୍ଥରେ 'ପ୍ରକୃତି'ର ଆତ୍ମ-ବ୍ୟବସ୍ଥିତିଶୀଳ ଶକ୍ତି, 'ସ୍ୱଧା' । ଏଠାରେ ରୂପକଟି ଏହିପରି – ଭୌତିକ ସତ୍ତା ରୂପକ ବନରାଜିଗୁଡ଼ିକ ମଧ୍ୟଦେଇ କୁରାଢ଼ିରୂପକ ଦିବ୍ୟ 'ଶକ୍ତି'ର ପ୍ରଗତି । କିନ୍ତୁ ପ୍ରକୃତି, ବିଶ୍ୱଶକ୍ତି, 'ମାତା' ଯିଏ ଏହି ଦିବ୍ୟ ଶକ୍ତିଙ୍କୁ, ଶକ୍ତିସ୍ୱନୁଙ୍କୁ ଜନ୍ମ ଦେଇଛନ୍ତି, ତାଙ୍କର ସ୍ୱାଭାବିକ ଆତ୍ମବ୍ୟବସ୍ଥିତ ପ୍ରଗତିର ପ୍ରତୀକ ହେଉଛି ଏହି କୁରାଢ଼ି ।

[୧୦] ''ଭଗ'', ଦିବ୍ୟ ପରିଭୋଗ, ଭଗଦେବଙ୍କ ସହ ଏହାକୁ ନିରୂପିତ କରାଯାଇଛି, ଏହି ଦେବତା ହେଉଛନ୍ତି 'ସତ୍ୟ'ର ଶକ୍ତି ଅନୁସାରେ ଉପଭୋକ୍ତା ।

[୧୧] ବେଦରେ ''ଶମ୍'' ଓ ''ଶମ'' ଶାନ୍ତି ତଥା ହର୍ଷ ଅର୍ଥକୁ ବ୍ୟକ୍ତ କରେ, ଏହି ହର୍ଷ ଥାଏ ସୁସମ୍ପନ୍ନ କର୍ମର ଅଥବା ଯଜ୍ଞକର୍ମର ହର୍ଷ : ସଂଗ୍ରାମ ଓ ଯାତ୍ରାର ପରିଶ୍ରମ ଯେତେବେଳେ ବିଶ୍ରାନ୍ତି ଲାଭ କରିଥାଏ, ସଂଘର୍ଷ ଓ ଆୟାସର ପୀଡ଼ାରୁ ମୁକ୍ତ ଆନନ୍ଦର ଭିତ୍ତି ଯେତେବେଳେ ଅଧିଷ୍ଠିତ ହୋଇ ଥାଏ ସେତେବେଳର ଏହି ହର୍ଷ ।

କାରଣ, ଏହି ଲକ୍ଷ୍ୟସିଦ୍ଧି ନିମନ୍ତେ [ଇତି ଚିତ୍] ଭୌତିକ ସତ୍ତା ମଧ୍ୟରେ ଜନ୍ମଗ୍ରହଣ କରିଥିବା ମୁଁ [ଅଧ୍ରିଜଃ] ତୁମର ଦାନ ରୂପେ [ତ୍ୱା-ଦାତମ୍] ଭାବାବେଗୀ ମନ ଓ ପଶୁ-ସତ୍ତାକୁ [ମନ୍ୟୁଂ ପଶୁମ୍] ପ୍ରାପ୍ତ ହୋଇଛି [ଆଦଗ୍ନେ][୧୨]। ଆହୁରି ମଧ୍ୟ [ଆଦ୍] ହେ କ୍ରିୟାଶୀଳ ସଂକଳ୍ପ [ଅଗ୍ନେ] ନିଜ ପୂର୍ଣ୍ଣତା ନିମନ୍ତେ ସଯତ୍ନ ନଥିବା [ଅପୃଣତଃ] ବିଭାଜକ ଶକ୍ତିଗଣଙ୍କୁ [ଦସ୍ୟୂନ୍][୧୩] ବସ୍ତୁଗୁଡ଼ିକର ଭକ୍ଷକ [ଅତ୍ରିଃ] ପରାଭୂତ କରନ୍ତୁ [ସାସହ୍ୟାତ୍]; ତାଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର ନିମନ୍ତେ ଝପଟି ଆସୁଥିବା ଏହି ବ୍ୟକ୍ତିସତ୍ତାମାନଙ୍କୁ [ଇଷଃ ନୃନ୍] ସେ ପରାଭୂତ କରନ୍ତୁ [ସାସହ୍ୟାତ୍]।

(କ୍ରମଶଃ)

[CWSA, Vol. 15, pp. 417-420]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

---

(୧୨) ଏହାର ଆକ୍ଷରିକ ଅର୍ଥ, ବାସନାପ୍ରେରିତ ମନ ଓ ପଶୁ; କିନ୍ତୁ 'ପଶୁ' ଶବ୍ଦଟିର ଅର୍ଥ ବେଦରେ ପ୍ରାୟତଃ ସର୍ବତ୍ର ଯେପରି ଦେଖାଯାଏ, ଜ୍ୟୋତିଃରୂପକ ଗୌଃ; ସେହି ଦୃଷ୍ଟିରୁ ଏହାର ଭାବାର୍ଥ ହେବ ଭାବାବେଗୀ ମନ ଏବଂ ଜ୍ୟୋତିର୍ମୟ ମନ। କିନ୍ତୁ ପ୍ରଥମରେ କୁହାଯାଇଥିବା ଅନୁବାଦଟି ସୂକ୍ତର ସାମାନ୍ୟ ଅର୍ଥ ସହିତ ତଥା ପୂର୍ବରୁ ହୋଇଥିବା ଏହି ଶବ୍ଦର ପ୍ରୟୋଗ ସହିତ ମେଳ ଖାଉଛି।

(୧୩) ଦସ୍ୟୁ, ଆତ୍ମାର ଅଭିବୃଦ୍ଧି ଓ ଏକତ୍ୱକୁ ଯିଏ ହାତଛଡ଼ା କରି ନିଏ ତଥା କାଟି ଦିଏ ଏବଂ ଏହାର (ଆତ୍ମାର) ଦିବ୍ୟ ବଳ, ହର୍ଷ ଓ ଜ୍ଞାନ ଉପରେ ଆକ୍ରମଣ କରି ଯିଏ ଧ୍ୱଂସ କରିଦେବାକୁ ଚାହେଁ। ସେମାନେ 'ଅନ୍ଧକାର'ର ଶକ୍ତିଗଣ, ଖଣ୍ଡିତ ସତ୍ତାସ୍ୱରୂପ 'ଦନୁ' ବା 'ଦିତି'ର ସୁତଗଣ।

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ। ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ। ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି।

— ନବଜ୍ୟୋତି କାର୍ଯ୍ୟାଳୟ

# ସଚେତ ଅଚେତନା

## ଶ୍ରୀଅରବିନ୍ଦ

ସମଗ୍ର ଅନନ୍ତ କାଳ ଅଛି ବୋଲି ତୁମ ଲୀଳା-ବିଳାସ ସକାଶେ,
ଜନ୍ମ ଆଉ ମୃତ୍ୟୁ ଆଉ ଜୀବନର ହେ ନଟନାଗର,
ହେ ଭାସ୍କର ଧରଣୀର ଚଳମାନ ପୁତ୍ତଳିକାଙ୍କର,
ମାତିଛ ତ ତୃପ୍ତିଭରେ ବିଶ୍ୱକର୍ମା ରୂପ ଆଉ ବର୍ଣ୍ଣର ବିକାଶେ,

ଗାଣିତିକ **ମନଃସତ୍ତା**, ପ୍ରମାଦ ଯେ କେବେ ନାହିଁ କରେ,
ଖେଳିଛି ସାଥିରେ ନେଇ ଉପପାଦ୍ୟ, ସଂଖ୍ୟା, ମାପ, 'ଘନ'ର ଖେଳଣା,
କୋଷ, ଅଣୁ, ପରମାଣୁ ଆସନ୍ତି ଉତ୍ତୀର୍ଣ୍ଣ ହୋଇ ତବ ଗବେଷଣା,
ଆସନ୍ତି ବି ବିଶ୍ୱଶକ୍ତିଚୟ ପୁରୋଧାଙ୍କ ପ୍ରୟୋଜନେ ତବ ବିଜ୍ଞାନର,

ଏବଂ ବ୍ରହ୍ମାଣ୍ଡଟିଏ ସୃଜିଛ ଅନୁସରି ତବ ତତ୍ତ୍ୱ ରାଶି,
ସୂକ୍ଷ୍ମତାର କାରିଗର, ଶୌର୍ଯ୍ୟର ସ୍ଥପତି ।
ବହୁରୂପ ପରିଗ୍ରହ, ସେ ତ ତବ ରସ-ଅନୁଭୂତି,
ହେ ସହସ୍ର ରହସ୍ୟର କୁଶଳୀ ବିନ୍ୟାସି ।

ଅବା କେଉଁ ଗଭୀର ତାଡ଼ନା, ନୁହେଁ ଖାଲି ତୁମର ଖିଆଲ,
ସୃଜିଛି ନିଶ୍ଚେତନା, ନିୟତି ଓ ମହାକାଳ-ଜାଲ ?

[ଶ୍ରୀଅରବିନ୍ଦଙ୍କ ରଚିତ **'The Conscious Inconscient'**
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ❖



# ଆଧାରଶୁଦ୍ଧି ଓ ଅବଚେତନା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସମସ୍ତ ଯୋଗ-ସାଧନାରେ, ସମସ୍ତ ଆଧ୍ୟାତ୍ମିକ ପରମ୍ପରାରେ ଆଧାରଶୁଦ୍ଧି ଉପରେ ଖୁବ୍ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ପୂର୍ଣ୍ଣଯୋଗରେ ଯେଉଁଠି ସମଗ୍ର ସତ୍ତା ଓ ଚେତନାକୁ ପୂର୍ଣ୍ଣରୂପେ ଶୁଦ୍ଧ କରି, ସମଗ୍ର ପ୍ରକୃତିକୁ ଦିବ୍ୟ-ଭାଗବତ ପ୍ରକୃତିରେ ରୂପାନ୍ତରିତ କରିବାର ଲକ୍ଷ୍ୟ ଗ୍ରହଣ କରାଯାଇଛି, ତହିଁରେ ଆଧାରଶୁଦ୍ଧିର କ୍ଷେତ୍ର ଅତି ବ୍ୟାପକ ଓ ବିସ୍ତୃତ; ଚୈତ୍ୟ ଓ ଆଧ୍ୟାତ୍ମିକ ଚେତନାଠାରୁ ଆରମ୍ଭ କରି ମନ, ପ୍ରାଣ, ଶରୀର, ଅବଚେତନ, ନିଶ୍ଚେତନ ଆଦି ଚେତନାର ସବୁସ୍ତରହିଁ ଆମ ସାଧନା ପରିସରର ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ପାରମ୍ପରିକ ଯୋଗ ପରି କେବଳ ମନ ଓ ପ୍ରାଣ କ୍ଷେତ୍ରରେ ଅହଂ ଓ କାମନା-ବାସନାର ବିଲୋପ ସାଧନ କରି, ଆତ୍ମା ଓ ବ୍ରହ୍ମ ବା ଭାଗବତ ଉପସ୍ଥିତିର ଉପଲବ୍ଧି କରି ତାହା ସହ ଏକାତ୍ମତା ଉପଲବ୍ଧି କରିଲେ ବା ବିଶ୍ୱ ଅଭିବ୍ୟକ୍ତିରୁ ବାହାରି ଯାଇ ନିର୍ବାଣରେ ଲୀନ ହୋଇଗଲେ ଚଳିବ ନାହିଁ । ସମଗ୍ର ସତ୍ତା ଓ ପ୍ରକୃତିକୁ ଦିବ୍ୟ-ରୂପାନ୍ତର ପାଇଁ ଆମକୁ ପ୍ରସ୍ତୁତ କରିବାକୁ ହେବ । ତେଣୁ ଆମ ଚେତନାର ପ୍ରତିଟି ଅନ୍ଦିସନ୍ଦି ଖୋଜି କେଉଁଠି କିଛି ଅତି ସାମାନ୍ୟ ଓ ନଗଣ୍ୟ ଅଶୁଦ୍ଧି ଥିଲେ ମଧ୍ୟ ତାହାକୁ ଶୁଦ୍ଧିର ଆଲୋକ ଆଗରେ ରଖିବାକୁ ହେବ । କେଉଁଠି କିଛିକୁ ଛାଡ଼ିଯିବାର ତିଳେ ମାତ୍ର ଅବକାଶ ନାହିଁ ।

କାରଣ ସ୍ୱୟଂ ଦିବ୍ୟଜନନୀଙ୍କ ମହାସରସ୍ୱତୀ ଶକ୍ତି ଆମ ଯୋଗରେ ବିସ୍ତୃତ ତଥା ଟିକିନିଖି ଉଭୟ କ୍ଷେତ୍ରରେ କ୍ରିୟାଶୀଳା । ଶ୍ରୀଅରବିନ୍ଦ ମହାସରସ୍ୱତୀଙ୍କ ସଂପର୍କରେ କହିଛନ୍ତି : ''ଯେଉଁ ସଂକଳ୍ପ ତାଙ୍କ କର୍ମ ମଧ୍ୟରେ ସକ୍ରିୟ, ତାହା ସତର୍କ, ଅତନ୍ଦ୍ର, ଅକ୍ଳାନ୍ତ । ଉପରୁ ଆନତ ହୋଇ ସେ ଆମ୍ଭମାନଙ୍କୁ ଘେରି ରହନ୍ତି, କ୍ଷୁଦ୍ରାଦପି କ୍ଷୁଦ୍ର ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଉ, ପ୍ରତ୍ୟେକ ଦୋଷତ୍ରୁଟି, କୁଟିଳତା, ଅପୂର୍ଣ୍ଣତା ଖୋଜି ବାହାର କରନ୍ତି, କେତେ କାର୍ଯ୍ୟ କରା ହୋଇଛି ଓ କେତେ କରିବାକୁ ବାକି ଅଛି, ତାହା ଯଥାଯଥ ଓଜନ କରି, ବିଚାର କରି ଦେଖନ୍ତି । ତାଙ୍କ ଦୃଷ୍ଟି ପାଖରେ କ୍ଷୁଦ୍ର ବା ଆପାତନଗଣ୍ୟ କିଛିହିଁ ନାହିଁ, ଯେତେହିଁ ଛଦ୍ମବେଶରେ, ସୂକ୍ଷ୍ମ ଭାବରେ ଅନ୍ତର୍ଲୀନ ହୋଇ ରହୁନା କାହିଁକି କିଛି ବି ତାଙ୍କ ଦୃଷ୍ଟି ପାଖରେ ଲୁଚି ରହିପାରେ ନାହିଁ ।''

ତେଣୁ ଆମ ସାଧାନାର ଲକ୍ଷ୍ୟ ହେଉଛି ଆମ ଆଧାରଟିକୁ ଏପରି ଶୁଦ୍ଧ କରି ଗଢ଼ି ତୋଳିବା ଯେଉଁଥିରେ ମା'ଙ୍କ ଶକ୍ତି ଅବାଧରେ କ୍ରିୟା କରିପାରିବ । ମା'ଙ୍କ ଶକ୍ତିର କ୍ରିୟା ପ୍ରତି ଆମ ଆଧାରଟି ନିତ୍ୟ ନିରନ୍ତର ଉନ୍ମୀଳିତ, ନମନୀୟ, ସ୍ୱଚ୍ଛ ଓ ଗ୍ରହଣଶୀଳ ରହିଲେହିଁ ସେହି ଶକ୍ତି ଆମ ଭିତରେ ସର୍ବାଙ୍ଗୀଣ ଆଧାରଶୁଦ୍ଧିକୁ ସଂପନ୍ନ କରିଦେବ । ଶ୍ରୀମା' କହିଛନ୍ତି ଭାଗବତ ଉପସ୍ଥିତିହିଁ ଆଧାରରେ ଯଥାର୍ଥ ଶୁଦ୍ଧି ଆଣିଦିଏ । ଆମର ପୂର୍ବକଳ୍ପିତ ସଂସ୍କାର ଓ ଧାରଣା ଅନୁସାରେ କାହାର ଆଚରଣ ଓ ମନୋଭାବ ଆମକୁ ସମୀଚୀନ ବା ଅସମୀଚୀନ ଲାଗିପାରେ କିନ୍ତୁ ତହିଁରେ ଭଗବତ୍ ପ୍ରେରଣା ଓ ଉପସ୍ଥିତିହିଁ ଯଥାର୍ଥ ଶୁଦ୍ଧିର ମାପକାଠି । ପାରମ୍ପରିକ ଯୋଗରେ ଅବଧୂତ ଓ ପରମହଂସମାନଙ୍କର ବ୍ୟବହାରରେ ବାଳବତ୍, ଉନ୍ମାଦବତ୍, ଜଡ଼ବତ୍, ଏପରିକି ପିଶାଚବତ୍ ନାନା ଆଚରଣ ଦେଖାଗଲେ ମଧ୍ୟ ସେମାନଙ୍କ ଆନ୍ତର ଚେତନାରେ ସେମାନେ ପରମ ସତ୍ୟ ସହ ନିତ୍ୟଯୁକ୍ତ ହୋଇଥିବାରୁ ସେମାନଙ୍କ ଆଧାରକୁ ସର୍ବଦା ଏକ ଶୁଦ୍ଧ ଆଧାର ବୋଲି ଗ୍ରହଣ କରାଯାଇଥାଏ । ଆମ ଯୋଗରେ ମଧ୍ୟ ଆଧାରଶୁଦ୍ଧି କ୍ଷେତ୍ରରେ ଆନ୍ତର ଚେତନାକୁ ପ୍ରଥମ ଓ ପ୍ରଧାନ ଗୁରୁତ୍ୱ ଦେବାକୁ ହେବ ।

ଗୀତାରେ ସମସ୍ତ କ୍ଷେତ୍ରରେ, ସମସ୍ତ ବିଷୟରେ ଏକ ସମତାଭାବ ରକ୍ଷା କରିବାକୁହିଁ ଆଧାରଶୁଦ୍ଧିର ପ୍ରଧାନ କଥା ବୋଲି କୁହାଯାଇଛି । ଶ୍ରୀମା ମଧ୍ୟ କହିଛନ୍ତି ସମତା ଓ ଚେତନାର ବିଶାଳ ପ୍ରସାରହିଁ ଅତିମାନସ ଶକ୍ତି ପ୍ରତି ଗ୍ରହଣଶୀଳତାର ପ୍ରଧାନ ଅବଲମ୍ବନ । ଆମକୁ ମଧ୍ୟ ସମତାର ସେହି ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । କିନ୍ତୁ ତାହା ସର୍ବାଙ୍ଗୀଣ ସମତା ହେବା ଆବଶ୍ୟକ । ସମତା ଦୁଇ ଧରଣର ହୋଇପାରେ, ସକ୍ରିୟ ସମତା ଓ ନିଷ୍କ୍ରିୟ ସମତା । ଜଣେ ଏକ ନିଷ୍କ୍ରିୟ ସମତାର ଭାବ ରଖି ଭଲ-ମନ୍ଦ, ଭୁଲ୍-ଠିକ୍, ନ୍ୟାୟ-ଅନ୍ୟାୟ ଓ ସତ୍ୟ-ମିଥ୍ୟା ଆଦିର ତାରତମ୍ୟ ପ୍ରତି ଆଖି ବୁଜିଦେଇ ଉଭୟ ସଂପର୍କରେ ସମାନ ଭାବେ ଉଦାସୀନ ରହିପାରେ । କିନ୍ତୁ ତାହା ହେବ ଉଦାସୀ, ବୈରାଗୀର ଆଚରଣ, ପୂର୍ଣ୍ଣ ଯୋଗର ସାଧକର ଆଚରଣ ନୁହେଁ । ଆମକୁ ପୋଷଣ କରିବାକୁ ହେବ ସକ୍ରିୟ ସମତାର ଭାବ । ବାଧାବିଘ୍ନ ଆଗରେ, ଅନ୍ୟାୟ, ମିଥ୍ୟାଚାର

ଆଗରେ ବା ବିରୋଧୀ ଅପଶକ୍ତିର ଆକ୍ରମଣର ସମ୍ମୁଖୀନ ହେଲାବେଳେ ଆମେ ତହିଁରେ ବିଚଳିତ ନ ହୋଇ ନିଜର ସମତା ଭାବ ବଜାୟ ରଖିବୁ ନିଶ୍ଚୟ, କିନ୍ତୁ ତହିଁ ସଙ୍ଗେ ସଙ୍ଗେ ମଧ ସକ୍ରିୟ ଭାବରେ ସଚେଷ୍ଟ ହେବୁ ସେହି ଭୁଲ୍, ଅନ୍ୟାୟ ବା ମିଥ୍ୟାଚାରକୁ ଦୂର କରିବାକୁ । ନିଷ୍କ୍ରିୟ ସମତା ଭାବ ରଖି ବାଧାବିଘ୍ନଗୁଡ଼ିକୁ ସହ୍ୟ କରିଯିବା ନୁହେଁ, ସକ୍ରିୟ ସମତାର ଭାବ ରଖି ସେଗୁଡ଼ିକ ବିରୋଧରେ ସଂଗ୍ରାମ କରିବାହିଁ ହେଉଛି ସକ୍ରିୟ ସମତାର ଭାବ ।

ପୂର୍ଣ୍ଣଯୋଗରେ ଅନ୍ୟାନ୍ୟ ସମସ୍ତ ପାରମ୍ପରିକ ସାଧନାରେ ପ୍ରଚଳିତ ଆଧାରଶୁଦ୍ଧିର ସମସ୍ତ ଅଙ୍ଗକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଗଲେ ମଧ ଚେତନାର ସମସ୍ତ ସ୍ତରରେ ଦିବ୍ୟ ଭାଗବତୀ ଶକ୍ତିର ଆବାହନ ଓ ଉପସ୍ଥିତିହିଁ ପ୍ରଧାନ କଥା । ସେହି ଉପସ୍ଥିତି ପାଖରେ ଆମର ସମସ୍ତ ସଂକଳ୍ପ, କର୍ମ, ପ୍ରବୃତ୍ତି ଓ ପ୍ରେରଣା ଆଦିକୁ ସମର୍ପଣ କରିଦେବାହିଁ ପ୍ରଧାନ କଥା । ଆମ ନିଜର କୌଣସି ଶକ୍ତି ନୁହେଁ, ଶ୍ରୀମା'ଙ୍କ ଶକ୍ତିହିଁ ଆମକୁ ଆଧାରଶୁଦ୍ଧିର ସମସ୍ତ ପୂର୍ଣ୍ଣତା ଓ ସିଦ୍ଧି ଦିଗରେ ଆଗେଇ ନେବ ।

ତେବେ ଦେଖାଯାଏ ଯେ ମା'ଙ୍କ ଶକ୍ତିର କ୍ରିୟା ପାଇଁ ଆମେ ପୂର୍ଣ୍ଣ ସମ୍ମତି ଦେଇଛୁ, ତାହା କ୍ରିୟାଶୀଳ ହୋଇ ରହିଛି; କିନ୍ତୁ ଯେଉଁ ଦୋଷତ୍ରୁଟି ଓ ବାଧାବିଘ୍ନ ଉପରେ ଆମେ ବିଜୟ ହାସଲ କରିଛୁ ବୋଲି ମନେ କରିଥାଉ, ତାହା ପୁଣି ଦେଖାଦିଏ, ପୁଣି କେଉଁଠୁ ତାହା ଉଠିଆସି ଆମର ସମସ୍ତ ଶ୍ରମ ଓ ସାଧନାକୁ ପଣ୍ଡ କରି ଦେବାର ଭୟ ଦେଖାଏ । କେବଳ ବ୍ୟକ୍ତିଗତ ସାଧନା କ୍ଷେତ୍ରରେ ନୁହେଁ, ପୃଥିବୀରେ ମାନବ ସମାଜର ଅଗ୍ରଗତି କ୍ଷେତ୍ରରେ ମଧ ଦେଖାଯାଏ ଏକଦା ଜୟ କରାଯାଇଛି ବୋଲି ମନେ ହେଉଥିବା ଯୁଦ୍ଧ, ହିଂସା, ଶୋଷଣ, ଦମନ ଆଦି ନାନା ମିଥ୍ୟାଚାର ଓ ଅନ୍ଧକାରର ଶକ୍ତି ପୁଣି ମୁଣ୍ଡ ଟେକୁଛନ୍ତି, ନିଜର ବୀଭତ୍ସ ଲୀଳାରେ ସମସ୍ତ ମାନବ ସଭ୍ୟତାକୁ ଧ୍ୱଂସପଥରେ ଆଗେଇ ନେବାକୁ ଉଦ୍ୟତ ହେଉଛନ୍ତି । ସର୍ବୋପରି କାହିଁକି ଜରା, ବ୍ୟାଧି, ମୃତ୍ୟୁ ପରି ଅଦିବ୍ୟ ଶକ୍ତିର ଖେଳା ପ୍ରକୃତିର ଏକ ଅଲଙ୍ଘନୀୟ ନିୟମ ହୋଇ ରହିଛି ? କୌଣସି ବ୍ୟକ୍ତି, ସେ ଯେତେ ସିଦ୍ଧ ମହାପୁରୁଷ ଓ ମହାନ୍ ଆତ୍ମା ହୁଅନ୍ତୁ ନା କାହିଁକି, ଆଧାରଶୁଦ୍ଧିର କ୍ଷେତ୍ରରେ ଯେତେ ଯାହା ଅସାଧାରଣ କୃତିତ୍ୱ ଲାଭ କରନ୍ତୁ ନା କାହିଁକି, ଶେଷରେ କାହିଁକି ତାଙ୍କର ଶରୀର ଜରା, ବ୍ୟାଧି ଓ ମୃତ୍ୟୁର କବଳରୁ ମୁକ୍ତ ହୋଇପାରୁ ନାହିଁ ?

ଏହି ଅଦିବ୍ୟ ଶକ୍ତିଗୁଡ଼ିକ ଏପରି କେଉଁ ଅଭେଦ୍ୟ ଦୁର୍ଗରେ ନିଜକୁ ସୁରକ୍ଷିତ କରି ରଖିଛନ୍ତି ଯେ ଯାହା ଉପରେ ଆଜି ପର୍ଯ୍ୟନ୍ତ ଶରୀର କ୍ଷେତ୍ରରେ କୌଣସି ଚୂଡ଼ାନ୍ତ ବିଜୟ ହାସଲ କରାଯାଇ ପାରିଲା ନାହିଁ ? ଅବଚେତନାହିଁ ହେଉଛି ସେହି ସବୁଠୁ ଅଭେଦ୍ୟ ଓ ଶକ୍ତିଶାଳୀ ଦୁର୍ଗ, ଯାହା ଭିତରେ ଅଦିବ୍ୟ ଶକ୍ତିର ସେନାନୀ ନିଜର ଶିବିର ଓ ଛାଉଣୀ ପକାଇ ସେହିଠାରୁ ଆକ୍ରମଣ କରନ୍ତି ଆଧାରରେ କ୍ରିୟାଶୀଳା ଦିବ୍ୟ ଭାଗବତୀ ଶକ୍ତି ଓ ତା'ର ସତ୍ୟ ଓ ଆଲୋକ ଉପରେ । ତେଣୁ ଅବଚେତନାର ସେହି ଅନ୍ଧକାରମୟ ଦୁର୍ଗ ଦଖଲ କରି, ସେଠାରେ ଭାଗବତୀ ଶକ୍ତି, ସତ୍ୟ ଓ ଆଲୋକର କର୍ତ୍ତୃତ୍ୱ ଓ ଆଧିପତ୍ୟ ପ୍ରତିଷ୍ଠା କରିପାରିଲେ ଯାଇ ଆମ ଆଧାର ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହେବ ଦିବ୍ୟ-ରୂପାନ୍ତର ପାଇଁ ।

ପିଲାଦିନେ ଶୁଣିଥିବା ସେହି କାହାଣୀ ସମସ୍ତଙ୍କର ମନେଥିବ ଯେ ଏକ ଭୟଙ୍କର ରାକ୍ଷସ, ସମସ୍ତ ରାଜ୍ୟବାସୀଙ୍କୁ ଭକ୍ଷଣ କରି ସୁନ୍ଦରୀ ରାଜକୁମାରୀଙ୍କୁ ବନ୍ଦୀ କରି ରଖିଥିଲା । ରାଜକୁମାରୀଙ୍କୁ ଉଦ୍ଧାର କରିବାକୁ ଯାଇ ବହୁ ରାଜକୁମାର ସେହି ରାକ୍ଷସ ଦ୍ୱାରା ପରାଜିତ ଓ ନିହତ ହେଲେ । ଶେଷରେ ଜଣେ ବୁଦ୍ଧିମାନ୍ ରାଜକୁମାର ସେହି ରାକ୍ଷସ ସହ ସିଧାସଳଖ ଯୁଦ୍ଧ ନକରି ପ୍ରଥମେ ତା'ର ମୃତ୍ୟୁଭେଦ ଜାଣିବାକୁ ଚାହିଁଲେ । ନାନା କୌଶଳରେ ରାଜକୁମାରୀଙ୍କ ସହ ସଂପର୍କ ସ୍ଥାପନ କରି ତାଙ୍କଠାରୁ ଜାଣିଲେ ସେହି ରାକ୍ଷସର ମୃତ୍ୟୁଭେଦ ଯାହା ସେହି ରାକ୍ଷସ ଗର୍ବର ସହ ତାଙ୍କୁ କହିଥିଲା ଯେ କିପରି ସାତତାଳ ପଙ୍କ ତଳେ ଏକ ଗୁପ୍ତ କୋଠରି ରହିଛି ଓ ତା' ଭିତରେ ରହିଛି ଏକ ବାକ୍ସ ଓ ସେହି ବାକ୍ସ ଭିତରେ ରହିଛି ଏକ ଫରୁଆ, ଏବଂ ସେହି ଫରୁଆ ଭିତରେ ରହିଛି ଏକ ଭଅଁର । ସେହି ଭଅଁରଟିକୁ କେହି ମାରିଲେହିଁ ତା'ର ମୃତ୍ୟୁ ହେବ, ଯାହାକି ଅସମ୍ଭବ । ଚତୁର ଓ ବିକ୍ରମବନ୍ତ ରାଜକୁମାର ସେହି ମୃତ୍ୟୁଭେଦ ପାଇ, ସେହି ସାତତାଳ ପଙ୍କ ଭେଦକରି, କୋଠରି ଭିତରର ବାକ୍ସ ଓ ତା' ଭିତରର ଫରୁଆ ଖୋଲି ତହିଁରେ ଥିବା ଭଅଁରଟିକୁ ମାରି ଦେବାରୁ ରାକ୍ଷସଟା ମଧ ମରିଗଲା ଏବଂ ରାଜକୁମାର ଓ ରାଜକୁମାରୀ ବିବାହ କରି ସୁଖରେ କାଳାତିପାତ କଲେ ।

ଏହି ଗଳ୍ପଟିକୁ ଏକ ପ୍ରତୀକାତ୍ମକ ଗଳ୍ପ ବୋଲି ଗ୍ରହଣ କରାଯାଇ ପାରେ । ଆଜି ପୃଥିବୀ ଉପରେ ଆମେ ହିଂସା, ଦ୍ୱେଷ, ମିଥ୍ୟାଚାର, ଅନ୍ୟାୟ, ଶୋଷଣ, ଅତ୍ୟାଚାର ଆଦିଠାରୁ ଆରମ୍ଭ କରି ଜରା, ବ୍ୟାଧି, ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ଜୀବନ

ବିରୋଧୀ ଅନ୍ଧକାରମୟ ଅପଶକ୍ତି ଓ ରାକ୍ଷସମାନଙ୍କ ବିକଟ ଲୀଳା ଦେଖୁଛୁ ଓ ଲାଗୁଛି ଯେପରି ଏଗୁଡ଼ିକର ଶେଷ ନାହିଁ, ଅବଚେତନାରେହିଁ ରହିଛି ସେମାନଙ୍କ ଜୀବନ-ଭଅଁର । ସେଇ ଅବଚେତନାର ବ୍ୟୂହ ଭେଦ କରି ଯଦି ସେହି ଭଅଁରଟିକୁ ମାରି ଦିଆଯିବ ତେବେ ଏହି ରାକ୍ଷସମାନଙ୍କ ପରମାୟୁ ଶେଷ ହୋଇଯିବ ।

କିନ୍ତୁ ଅବଚେତନାର ସେହି ରାଜ୍ୟରେ ପ୍ରବେଶ କରି ସେଠାରେ ଦିବ୍ୟ-ଆଲୋକର ରାଜ୍ୟ ପ୍ରତିଷ୍ଠା କରିବାର ଅଭିଯାନ ଅତ୍ୟନ୍ତ ଦୁରୂହ । ଯେତେ ଯାହା ଦୁରୂହ ହେଲେ ମଧ୍ୟ ପୂର୍ଣ୍ଣଯୋଗର ରୂପାନ୍ତର ଲକ୍ଷ୍ୟକୁ ସିଦ୍ଧ କରିବାକୁ ହେଲେ ଏହି ଅଭିଯାନ ଅପରିହାର୍ଯ୍ୟ । ଏହି ଅବଚେତନାର କ୍ଷେତ୍ରଟି କ'ଣ ଓ ଦିବ୍ୟଶକ୍ତିର ତାହା ଉପରେ କିପରି ବିଜୟ ହାସଲ କରାଯାଇ ପାରିବ ଶ୍ରୀଅରବିନ୍ଦ ଓ ଶ୍ରୀମା ହେଉଛନ୍ତି ସେହି ଅଭିଯାନର ଅଗ୍ରଣୀ ପଥପ୍ରଦର୍ଶକ । ନିଜ ସାଧନା ଓ ପ୍ରତ୍ୟକ୍ଷ ଅନୁଭୂତି ଭିତର ଦେଇ ଉଭୟେ ଅବଚେତନାର ସେହି ରାଜ୍ୟକୁ ଜାଣିଛନ୍ତି, ବ୍ୟୂହଭେଦ କରି ତହିଁରେ ପ୍ରବେଶ କରିଛନ୍ତି ଓ ତହିଁରେ ଥିବା ସମସ୍ତ ଅଜ୍ଞାନ, ଅନ୍ଧକାର ଓ ଭଗବତ୍ ବିରୋଧୀ ଅପଶକ୍ତି ବିରୋଧରେ ଦିବ୍ୟ ସଂଗ୍ରାମରେ ଅବିରାମ ଲିପ୍ତ ରହି ଆମ ପାଇଁ ଅବଚେତନା ଉପରେ ବିଜୟଲାଭର ପଥ ସୁଗମ କରିଯାଇଛନ୍ତି । ଆମକୁ ଶେଷ ବିଜୟ ପର୍ଯ୍ୟନ୍ତ ସେହି ସଂଗ୍ରାମ ଚଳାଇ ରଖିବାକୁ ହେବ ।

ଶ୍ରୀଅରବିନ୍ଦଙ୍କ କଥାରେ, ''ଅବଚେତନା ହେଉଛି ପ୍ରଧାନ କାରଣ ଯେଉଁଥିପାଇଁ ସବୁକିଛିର ବାରଂବାର ପୁନରାବୃତ୍ତି ହେଉଥାଏ ଏବଂ କେବଳ ବାହ୍ୟରୂପ ଛଡ଼ା କୌଣସି କିଛିର ପ୍ରକୃତ ପରିବର୍ତ୍ତନ ହେଉ ନଥାଏ । ଏହାହିଁ ହେଉଛି କାରଣ ଯେଉଁଥିପାଇଁ କୁହାଯାଇଥାଏ ଯେ ପ୍ରକୃତିର ପରିବର୍ତ୍ତନ ଅସମ୍ଭବ । ଯେଉଁ ଦୋଷଗୁଡ଼ିକୁ ପୂରା ଦୂର କରି ସାରିଥିବାର ଆଶା କରାଯାଇଥାଏ, ସେଗୁଡ଼ିକ ପୁଣି ଫେରି ଆସନ୍ତି । ସବୁକିଛିର ବୀଜ ସେହି ଅବଚେତନାରେହିଁ ରହିଥାଏ ଏବଂ ମନ, ପ୍ରାଣ ଓ ଦେହର ସମସ୍ତ ସଂସ୍କାର ସେହିଠାରେହିଁ ରହିଛି — ଏବଂ ମୃତ୍ୟୁ ଓ ବ୍ୟାଧିର ଏହାହିଁ ପ୍ରଧାନ ଅବଲମ୍ବନ ଏବଂ ଏହାହିଁ ଅଭେଦ୍ୟ ଭଳି ଲାଗୁଥିବା ଅଜ୍ଞାନର ଶେଷ ଦୁର୍ଗ । ଯାହାକିଛିକୁ ପୂରା ଦୂର କରି ନଦେଇ ଚାପି ଦମନ କରିଦିଆ ଯାଇଥାଏ, ତାହା ଡୁବିଯାଇ ସେହିଠାରେହିଁ ବୀଜ ଆକାରରେ ରହିଥାଏ ଏବଂ ଯେକୌଣସି ମୁହୂର୍ତ୍ତରେ ଅଙ୍କୁରୋଦ୍‌ଗମ ପୂର୍ବକ ତାହା ଉପରକୁ ଉଠି ଆସିବାକୁ ପ୍ରସ୍ତୁତ ହୋଇ ରହିଥାଏ ।''

ଶ୍ରୀମା ଅବଚେତନା ସଂପର୍କରେ ନିଜ ଅନୁଭୂତିର ବର୍ଣ୍ଣନା ଦେଇ କହିଛନ୍ତି, ''ପୂରା ଅବଚେତନାରେ ମୁଁ ପ୍ରବେଶ କରିଛି, ସେହି ଅବଚେତନା ଭୟାନକ ଭାବରେ ନାନା ଦୋଷ-ଦୁର୍ବଳତା ଓ ମୂଢ଼ତାରେ ଭରା, ଏବଂ ବହୁକିଛିର ଓ ସବୁକିଛିର ଆଧିପତ୍ୟ ସେଠାରେ ରହିଛି । ଓଃ ରାତ୍ରି ପରେ ରାତ୍ରି; ରାତ୍ରି ପରେ ରାତ୍ରି ମୋ ଆଗରେ ଏହା ନିଜକୁ ଖୋଲି ଦେଇଛି ତା'ର ନିଜର ସ୍ୱରୂପ ଦେଖାଇବା ପାଇଁ । ଗତ ରାତ୍ରିରେ ଏହା ଥିଲା ବର୍ଣ୍ଣନାତୀତ । ଏବଂ ଏହା ଏହିପରି ଲାଗି ରହିଛି । ମନେ ହେଉଛି ଯେପରି ଏହାର ସୀମା ନାହିଁ । ତେଣୁ ସ୍ୱାଭାବିକ ଭାବରେ ଶରୀର ଉପରେ ଏହାର ପ୍ରଭାବ ପଡୁଛି, ଆହା ବିଚରା ଶରୀର ! ଏହାହିଁ ହେଉଛି ତା'ର ଅବଚେତନ, ବ୍ୟକ୍ତିଗତ, ପୁଣି ବ୍ୟକ୍ତିଗତ ନୁହେଁ, ଏହା ବ୍ୟକ୍ତିଗତ ହୋଇଉଠେ ଯେତେବେଳେ ଏହା ଶରୀର ଭିତରେ ପ୍ରବେଶ କରେ । ... ସେହି ଅବଚେତନ ପ୍ରକୃତରେ ଭୟାନକ ଜିନିଷଗୁଡ଼ିକରେ ଭରପୂର, ମନେହୁଏ ଯେପରିକି ଅତଳ ଓ ଅସୀମ । ମନେହୁଏ ଯେପରି ଏହା ଆହୁରି ନୂଆ ନୂଆ ସମଷ୍ଟି ନେଇ ଦେଖାଦେବ ଓ ପୂର୍ବପରି ଭୟାନକ ହୋଇ ରହିବ । କିନ୍ତୁ ତା' ଠିକ୍ ନୁହେଁ । ଏଗୁଡ଼ିକ ପରିବର୍ତ୍ତିତ ହୁଅନ୍ତି, ଏଗୁଡ଼ିକ ଭିତରେ ପରିବର୍ତ୍ତନ ଆସେ । କିନ୍ତୁ କାମଟି କେଡ଼େ କଷ୍ଟସାଧ !''

ଶ୍ରୀମା' ମଧ୍ୟ କହିଛନ୍ତି, ''... ମୁଁ ଯେଉଁ ଦିବ୍ୟଶକ୍ତି କଥା କହୁଛି ତାହା ଯେପରି ଏକ ବିଦ୍ୟୁତ୍‌ଚାଳିତ ଡ୍ରିଲ୍ ପରି ଅବଚେତନ ଆଡ଼କୁ ଆହୁରି ଗଭୀରରୁ ଗଭୀରତର ଭିତରକୁ ଭେଦ କରିଚାଲିଛି । ସେଠାରେ ଅବିଶ୍ୱାସ୍ୟ ଜିନିଷସବୁ ରହିଛି, ସଂପୂର୍ଣ୍ଣ ଅବିଶ୍ୱାସ୍ୟ, ଏବଂ ସେହି ଦିବ୍ୟଶକ୍ତି ଏହାକୁ ଅନିବାର୍ଯ୍ୟ ଭାବରେ ଭେଦ କରିଚାଲିଛି । ମଣିଷର ଅବଚେତନ ଚିତ୍କାର କରୁଛି, 'ଓଃ, ବର୍ତ୍ତମାନ ନୁହେଁ, ବର୍ତ୍ତମାନ ନୁହେଁ, ଏତେ ଶୀଘ୍ର ନୁହେଁ ।' ... କିନ୍ତୁ ରୂପାନ୍ତରିତ କରିବାକୁ ହେଲେ ତୁମକୁ ତଳକୁ ଓହ୍ଲାଇବାକୁ ହେବ ଏବଂ ତାହାହିଁ ଭୀଷଣ ସାଙ୍ଘାତିକ ଜିନିଷ । ... ନହେଲେ ଜିନିଷଗୁଡ଼ିକର ରୂପାନ୍ତର ହେବ ନାହିଁ, ତାହା ସେହିପରି ଅରୂପାନ୍ତରିତ ହୋଇ ରହିଯିବ ।''

ଶ୍ରୀଅରବିନ୍ଦ ତାଙ୍କର ଏକ ପତ୍ରରେ ଲେଖିଥିଲେ, ''ଶ୍ରୀମା'ଙ୍କ କ୍ଷେତ୍ରରେ ଓ ମୋ କ୍ଷେତ୍ରରେ ଆମକୁ ସମସ୍ତ ପ୍ରକାର ପଥ, ସମସ୍ତ ପ୍ରକାର ପଦ୍ଧତିର ପରୀକ୍ଷା କରିବାକୁ

ହୋଇଛି, ପର୍ବତ ପ୍ରମାଣ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଛି, ଆଶ୍ରମ ବା ବାହାରର ଆଉ ଅନ୍ୟମାନଙ୍କ ଅପେକ୍ଷା ଅନେକ ଅଧିକ ଭାରୀ ବୋଝ ବହନ କରିବାକୁ ପଡ଼ିଛି, ଅନେକ ଅଧିକ କଷ୍ଟକର ଅବସ୍ଥା ଭିତରଦେଇ ଯିବାକୁ ପଡ଼ିଛି, ଅସଂଖ୍ୟ ସଂଗ୍ରାମର ସମ୍ମୁଖୀନ ହେବାକୁ ହୋଇଛି, ବହୁ କ୍ଷତ ଓ ଆଘାତ ସହିବାକୁ ପଡ଼ିଛି, ଦୁର୍ଭେଦ୍ୟ କର୍ଦ୍ଦମାକ୍ତ ପନ୍ଥା, ମରୁଭୂମି ଓ ଅରଣ୍ୟ ଭିତରଦେଇ ପଥ ଖୋଲିବାକୁ ହୋଇଛି, ଅଗଣିତ ବିରୋଧୀ ଶକ୍ତିକୁ ଜୟ କରିବାକୁ ହୋଇଛି, – ଏଭଳି ଏକ କାମକୁ ଆମ ପୂର୍ବରୁ ଆଉ କାହାକୁ କରିବାକୁ ପଡ଼ି ନାହିଁ ବୋଲି ମୁଁ ନିଶ୍ଚିତ ।

''ଏହି ଧରଣର କାମରେ ମୋତେ ପୂରା ଭାଗ ନେବାକୁ ହୋଇଛି ଓ ମା'ଙ୍କୁ ଆହୁରି ଦଶଗୁଣ ଅଧିକ ପୂରା ଭାଗ ନେବାକୁ ହୋଇଛି ।''

ଶ୍ରୀଅରବିନ୍ଦ ଆହୁରି କହିଛନ୍ତି ଯେ, ''କିନ୍ତୁ ଏପରି କୌଣସି ଆବଶ୍ୟକତା ନାହିଁ ବା ଏହାକୁ ଗ୍ରହଣ ବା ସହ୍ୟ କରିବା ଉଚିତ ନୁହେଁ ଯେ ଅନ୍ୟ ସାଧକମାନଙ୍କ କ୍ଷେତ୍ରରେ ଏଗୁଡ଼ିକର ପୁନରାବୃତ୍ତି ହେବ ! ଯେହେତୁ ଆମର ଏ ସଂପର୍କରେ ପୂର୍ଣ୍ଣ ଅନୁଭୂତି ରହିଛି, ତେଣୁ ଆମେ ଅନ୍ୟମାନଙ୍କୁ ଅଧିକ ସିଧା ଓ ଅଧିକ ସହଜତର ଏକ ପଥ ଦେଖାଇ ଦେଇ ପାରିବୁ ଯଦି ସେମାନେ ତାହା ଗ୍ରହଣ କରିବାକୁ ସମ୍ମତ ହୁଅନ୍ତି ।''

ଲେଖିବା ବାହୁଲ୍ୟ ଯେ ଏହି ପଥ ହେଉଛି ସମର୍ପଣର ପଥ, ଭଗବାନଙ୍କ ଉପରେ, ମା'ଙ୍କର ଚାଳନା ଉପରେ ଦୃଢ଼ ବିଶ୍ୱାସ, ଅଟଳ ଆସ୍ଥା ଓ ପୂର୍ଣ୍ଣ ଭରସା ରଖିବାର ପଥ ।

(ପୂର୍ଣ୍ଣଯୋଗ ପ୍ରବାହ : ପୃଷ୍ଠା. ୧୩ - ୧୬) ❖

ତୁମ ବାଧାବିଘ୍ନଗୁଡ଼ିକ ଏହି ଯେଉଁ ଚରମ ଅବସ୍ଥାରେ ପହଞ୍ଚିଛି ଓ ତୀବ୍ର ରୂପ ଧାରଣ କରିଛି ତା'ର କାରଣ ହେଉଛି ଯୋଗ ଓହ୍ଲାଇ ଆସିଛି ନିଶ୍ଚେତନାର ସେହି ପ୍ରସ୍ତର ଶଯ୍ୟାର ତଳକୁ, ତା' ବିରୋଧରେ । ତାହାହିଁ ସମସ୍ତ ପ୍ରତିରୋଧର ମୂଳ ଭିତ୍ତି । ଆତ୍ମାର ବିଜୟ ଓ ସେହି ବିଜୟ ଦିଗରେ ଆଗେଇ ନେଉଥିବା ଦିବ୍ୟ ଭଗବତ୍ କର୍ମର ବିରୋଧରେ ଏହି ପ୍ରତିରୋଧ ଛିଡ଼ା ହୋଇଛି ବ୍ୟକ୍ତି ଭିତରେ ତଥା ପୃଥିବୀରେ । ଆଶ୍ରମରେ ତଥା ବାହ୍ୟ ଜଗତରେ ଏହି ସମସ୍ତ ବାଧାବିଘ୍ନ ବ୍ୟାପକ ସାଧାରଣ ରୂପରେ ପ୍ରକଟିତ ହେଉଛି । ସନ୍ଦେହ, ହତୋତ୍ସାହ, ବିଶ୍ୱାସର ହ୍ରାସ ବା ଅଭାବ, ଆଦର୍ଶ ପାଇଁ ପ୍ରାଣିକ ଉତ୍ସାହରେ ଭଙ୍ଗା, ଭବିଷ୍ୟତ୍ ସଂପର୍କରେ ବୁଦ୍ଧିବଣା ଭାବ ଓ ଆଶାଭଙ୍ଗ – ଏଗୁଡ଼ିକହିଁ ହେଉଛି ସେହି ବାଧାବିଘ୍ନର ସାଧାରଣ ରୂପ । ବାହ୍ୟ ଜଗତରେ ଏହା ଅପେକ୍ଷା ବା ଆହୁରି ଅଧିକ ମନ୍ଦ ଲକ୍ଷଣ ସବୁ ପ୍ରକାଶ ପାଉଛି ଯଥା – ମାନବ-ବିଦ୍ୱେଷୀ ଭାବର ବ୍ୟାପକ ବୃଦ୍ଧି, ଆଦୌ କିଛି ଉପରେ ବିଶ୍ୱାସ ସ୍ଥାପନ ପାଇଁ ଅସ୍ୱୀକାର, ସଚ୍ଚୋଟତାର ହ୍ରାସ, ବିପୁଳ ଭ୍ରଷ୍ଟାଚାର, ଉଚ୍ଚତର ଜିନିଷଗୁଡ଼ିକୁ ଆଡ଼େଇ ବିଦା କରିଦେଇ ଆହାର, ଅର୍ଥ, ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଭୋଗବିଳାସରେ ମାତିଯିବା, ଏବଂ ପୃଥିବୀ ପାଇଁ ଆହୁରି ମନ୍ଦ ଓ ଭୟଙ୍କର ଜିନିଷସବୁ ମାଡ଼ି ଆସିବାର ଆଶଙ୍କା ଓ ଅପେକ୍ଷାରେ ରହିବା ଇତ୍ୟାଦି । ଏହିସବୁଗୁଡ଼ିକ ଯେତେ ତୀବ୍ର ଆକାର ଧାରଣ କରୁନା କାହିଁକି, ଯେଉଁମାନେ ବିଶ୍ୱଶକ୍ତିର କ୍ରିୟା ସଂପର୍କରେ ଓ ଆତ୍ମାର କ୍ରିୟା ସଂପର୍କରେ କିଛିଟା ଜାଣନ୍ତି, ସେମାନଙ୍କ ପାଇଁ ଏହି ଘଟଣାଗୁଡ଼ିକ କ୍ଷଣସ୍ଥାୟୀ ଓ ଏଥିପାଇଁ ସେମାନେ ପ୍ରସ୍ତୁତ ଥିଲେ । ମୁଁ ନିଜେ ମଧ୍ୟ ଆଗରୁ ଦେଖି ପାରିଥିଲି ଯେ ଏହି ଧରଣର ଖରାପରୁ ଆହୁରି ଖରାପ ଜିନିଷ ସବୁ ଆସିବ, ଏହା ହେଉଛି ଉଷା ପୂର୍ବରୁ ରାତ୍ରିର ଅନ୍ଧକାର; ତେଣୁ ମୁଁ ହତୋତ୍ସାହିତ ହୋଇ ନାହିଁ । ମୁଁ ଜାଣେ ଏହି ଅନ୍ଧକାର ପଛରେ କେଉଁ ଜିନିଷ ନିଜକୁ ପ୍ରସ୍ତୁତ କରୁଛି । ଏବଂ ତା'ର ଆଗମନୀର ପ୍ରଥମ ଲକ୍ଷଣଗୁଡ଼ିକ ମୁଁ ଦେଖି ପାରୁଛି ଓ ଅନୁଭବ କରିପାରୁଛି । ଯେଉଁମାନେ ଭଗବାନଙ୍କୁ ପାଇବାକୁ ଚାହାନ୍ତି, ସେମାନଙ୍କୁ ଦୃଢ଼ ହୋଇ ଛିଡ଼ା ହେବାକୁ ହେବ ଏବଂ ନିଜର ଅନ୍ୱେଷଣରେ ଲାଗି ରହିବାକୁ ହେବ । ଗୋଟାଏ ସମୟ ପରେ ଅନ୍ଧକାର ପତଳା ହୋଇ ପୂରା ଅନ୍ତର୍ଦ୍ଧାନ ହୋଇଯିବାକୁ ଆରମ୍ଭ କରିବ ଏବଂ ଆଲୋକର ଆବିର୍ଭାବ ହେବ ।

(୯ ଏପ୍ରିଲ, ୧୯୪୭)

**– ଶ୍ରୀଅରବିନ୍ଦ**

# 'ସିଦ୍ଧି'ର ବିଡ଼ମ୍ବନା

## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- **ଆଧ୍ୟାତ୍ମିକତା ସହ ସିଦ୍ଧିର ସମ୍ପର୍କ କେତେ ନିବିଡ଼ ?**
- **'ସିଦ୍ଧି' ଶୁଭ ନା ଅଶୁଭ ?**

**ପ୍ରଥମ ଆଗନ୍ତୁକ :** ମୁଁ କିନ୍ତୁ ଆଜ୍ଞା ନିଶ୍ଚିତ ଭାବରେ ଜାଣେ, ଜଣେ ମହାପୁରୁଷ ତାଙ୍କ ଅଲୌକିକ ଶକ୍ତି ବଳରେ ମୋର ସମ୍ପର୍କୀୟ ଭାଇର ଯକୃତ୍ ବ୍ୟାଧି ଭଲ କରିଦେଲେ । ସେମିତି ଶକ୍ତି କେହି କେହି ଆୟତ୍ତ କରିପାରନ୍ତି ନିଶ୍ଚୟ ! ଆପଣ କ'ଣ କହିବେ ?

**ଉତ୍ତର :** ନିଶ୍ଚୟ ପାରନ୍ତି ।

**ଦ୍ୱିତୀୟ ଆଗନ୍ତୁକ :** ସେମିତି ଶକ୍ତିବାନ୍ ଲୋକେ ସମାଜରେ ଯେତେ ଅଧିକ ରହିଲେ ଭଲ ହୁଅନ୍ତା ପରା ।

**ତୃତୀୟ ଆଗନ୍ତୁକ :** ବିଚରା ଡାକ୍ତର କବିରାଜଙ୍କ ବ୍ୟବସାୟ ବୁଡ଼ି ଯାଆନ୍ତା !

**ପ୍ରଥମ ଆଗନ୍ତୁକ :** ସେମାନେ ସେଭଳି ଅଲୌକିକ ଶକ୍ତି କିପରି ଭାବରେ ହାସଲ କରନ୍ତି ? ନା ସେମାନେ ମହାପୁରୁଷ ବୋଲି ସେମାନେ କରୁଣା କଲେ ସେମିତି ଅସମ୍ଭବ ସମ୍ଭବ ହୁଏ ?

**ଉତ୍ତର :** ମହାପୁରୁଷର ସଂଜ୍ଞା ଆପଣଙ୍କ ପାଇଁ କ'ଣ, ସେଭଳି ଅଲୌକିକ କାର୍ଯ୍ୟ କରିପାରୁଥିବା ବ୍ୟକ୍ତିମାନେ ମହାପୁରୁଷ କି ନୁହେଁ, ତାହା ଭିନ୍ନ ପ୍ରସଙ୍ଗ । ତେବେ କେହି କେହି ବ୍ୟକ୍ତି କିଛି ସିଦ୍ଧି ଅର୍ଜନ କରିଥା'ନ୍ତି – ଯାହା ଫଳରେ, ସିଦ୍ଧିଲବ୍ଧ ବିଭୂତି ପ୍ରୟୋଗ କରି ସେମାନେ ଜଣକର ବ୍ୟାଧି ଭଲ କରି ଦିଅନ୍ତି । ହଁ, ମୁଁ ଯଦି ଆପଣଙ୍କ ସହ ବାକ୍ୟାଳାପ କରିବା ପରିବର୍ତ୍ତେ ଏ ପ୍ରସଙ୍ଗରେ ନିବନ୍ଧଟିଏ ଲେଖୁଥା'ନ୍ତି, ତେବେ ବ୍ୟାଧି ଭଲ କରି ଦିଅନ୍ତି ଶବ୍ଦ ତିନୋଟିକୁ ଉଦ୍ଧୃତି ଭିତରେ ରଖନ୍ତି ।

**ଜଣେ ଆଗନ୍ତୁକ :** ଟିକିଏ ବୁଝାଇ କହନ୍ତୁ ଆଜ୍ଞା ।

**ଉତ୍ତର :** ରୋଗୀଟିଏ ବ୍ୟାଧିମୁକ୍ତ ହେବା ପଛରେ ବହୁ କାରଣ ଥାଇପାରେ – ତଥାକଥିତ ମହାପୁରୁଷଙ୍କ ଅଲୌକିକ ବିଭୂତି ବାହାରେ । ରୋଗୀର ପ୍ରାର୍ଥନା, ସେ ପୂର୍ବରୁ ପାଇଥିବା ଚିକିତ୍ସା, ଏପରିକି ଆମ କଳେବର-ନିହିତ ନିରାମୟ ଶକ୍ତି, ଏଥିରୁ ଯେକୌଣସି ଗୋଟିଏ ତା' କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଇ ପାରେ । ମହାପୁରୁଷଙ୍କ ଉପରେ ତା'ର ପରିପୂର୍ଣ୍ଣ ବିଶ୍ୱାସ ମଧ୍ୟ ସେ ଆରୋଗ୍ୟର ହେତୁ ହୋଇପାରେ – ମହାପୁରୁଷ ଜଣକ ସାଧାରଣ ପୁରୁଷଟିଏ ହୋଇଥିବା ସତ୍ତ୍ୱେ । ଶ୍ରୀମାଙ୍କର ଏକ ବାଣୀ ଆପଣ ଆମ ଆଶ୍ରମର ସେବାସଦନ (Nursing Home)ର ପ୍ରବେଶ ପଥରେ ପଢ଼ିବାକୁ ପାଇବେ : "Finally it is Faith that cures." (CWM, Vol. 15, p.159) ନାନାଦି ବହିଃ-ସହାୟତା ଉପରେ ନିର୍ଭର କରିବାର ସଂସ୍କାର ଆମ ଚେତନାରେ ଏଡ଼େ ଦୃଢ଼ୀଭୂତ ଯେ ଏ ବାଣୀ ସର୍ବାନ୍ତଃକରଣରେ ଗ୍ରହଣ କରିନେବା ସହଜ ନୁହେଁ ।

ସେ ଯାହାହେଉ, ଆପଣ ଯାହାଙ୍କୁ ମହାପୁରୁଷ ବୋଲି ନାମିତ କଲେ, ସେ ଭଦ୍ରଲୋକ ନିଜ ସିଦ୍ଧି ଆହରିତ ଶକ୍ତି ପ୍ରୟୋଗ କରିଥାଇ ପାରନ୍ତି ଆପଣଙ୍କ ସମ୍ପର୍କୀୟ ଭାଇଙ୍କ ଉପରେ । ଆଚ୍ଛା, ଆପଣଙ୍କ ଭାଇଙ୍କ ଅବସ୍ଥା ବର୍ତ୍ତମାନ କେମିତି ? ସେ ମହାପୁରୁଷଙ୍କ ଆଶୀର୍ବାଦରେ ସେ ନିରାମୟ ଜୀବନଯାପନ କରୁଛନ୍ତି ତ ? କେତେ ବର୍ଷ ହେଲାଣି ?

**ପ୍ରଥମ ଆଗନ୍ତୁକ :** ସେ ଅଲୌକିକଭାବେ ନିରାମୟ ହୋଇଥିଲା ପ୍ରାୟ କୋଡ଼ିଏ ବର୍ଷ ତଳେ । କେଇ ବର୍ଷ ପରେ ସେ ଆମକୁ ଛାଡ଼ି ଚାଲିଗଲା – କ୍ୟାନ୍ସର ଯୋଗୁଁ ।

**ଉତ୍ତର :** ମୋର ଏ ବକ୍ତବ୍ୟ ନିର୍ଭୁଲ ନହୋଇ ପାରେ । କିନ୍ତୁ ଯାହା ସମ୍ଭବ, ତାହା ହେଲା, ସେ ମହାପୁରୁଷ ତାଙ୍କ ସିଦ୍ଧି ଶକ୍ତି ବଳରେ ଆପଣଙ୍କ ଭାଇଙ୍କର ପ୍ରଥମ ବ୍ୟାଧିଟି ଅପସରାଇ ଦେଲେ । କିନ୍ତୁ ଭାଇଙ୍କ ନିୟତି ବଦଳାଇ ଦେବା ଭଳି ଶକ୍ତି ତାଙ୍କର ନଥିଲା । ସେ ନିୟତି ଆପଣଙ୍କ ଭାଇଙ୍କର କେତେକ ଅଭିଜ୍ଞତା ଅର୍ଜନ ନିମନ୍ତେ ଏକ ପରିସ୍ଥିତି ସୃଷ୍ଟି କରିଥିଲା । ମହାପୁରୁଷ ସେ ପରିସ୍ଥିତିରେ କିଛି ପରିବର୍ତ୍ତନ କରିଦେଲେ । ଅଭିଜ୍ଞତାତକ ଗୋଟାଏ ରୂପରେ ନ ଆସି ଅନ୍ୟ ରୂପରେ ଆସିଲା ।

**ଏକାଧିକ ଆଗନ୍ତୁକ :** ଏମିତି ବି ହୋଇପାରେ ! ନୂଆ କଥା ।

**ଉତ୍ତର :** ନୂଆ କଥା ? ନା । ଅତୀନ୍ଦ୍ରିୟ ଜଗତ୍

ସମ୍ପର୍କରେ ଆମର ପ୍ରାଥମିକ ଜ୍ଞାନ ଏସବୁ ସ୍ପଷ୍ଟ କରିଦିଏ । ନିୟତି ବଦଳାଇ ଦେଇ ପାରିବାର ଶକ୍ତି ସାଧାରଣ ସନ୍ଥ, ମହାପୁରୁଷ — ଏପରିକି ଯଦି ସେମାନେ ସଚ୍ଚା ସନ୍ଥ ଏବଂ ମହାପୁରୁଷ ହୋଇଥିବେ — ତଥାପି ମଧ୍ୟ ସେମାନଙ୍କର ନଥାଏ ?

**ଦ୍ୱିତୀୟ ଆଗନ୍ତୁକ :** କାହାରି ନଥାଏ ?

**ଉତ୍ତର :** କାହାରି ନଥିବ କାହିଁକି ? ନିଜ କର୍ମ ଯୋଗେ ଯିଏ ନିଜ ନିୟତିର ଗୋଟାଏ ରୂପ ନିର୍ଣ୍ଣୟ କରିଛି, ସେ ନିଶ୍ଚୟ ନିଜ କର୍ମ ଯୋଗେ ସେ ରୂପ ବଦଳାଇ ଦେଇପାରିବ ! ନିୟତି ଗୋଟାଏ ଅଟଳ ଅଭିଶାପ ନୁହେଁ । ନିଶ୍ଚେତନାରୁ ଚେତନାର ଆଲୋକ ପଥରେ ଚାଲିଛି ଆମ ସମସ୍ତଙ୍କ ଯାତ୍ରା; ଜ୍ଞାତ-ସାରରେ ହେଉ ବା ଅଜ୍ଞାତସାରରେ । ଆଳଙ୍କାରିକ ଭାଷାରେ ଯାହାକୁ ଯାତ୍ରାପଥ ବୋଲି କୁହାଯାଉଛି, ତାହା ଜୀବନର ଅଭିଜ୍ଞତା ସଞ୍ଚୟ । ନାନାଦି ଅଭିଜ୍ଞତା ଭିତର ଦେଇ ଆମେ ସତ୍ୟର ନିକଟତର ହେଉ, ଜୀବନର ପରମ ଲକ୍ଷ୍ୟ ସମ୍ପର୍କରେ ଅଧିକରୁ ଅଧିକ ମାତ୍ରାରେ ଅବହିତ ହେଉ । ଦୁଃଖ, କଷ୍ଟ, ବ୍ୟାଧି, ଯନ୍ତ୍ରଣା ମଧ୍ୟ ସେହି ଅଭିଜ୍ଞତାର ଏକ ଏକ ଉପାଦାନ । ସେସବୁକୁ ଠିକ୍ ଭାବରେ ଗ୍ରହଣ କରିପାରିଲେ, ସେସବୁର ଯନ୍ତ୍ରଣାଦାୟକ ଦିଗ ହ୍ରାସ ହୁଏ ।

ଆମ ନିଜ ଛଡ଼ା ଆମ ନିୟତି ବଦଳାଇ ଦେଇପାରେ ଏକମାତ୍ର ଦିବ୍ୟକୃପା । ଜଣେ ଅତ୍ୟନ୍ତ ମହତ୍, ଅଧ୍ୟାତ୍ମ ଉପଲବ୍ଧିବନ୍ତ ବ୍ୟକ୍ତିଙ୍କ ମାଧ୍ୟମରେ ସେ କୃପା ଆସିପାରେ । ଜଣେ ଗୋଟାଏ ଶାରୀରିକ ବା ମାନସିକ ଯନ୍ତ୍ରଣା ଭୋଗୁଛି । ଦିବ୍ୟକୃପା ସେ ଯନ୍ତ୍ରଣାକୁ ମନ୍ଦୀଭୂତ କରି ଦେଇପାରେ କିଂବା ତାକୁ ଦୂର କରି ଦେଇପାରେ । କିନ୍ତୁ ତାହା କରିବା ସଙ୍ଗେ ସଙ୍ଗେ ସେହି ଯନ୍ତ୍ରଣା ଲବ୍ଧ ଅଭିଜ୍ଞତା ଭିତରୁ ଜଣେ ଯେତିକି ପ୍ରଗତି ହାସଲ କରିବା ଥିଲା ତା'ର ଭବିତବ୍ୟ, ସେତକ ପ୍ରଗତି ମଧ୍ୟ ସେ ଉପଲବ୍ଧି କରିପାରେ । ଜଣେ ତଥାକଥିତ ମହାପୁରୁଷଙ୍କର ଚମତ୍କାର ବା Miracle ଓ ଦିବ୍ୟକୃପାର ହସ୍ତକ୍ଷେପ ଭିତରେ ଏହାହିଁ ପାର୍ଥକ୍ୟ ବୋଲି ମୋର ବିଶ୍ୱାସ ।

**ଦ୍ୱିତୀୟ ଏବଂ ତୃତୀୟ ଆଗନ୍ତୁକ :** ତଥାକଥିତ ମହାପୁରୁଷମାନେ ଯେଉଁ ଆଶୀର୍ବାଦ ଦିଅନ୍ତି, ସେସବୁ ତେବେ ମୂଲ୍ୟବାନ୍ ନୁହେଁ ବୁଝିବାକୁ ହେବ ।

**ଉତ୍ତର :** ଆପଣ ଯଦି ତାହାହିଁ ବୁଝିବେ, ତେବେ ଭୁଲ୍ ବୁଝିବେ । ମୁଁ ଆଶୀର୍ବାଦ କଥା କହୁ ନାହିଁ, କହୁଛି ସିଦ୍ଧି ପ୍ରୟୋଗ ଦ୍ୱାରା ତଡ଼ିତ୍ ବେଗରେ ଜଣକର ରୋଗ ବ୍ୟାଧି ନିରାମୟ ବା ସେହିଭଳି କୌଣସି ହବୁ କର୍ମ ବା Miracle ପ୍ରଦର୍ଶନ କଥା । ଆଶୀର୍ବାଦ ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ । ତେବେ ତାହା ଶୁଭେଚ୍ଛା ବା ସଦିଚ୍ଛାରହିଁ ଏକ ମହତ୍ତର ସଂସ୍କରଣ । ତଥାକଥିତ ମହାପୁରୁଷ କାହିଁକି, ଯେକୌଣସି ବ୍ୟକ୍ତିର ଶୁଭେଚ୍ଛା — ପ୍ରକୃତ ଶୁଭେଚ୍ଛା କଥା କହୁଛି — ସେ ଶୁଭେଚ୍ଛାର ମୂଲ୍ୟ ଅପରିସୀମ । ପ୍ରତ୍ୟେକ ମଣିଷର ଚେତନାରେ — ଯେତେ ଗଭୀରରେ ହେଉ ନା କାହିଁକି, ଯେତେ ଚାପା ପଡ଼ି ରହି ଥାଉନା କାହିଁକି — ପ୍ରତ୍ୟେକ ମଣିଷର ଚେତନାରେ ରହିଛି ଦିବ୍ୟ ଉପସ୍ଥିତି । ସଚ୍ଚା ଶୁଭେଚ୍ଛା, କୃତ୍ରିମ ଲୌକିକ ଶୁଭେଚ୍ଛା କଥା କହୁ ନାହିଁ — ସଚ୍ଚା ଶୁଭେଚ୍ଛା ସେହି ଉତ୍ସରୁ ଆସିଥାଏ । ଜଣେ ନିରିମାଖି, ମାମୁଲି, ନିର୍ବୋଧ ମଣିଷର ସଚ୍ଚା ଶୁଭେଚ୍ଛା ମଧ୍ୟ ମୂଲ୍ୟବାନ୍ । ତା'ର ଅଦୃଶ୍ୟ ପ୍ରଭାବ ରହିଥାଏ । ରୋଗବ୍ୟାଧି ପାଇଁ ହେଉ ବା ଯେକୌଣସି କାରଣରୁ ହେଉ, ଜଣେ ଅସୁବିଧା ଭୋଗ କରୁଥିଲେ ତା' ଉଦ୍ଦେଶ୍ୟରେ ଆପଣଙ୍କର ନୀରବ ଶୁଭେଚ୍ଛାର ସ୍ପନ୍ଦନ ତା' ଅଜାଣତରେ ତାକୁ ଶାନ୍ତି ବା ଭରସା ବା ସାହସ ଦେଇପାରେ । ଭଗବତ୍ ନିବେଦିତ ଶୁଭେଚ୍ଛୁ ଆହୁରି ଅଧିକ ପ୍ରଭାବଶାଳୀ ।

**ଦ୍ୱିତୀୟ ଓ ତୃତୀୟ ଆଗନ୍ତୁକ :** କ୍ଷମା କରିବେ । ଆମେ ଟିକିଏ ଉପର ଠାଉରିଆ ଭାବେ ବୁଝୁଥିଲୁ । ଆଚ୍ଛା, ସିଦ୍ଧି ଲାଭ କରିଥିବା ବ୍ୟକ୍ତିମାନେ ତ ପୁଣି ଆଧ୍ୟାତ୍ମିକ ଦିଗରୁ ମହତ୍ ହୋଇଥିବେ !

**ଉତ୍ତର :** ହୋଇଥାଇ ପାରନ୍ତି; ସେଇଟା ଭିନ୍ନ ପ୍ରସଙ୍ଗ । କିନ୍ତୁ ଆଧ୍ୟାତ୍ମିକ ଦିଗରୁ ବିକଶିତ ହେବା ନହେବା ସହ ସିଦ୍ଧି ଲାଭର ସମ୍ପର୍କ ନାହିଁ । କେତେକ ଅତୀନ୍ଦ୍ରିୟ ନିୟମ ଅନୁସରଣ କରି ଜଣେ କୌଣସି ଦିଗରେ ସିଦ୍ଧି ଲାଭ କରିପାରେ । ସେ ଦିଗରେ ସ୍ୱାମୀ ବିବେକାନନ୍ଦଙ୍କ ଅଭିଜ୍ଞତା ମୁଁ ପୂର୍ବରୁ ଲେଖିଛି ଏବଂ ସମ୍ଭବତଃ କୌଣସି ସମାବେଶରେ କହିଛି ମଧ୍ୟ ।

**ପ୍ରଥମ ଆଗନ୍ତୁକ :** ତେବେ ସିଦ୍ଧି ହାସଲ କରିବା ଭଲ ନା ଖରାପ ?

**ଉତ୍ତର :** କାହା ପାଇଁ ଭଲ ଖରାପ ପ୍ରଶ୍ନ ଉଠାଉଛନ୍ତି ? ଯିଏ ସିଦ୍ଧି ଅର୍ଜନ କରିବା ଦିଗରେ ଆବଶ୍ୟକ ସାଧନା କରେ, ସେ ନିଶ୍ଚୟ ତା' ନିଜ ପ୍ରେରଣା କୁହନ୍ତୁ, ଉଚ୍ଚାଭିଳାଷ କୁହନ୍ତୁ ତାହାରି ଦ୍ୱାରା ଅନୁପ୍ରାଣିତ ହୋଇ କରେ । ତା'ର ଉଦ୍ଦେଶ୍ୟ ଭଲ କିଂବା ମନ୍ଦ, ଅଥବା ଭଲ-ମନ୍ଦ ଭେଦରେ ଯାଉ ନଥିବା ତୁଚ୍ଛା କୌତୂହଳ, ସେକଥା ସେ ନିଜେହିଁ

କହିପାରିବ । ଏକଦା ଆମ ଦେଶରେ ଗାଁ ଗହଳରେ ଓଝା ବା ଗୁଣୀ ଭାବରେ ବିଦିତ ଏକ ପ୍ରକାର ସାଧକ ଥିଲେ । ସେମାନେ ଆୟତ୍ତ କରିଥିଲେ ସାପ-ବିଷ ହରଣ କରିବାର, ପ୍ରେତାବିଷ୍ଟଙ୍କୁ ଅଶରୀରୀ କବଳରୁ ମୁକୁଳାଇବାର ବିଦ୍ୟା । କିନ୍ତୁ ସେମାନେ ଗୁରୁ ପରମ୍ପରା ଅନୁସରଣ କରି ନିଃସ୍ୱାର୍ଥ ଭାବରେ ପଲ୍ଲୀ ସମାଜକୁ ସେମାନଙ୍କ ସେବା ଦାନ କରୁଥିଲେ । ସେମାନେ ଆୟତ୍ତ କରିଥିବା ମନ୍ତ୍ର ଶକ୍ତି ଏକ ଜାତୀୟ ସିଦ୍ଧି । କିନ୍ତୁ ସାଧାରଣତଃ ସେ ସିଦ୍ଧି ଆୟତ୍ତ କରିବା ପଛରେ ନିରୀହ ଏବଂ ମହତ୍ ମନୋଭାବ ଥାଏ । ସେ ଶ୍ରେଣୀର ସାଧକମାନେ ଆଜି ଆଉ ନାହାନ୍ତି ।

**ପ୍ରଥମ ଆଗନ୍ତୁକ :** ମୁଁ ପ୍ରଥମେ ଯେଉଁ ମହାପୁରୁଷଙ୍କ କଥା କହିଲି ସିଏ ସତ୍ ଉଦ୍ଦେଶ୍ୟ ନା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସେଭଳି ସିଦ୍ଧି ଅର୍ଜନ କରିଥିଲେ ?

**ଉତ୍ତର :** ସେଭଳି ପ୍ରଶ୍ନ ଉପରେ ଚିନ୍ତା କରିବାର ଏବଂ ତା'ର ଉତ୍ତର ଖୋଜିବାର ଦାୟିତ୍ୱରୁ ମୋତେ ଅବ୍ୟାହତି ଦିଅନ୍ତୁ । ସେ ଦିଗରେ, ଅର୍ଥାତ୍ ଜଣେ ବ୍ୟକ୍ତିଗତ ସିଦ୍ଧି ସମ୍ପର୍କରେ ରାୟ ଦେବା ଭଳି ଜ୍ଞାନ ମୋର ନାହିଁ । ବସ୍ତୁତଃ ମୋର ସେ ଦିଗରେ ଆଗ୍ରହ ନାହିଁ । ତେବେ ତତ୍ତ୍ୱ ଦୃଷ୍ଟିରୁ କହିପାରେ, ଆପଣଙ୍କର ସେ ସିଦ୍ଧ ଜଣକ ନିଜେ କୌଣସି ସତ୍ ବା ଅସତ୍ ଉଦ୍ଦେଶ୍ୟ ନେଇ ତାଙ୍କ ବିଦ୍ୟା ହାସଲ କରି ପାରିଥା'ନ୍ତି କିଂବା ପ୍ରାଣଜଗତର କୌଣସି ସତ୍ତା ତାଙ୍କୁ ଆୟତ୍ତ କରିନେଇ ସେ ସିଦ୍ଧି ତାଙ୍କୁ ଦେଇ ଦେଇ ଥାଇପାରେ ।

ପ୍ରାଣ ଜଗତର ସେ ସତ୍ତାମାନଙ୍କର ଚରିତ୍ର ଆପଣ କୌଣସି କାର୍ଯ୍ୟ-କାରଣ ହେତୁବୋଧ ଦ୍ୱାରା ନିରୂପିତ କରିପାରିବେ ନାହିଁ । ସେମାନେ ବିଚିତ୍ର । ତାଙ୍କ ଭିତରେ ଏମିତି ସତ୍ତା ଅଛନ୍ତି ଯେଉଁମାନେ ଶୁଭଙ୍କର; ଏମିତି ମଧ୍ୟ ଅଛନ୍ତି ଯେଉଁମାନେ ମଣିଷକୁ ଦଗାଦେଇ, ଚମକାଇ, କଲବଲ କରି ଆମୋଦ ଅନୁଭବ କରିଥା'ନ୍ତି । ସାଧାରଣ ଭାବରେ ଏତିକି କୁହାଯାଇପାରେ, ଅତୀନ୍ଦ୍ରିୟ ଜଗତରୁ କିଛି ସିଦ୍ଧି ବା ହବୁ ବିଦ୍ୟା ହାସଲ କରିବାର ଉତ୍ସାହରୁ ବିରତ ରହିବା ବିବେକ ସମ୍ମତ କାମ । ଆପଣଙ୍କ ସମୟରେ କଲେଜରେ ମାର୍ଲୋଙ୍କର ଡକ୍‌ଟର ଫଷ୍ଟସ୍ (Dr. Faustus by Christopher Marlowe) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା କି ?

**ଏକାଧିକ ଆଗନ୍ତୁକ :** ହଁ, ହଁ । କିନ୍ତୁ ବିଷୟବସ୍ତୁ ମନେ ଅଛି କି ନାହିଁ ...

ଉତ୍ତର : ଯେଉଁ କିଂବଦନ୍ତି ଉପରେ ନାଟକଟି ପର୍ଯ୍ୟବସିତ, ସେଥିରେ ସତ୍ୟତା ଥିବା ସମ୍ଭବ । ବୁଦ୍ଧିମାନ୍ ତଥା ଅଧ୍ୟବସାୟୀ ଯୁବକ ଫଷ୍ଟସ୍‌ର ଦୁର୍ବଳତା ହେଲା ସମସ୍ତଙ୍କୁ ପ୍ରଭାବିତ କରିବାର ଉଚ୍ଚାଭିଳାଷ । ସେଥିପାଇଁ ସେ ସଇତାନ ସହ ଦରଦସ୍ତୁର କରି ଅସାଧାରଣ ଚମତ୍କାର ବା Miracle ସାଧନର ଶକ୍ତି ପାଇଛି – ମୃତ୍ୟୁ ଅନ୍ତେ ଆପଣାର ଆତ୍ମାକୁ ସଇତାନର ସେବାରେ ଅର୍ପଣ କରିବାର ପ୍ରତିଶ୍ରୁତ ମୂଲ୍ୟ ବାବଦରେ । ଜୀବନରେ ବିପୁଳ ପ୍ରତିପତ୍ତି ଉପଭୋଗ କରିବା ଅନ୍ତେ ଯେତେବେଳେ ଶେଷ ସମୟ ଉପସ୍ଥିତ, ସେତେବେଳେ ବିଚରା କି ଡହଳ ବିକଳ ହେଉଛି ! ହୁଏତ ଭାବିଥିବ ନିଜର ବୁଦ୍ଧି, ଚାତୁର୍ଯ୍ୟ ପ୍ରୟୋଗ କରି ସଇତାନକୁ ଫାଙ୍କିଦେବ ! କିନ୍ତୁ ତାହା ସମ୍ଭବ ହେଲା ନାହିଁ ! ହାୟ, ସାରା ଜୀବନର ସମସ୍ତ ଗର୍ବ, ପ୍ରଭାବ, ଶକ୍ତି ବର୍ତ୍ତମାନ ବ୍ୟର୍ଥ ! ଆତ୍ମା ଅମର ବୋଲି ସିନା ସେ ଅନନ୍ତ କାଳ ନିର୍ଯାତନା ଭୋଗିବ ? ସେ ନିଜକୁ ପଚାରୁଛି :

"Why Wert thou not a creature
Wanting soul ?
Or Why is this immortal that
thou hast ?"

ତାଙ୍କ ଜୀବନାବସାନ ହେବ ଠିକ୍ ନିଶାର୍ଦ୍ଧରେ । ସେତେବେଳେ ସେ ଅନୁଭବ କରୁଛନ୍ତି – ଜୀବନର ପ୍ରତିଟି ମୁହୂର୍ତ୍ତ ଥିଲା କେତେ ମୂଲ୍ୟବାନ୍ ! କେଡ଼େ ଉନ୍ନତ ଭାବରେ ସେ ସମୟର ଉପଯୋଗ କରି ପାରିଥା'ନ୍ତେ । ଆଉ ଘଣ୍ଟାଟିଏ ଅଛି । ସମୟ ସ୍ତବ୍ଧ ହୋଇ ଅଟକି ରହନ୍ତା କି ! ସେ ନିଜକୁ କହୁଛନ୍ତି ଆର୍ତ୍ତନାଦ କରି :

"Ah Faustus,
Now hast thou but one bare hour to live,
And then thou must be damned perpetually."

ତା'ପରେ ସମୟର ଗତିଶୀଳତା ପାଇଁ ଦାୟୀ ଗ୍ରହନକ୍ଷତ୍ରକୁ ଉଦ୍ଦେଶ୍ୟ କରି ସେ କହୁଛନ୍ତି :

"Stand still, you ever-moving
spheres of heaven
That time may cease and
midnight never come !"

ସବୁ କିନ୍ତୁ ବ୍ୟର୍ଥ ହେଲା !

**ଜଣେ ଆଗନ୍ତୁକ :** ସେ ଯୁଗରେ ମଧ୍ୟ ଏ ଜ୍ଞାନ ଥିଲା !!

**ଉତ୍ତର :** ଏସବୁ ମୌଳିକ ଜ୍ଞାନ ପୃଥିବୀର ଅପେକ୍ଷାକୃତ ସଭ୍ୟ ଦେଶମାନଙ୍କର ଐତିହ୍ୟରେ କାହିଁ କେଉଁ ପ୍ରାଚୀନ କାଳରୁ ରହିଛି । ଏହା ଉପରେ କେତେ କଳା, କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ଲେଖା ହୋଇ ନାହିଁ ! ଧରନ୍ତୁ ଡବ୍ଲୁ ଡବ୍ଲୁ ଜାକୋବ୍‌ଙ୍କ 'Monkey's Paw'; ମନେ ଅଛି ତ ।

**ଆଗନ୍ତୁକମାନେ :** ପଢ଼ି ନାହୁଁ; ମନେ ରହିବାର ସମ୍ଭାବନା କାହୁଁ ଆସିବ !

**ଉତ୍ତର :** ମୋର ମନେ ହେଲା ସେ ଗପଟି ମଧ୍ୟ ଆପଣମାନଙ୍କ ଅଧ୍ୟୟନ ସମସାମୟିକ କୌଣସି ଏକ ପାଠ୍ୟ-ପୁସ୍ତକର ଅନ୍ତର୍ଭୁକ୍ତ ଥିଲା । ନ ହୋଇ ଥାଇପାରେ । ଗଳ୍ପଟି ଏକ ବିରାଟ ଚେତାବନୀ । ପଟଭୂମି ଇଂଲଣ୍ଡର କୌଣସି ଏକ ସହର । ହୁଏତ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ । ଝଡ଼ ବର୍ଷା ଅଧ୍ୟୁଷିତ ଏକ ସନ୍ଧ୍ୟା । ଶ୍ରୀଯୁକ୍ତ ଓ ଶ୍ରୀମତୀ ହ୍ୱାଇଟ୍ ଏବଂ ସେ ଦମ୍ପତିଙ୍କ ଏକମାତ୍ର ଯୁବକ ସନ୍ତାନ ହାର୍ବାର୍ଟ ନିଆଁ କରେଇ ପାଖରେ ବସି ଉଷୁମ ହେଉଛନ୍ତି ଏବଂ ଖୁସିରେ ଗପସପ ହେଉଛନ୍ତି । ଆସି ପହଞ୍ଚି ଗଲେ ସେ ପରିବାରର ଜଣେ ପୁରୁଣା ବନ୍ଧୁ ମୋରିସ୍ । ସେ ଭଦ୍ରଲୋକ ବହୁ ବର୍ଷ ଭାରତରେ ଥିଲେ – ଜଣେ ସାମରିକ କର୍ମଚାରୀ ଭାବରେ ।

ସେହି ଚାକିରି କାଳ ଭିତରେ ସେ ବହୁ ବିଚିତ୍ର ଅଭିଜ୍ଞତା ଅର୍ଜନ କରିଥିଲେ । ସେ ନିଜ ସାଥିରେ ଆଣିଥିଲେ ଗୋଟାଏ ଅଦ୍ଭୁତ ଚିଜ : ମାଙ୍କଡ଼ର ଶୁଖିଲା ପାପୁଲିଟାଏ । ସେ ଚିଜର 'ଗୁଣ' ହେଲା, ଯେକୌଣସି ତିନିଜଣ ଲୋକଙ୍କର ତିନୋଟି ଲେଖାଏଁ ଇଚ୍ଛା – ପ୍ରତ୍ୟେକଙ୍କର – ତାହା ପୂରଣ କରିପାରିବ । ପ୍ରଥମ ଜଣକ ତା'ର ଉପଯୋଗ କରିଥିଲେ । କିନ୍ତୁ ତାଙ୍କର ଅଭିଜ୍ଞତା ଏମିତି ଭୟାବହ ହୋଇଥିଲା ଯେ ସେ ତାକୁ ମୋରିସ୍ ମହାଶୟଙ୍କୁ ଫେରାଇ ଦେବାକୁ ଡର ପାଇଲେ ନାହିଁ । ମୋରିସ୍ ମଧ୍ୟ ତା'ର ଉପଯୋଗ କରି ସାରିଥିଲେ ଏବଂ ଜଣାଯାଏ ତାଙ୍କ ଅଭିଜ୍ଞତା ମଧ୍ୟ ହୋଇଥିଲା ଅତ୍ୟନ୍ତ ତିକ୍ତ ।

ଗୃହସ୍ୱାମୀ ହ୍ୱାଇଟ୍ ସାହେବ ସେ ଚିଜ କଥା ଶୁଣିଥିଲେ ଏବଂ ସେ ଗୋଟିକ ଦେଖିବାକୁ କୌତୂହଳୀ ଥିଲେ ବୋଲି ମୋରିସ୍ ତାକୁ ନେଇ ଆସିଥିଲେ । ଜନବିରଳ ପରିବେଶରେ ଅବସ୍ଥିତ ସେ ଦୁଇ ମହଲା କୋଠା ଭିତରେ, ସେହି ଝଡ଼ ରାତିରେ ଅତିଥି ଜଣକ ସେ ଚିଜଟି ବାହାର କରି ଦେଖାଇଲେ । ତୃତୀୟ ବ୍ୟକ୍ତିଟିଏ ସେ ଚିଜରୁ ନିଜର ଯେକୌଣସି ତିନୋଟି ଇଚ୍ଛା ପୂରଣ କରାଇ ଦେବାର ସୁଯୋଗ ତଦବଧି ରହିଥିଲା । କିନ୍ତୁ ମୋରିସ୍ ଆଉ କେହି ସେ ଚିଜ ବ୍ୟବହାର ନକରନ୍ତୁ ବୋଲି ଚାହୁଁଥିଲେ । ଅତଏବ ସେ ଗୋଟିକ ଦେଖାଇ ସାରି ସେ ତାହା ଭସ୍ମୀଭୂତ କରିଦେବା ମାନସରେ ଚୁଲି ଭିତରକୁ ନିକ୍ଷେପ କଲେ । କିନ୍ତୁ ହ୍ୱାଇଟ୍ ସାହେବ ତତ୍‌କ୍ଷଣାତ୍ ତାକୁ ଉଦ୍ଧାର କରି ନିଜ ପାଖରେ ରଖିଲେ ।

ମୋରିସ୍ କିନ୍ତୁ ତାଙ୍କୁ ସତର୍କ କରିଦେଲେ : ତୁମେ ତୁମର ତିନୋଟିଯାକ ଇଚ୍ଛା ପୂରଣ କରିନେଇ ପାରିବ, କିନ୍ତୁ ପରେ ପସ୍ତେଇବ !

ନୈଶାହାର ଅନ୍ତେ ମୋରିସ୍ ବିଦାୟ ନେଲେ । ହ୍ୱାଇଟ୍ ଦମ୍ପତି ଓ ପୁଅ ହାର୍ବାର୍ଟ ସେ ଚିଜର ସେମିତି ଅପୂର୍ବ କରାମତିରେ ବିଶ୍ୱାସ କରୁ ନଥିଲେ । କିନ୍ତୁ କୌତୂହଳ ଥିଲା । ସେମାନେ ରହୁଥିବା ଘରଟି ବାବଦରେ ଦୁଇଶହ ପାଉଣ୍ଡ୍ ଅର୍ଥ ବ୍ୟାଙ୍କ୍ ବା ଘର ନିର୍ମାତାକୁ ଦେଇ ପାରିଲେ ଘରଟି ସେମାନଙ୍କର ହୋଇଯିବ । ହ୍ୱାଇଟ୍ ସାହେବ ଚିଜଟିକୁ ନିଜ ସାମନାରେ ଧରି ରଖି ସେତକ ମୁଦ୍ରା ପାଇବାର ବାସନା ପ୍ରକଟ କଲେ । ମନେହେଲା ସେ ଅସ୍ୱସ୍ତିକର ପାପୁଲିଟି ଯେମିତି ଥରେ ଥରି ଉଠିଲା ।

ରାତି ବିତିଗଲା । ସକାଳେ ପୁଅ ହାର୍ବାର୍ଟ ଯଥାରୀତି କାରଖାନାକୁ କାମ କରିବାକୁ ଗଲା । ଅପରାହ୍ଣରେ ଆସି ଦମ୍ପତିଙ୍କୁ ଦେଖା କଲେ ସେ କାରଖାନା କର୍ତ୍ତୃପକ୍ଷଙ୍କ ଜଣେ ପ୍ରତିନିଧି । ସେ ଦୁଃଖର ସହ ଜଣାଇଲେ, ଏକ ଯାନ୍ତ୍ରିକ ଦୁର୍ଘଟଣାରେ ହାର୍ବାର୍ଟଙ୍କର ମୃତ୍ୟୁ ହୋଇଯାଇଛି । ଯଦିଓ କମ୍ପାନୀ ସେଥିପାଇଁ ଦାୟୀ ନୁହେଁ । ତଥାପି ସାନ୍ତ୍ୱନା ନିମନ୍ତେ ସେମାନେ ହ୍ୱାଇଟ୍ ଦମ୍ପତିଙ୍କୁ ଦୁଇଶହ ପାଉଣ୍ଡ୍ ପ୍ରଦାନ କରିଛନ୍ତି ।

ଆଉ ଥରେ ସମବେଦନା ଜଣାଇ, ସେତକ ଅନୁଦାନ ରଖି ଦେଇ ଆଗନ୍ତୁକ ଚାଲିଗଲେ ।

ବୃଦ୍ଧ ଦମ୍ପତିଙ୍କ ଅବସ୍ଥା ଅନୁମେୟ । ପରଦିନ ଯଥାବିଧି ନିକଟବର୍ତ୍ତୀ ଗିର୍ଜା ପ୍ରାଙ୍ଗଣରେ ହାର୍ବାର୍ଟଙ୍କ ମର ଶରୀର ସମାଧିସ୍ଥ ହେଲା ।

ସେଦିନ ରାତିରେ ଚିତ୍କାର କରି କହିଲେ ଶ୍ରୀମତୀ ହ୍ୱାଇଟ୍ : ସେ ପୁଅକୁ ଫେରି ପାଇବାକୁ ଚାହାନ୍ତି । ମାଙ୍କଡ଼ ପାପୁଲି ପାଖରୁ ତ ଆହୁରି ଦୁଇଟି କାମ୍ୟ ହାସଲ କରା-ଯାଇପାରେ !

ତାଙ୍କ ସ୍ୱାମୀ ଦେଖିଥିଲେ – କାରଖାନାର ଯନ୍ତ୍ର ଭିତରେ ପେଷି ହୋଇ ହାର୍ବାର୍ଟର ମୁହଁ କେମିତି ଭୟାବହ ଦିଶୁଥିଲା । ସେ ଚାହୁଁ ନଥିଲେ ସେ ଦେହ ନେଇ ପୁଅ ଫେରି ଆସୁ ବା ତାଙ୍କ ସ୍ତ୍ରୀ ସେ ମୁହଁ ଦେଖନ୍ତୁ ! କିନ୍ତୁ ସ୍ତ୍ରୀଙ୍କ ପାଗଳ-ପ୍ରାୟ ଦାବିରେ ଅକର୍ତ୍ତବ୍ୟ ଭାବରେ ସେ ପୁନର୍ବାର 'ପାପୁଲି'ଟି ଧରି ପୁଅ ଫେରି ଆସୁ ବୋଲି କହିଲେ । ପୁନର୍ବାର ପାପୁଲି ଥରି ଉଠିଲା ଓ ସେ ତାହା ଫୋପାଡ଼ି ଦେଲେ ।

କିଛି ସମୟ ଉତ୍ତାରୁ ସେ ନିଃଶବ୍ଦ ରାତିରେ ଶୁଭିଲା କାହାରି ପାଦ ଶବ୍ଦ । କେହି ଜଣେ ପାହାଚ ଚଢ଼ି ଆସୁଛି ! କବାଟରେ ପଡ଼ିଲା ଧକ୍କା । ପୁଅ ଆସିଗଲା ଜାଣି ମାଆ ଦୌଡ଼ି ଗଲେ କବାଟ ପାଖକୁ । ସେ ଠିକ୍ କବାଟ ଖୋଲିବେ – ବୃଦ୍ଧ କୌଣସିମତେ ସେ ଅଭିଶପ୍ତ ଚିଜକୁ ତଳୁ ଗୋଟାଇ ନେଇ ପ୍ରକାଶ କଲେ ତାଙ୍କର ଶେଷ କାମନା : ହାର୍ବାର୍ଟ ଯଥା ସ୍ଥାନକୁ ଫେରିଯାଉ !

କବାଟ ଖୋଲିଗଲା । ବୃଦ୍ଧ ମଧ ଯାଇ ତାଙ୍କ ସ୍ତ୍ରୀଙ୍କ ପାଖରେ ଛିଡ଼ା ହେଲେ । ଦୁହେଁ ବାହାରକୁ ଯାଇ ଏଣେ ତେଣେ ଅନାଇଲେ । ଇଂଲଣ୍ଡରେ ତ ରାତି ଆମ ଦେଶରେ ଯେମିତି ହୁଏ ସେମିତି ଅନ୍ଧାର ହୁଏ ନାହିଁ । ପରିବ୍ୟାପ୍ତ ଛାୟାଲୋକରେ ସେମାନେ ଦେଖିଲେ – ରାସ୍ତାଘାଟ ଶୂନ୍ୟ !

ଏମନ୍ତେ ହେଲା ତିନୋଟି ବାସନାର ପୂର୍ତ୍ତି ! ଧନ୍ୟବାଦ । ଏତିକିରେ ଥାଉ ।

**ଆଗନ୍ତୁକମାନେ :** ବହୁତ ବହୁତ ଧନ୍ୟବାଦ, ବହୁତ ବହୁତ । ✥

*[୧୯୨୦ ମସିହା ଏପ୍ରିଲ ୨୪ ତାରିଖ ଦିନ ଶ୍ରୀମା ଦ୍ୱିତୀୟ ତଥା ଶେଷ ଥର ପାଇଁ ପଣ୍ଡିଚେରୀ ଆସି ସ୍ଥାୟୀ ଅବସ୍ଥାନ କରିଥିଲେ । ପଣ୍ଡିଚେରୀର ନିକଟତର ହେଲାବେଳେ ଜାହାଜ ଉପରେ ତାଙ୍କର ଯେଉଁ ଅନୁଭୂତି ହୋଇଥିଲା ତାହା ସେ ଏପରି ପ୍ରକାଶ କରିଛନ୍ତି :]*

ଯେତେବେଳେ ଜାପାନରୁ ଆସୁଥିଲି : ମୁଁ ସମୁଦ୍ରରେ ବୋଟ୍ ଉପରେ ଥିଲି । ମୋ ମଧରେ କିଛି ପ୍ରତ୍ୟାଶା ନଥିଲା (ଅବଶ୍ୟ ମୁଁ ମୋର ଆନ୍ତର ଜୀବନ ନେଇ ବ୍ୟସ୍ତ ଥିଲି, ଯଦିଓ ସ୍ଥୂଳଭାବେ ମୁଁ ବୋଟ୍‌ରେ ଯାତ୍ରା କରୁଥିଲି ।), ସାମୁଦ୍ରିକ ଦୂରତ୍ୱ ହିସାବରେ ପଣ୍ଡିଚେରୀ ଆଉ ଦୁଇ ମାଇଲ (two nautical miles) ଅଛି ହଠାତ୍ ଆକସ୍ମିକ ଭାବେ ବାତାବରଣ ଓ ବାୟୁମଣ୍ଡଳର ଗୁଣଧର୍ମ, ଏପରିକି ମୋ ଅନୁଭବରେ ଭୌତିକ ଗୁଣଧର୍ମ ବଦଳିଗଲା । ଏତେ ପରିମାଣରେ ବଦଳିଗଲା ଯେ ଆମେ ଶ୍ରୀଅରବିନ୍ଦଙ୍କ ଜ୍ୟୋତିଃବଳୟ ମଧକୁ ପ୍ରବେଶ କରୁଥିବାର ମୁଁ ଜାଣିପାରିଲି । ଏହା ଏକ **ସ୍ଥୂଳ**, ବାସ୍ତବ ଅନୁଭୂତି ଥିଲା ଏବଂ ମୁଁ ଏକଥା ଜୋର୍‌ଦେଇ କହିପାରେ ଯେ ଯେକୌଣସି ବ୍ୟକ୍ତିର ଯଥେଷ୍ଟ ପରିମାଣରେ ଏକ ଜାଗ୍ରତ୍ ଚେତନା ରହିଛି ସେ ସେହି ଏକା କଥା ଅନୁଭବ କରିପାରିବ ।

(CWM Vol. 4. p. 223) – ଶ୍ରୀମା

# ସୂର୍ଯ୍ୟଦୀପ୍ତ ପଥ

## ଶ୍ରୀ ପ୍ରପତ୍ତି

ସୂର୍ଯ୍ୟଦୀପ୍ତ ପଥ (Sunlit Path)ର ଅର୍ଥ କ'ଣ ? ଏହାର ଅର୍ଥ ଜ୍ଞାନ, ଆଲୋକ, ଶକ୍ତି, ସାମର୍ଥ୍ୟ, ଆନନ୍ଦ ଓ ଅମୃତର ପଥ । ଏହାର ବିପରୀତ ଅର୍ଥ ହେଲା ଅନ୍ଧାର, ଅଜ୍ଞାନ, ଜରା, ବ୍ୟାଧି, ଶୋକ ଓ ମୃତ୍ୟୁର ପଥ । ଯୁଗ ଯୁଗ ଧରି ମନୁଷ୍ୟ ଏହି ଶେଷୋକ୍ତ ପଥରେ ଚାଲିଛି ଓ ଚାଲୁଛି; ଜରା, ମୃତ୍ୟୁ ଓ ଅନ୍ଧକାର ମଧ୍ୟରେ ତା'ର ସବୁକିଛି ଯେପରି ବୁଡି ଯାଇଛି । ଅନ୍ଧକାର ତାକୁ ଛାଡ଼ି ନାହିଁ, ମୃତ୍ୟୁ ମଧ୍ୟ ତାକୁ ଛାଡ଼ି ନାହିଁ । ସତ୍ୟ, ଜ୍ଞାନ ଓ ଆଲୋକର ତୃଷ୍ଣାରେ ସେ ତୃଷିତ ଓ ଆକୁଳ, ତଥାପି ଏସବୁ ଯେପରି ବହୁ ଦୂରରେ, କେବଳ 'ସୁଦୂର'ର ପିପାସା ।

ଏହାର ପ୍ରଧାନ କାରଣ ଏହି ଯେ ପୃଥିବୀ ଓ ଭଗବାନଙ୍କ ମଧ୍ୟରେ, ସଂସାର ଓ ଦିବ୍ୟଜ୍ୟୋତି ମଧ୍ୟରେ ଚିରକାଳ ଏକ ବ୍ୟବଧାନ ରହି ଆସିଛି । ସଂସାର ହେଲା ଅଜ୍ଞାନ, ଅନ୍ଧକାର ଓ ମୃତ୍ୟୁର କ୍ଷେତ୍ର । ଭଗବାନ୍ ହେଲେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ସ୍ୱରୂପ । ଗୋଟିକରେ ରହିଲେ ଅନ୍ୟଟିକୁ ଛାଡ଼ିବାକୁ ହେବ । ମୁକ୍ତି ବା ନିର୍ବାଣରେ ପହଞ୍ଚିଗଲେ ସଂସାର ବର୍ଜନ କରିବାକୁ ହୁଏ । ଫଳରେ ସଂସାର ଯେପରି ଅଜ୍ଞାନର କ୍ଷେତ୍ର ଥିଲା ସେହିପରି ରହିଯାଏ । ସଂସାରରେ ଆଉ ସେହି ଅମୃତ, ଜ୍ୟୋତି ଓ ଆନନ୍ଦ ପ୍ରତିଷ୍ଠା ହୋଇପାରେ ନାହିଁ । ପୁଣି ସଂସାରରେ ଯେଉଁମାନେ ଏକେବାରେ ବୁଡି ରହିଛନ୍ତି ସେମାନେ ନିଜେ ନିଜର ହତ୍ୟାକାରୀ । ସେମାନେ ଯେପରି ଘୋର ତିମିର ବା ଅନ୍ଧକାର ମଧ୍ୟରେ ପଡ଼ି ଯାଆନ୍ତି । ସହସ୍ର ସହସ୍ର ବର୍ଷ ଧରି ଜନ୍ମ-ମରଣର ଚକ୍ରରେ ନିଜର ହରାଇଥିବା ସତ୍ୟକୁ ଖୋଜି ବୁଲୁ ଥାଆନ୍ତି । ତଥାପି ଅନ୍ଧକାର କଟିଯାଏ ନାହିଁ । ତେବେ କ'ଣ ଦିବ୍ୟ ଲୋକ ଓ ମୃତ୍ୟୁପୁରୀ ମଧ୍ୟରେ ସଂଯୋଗ ଓ ସମ୍ମିଶ୍ରଣ ସମ୍ଭବ ନୁହେଁ ? ସଂସାରରେ କୌଣସି ସୂର୍ଯ୍ୟଦୀପ୍ତ ପଥ କ'ଣ ସମ୍ଭବ ନୁହେଁ ? ତେବେ ସୃଷ୍ଟି ନିର୍ମାଣର ସେହି ମୂଳ ରହସ୍ୟ କ'ଣ ? ଅନନ୍ତ କାଳରୁ ଯେଉଁ କ୍ରମବିକାଶ ବା ବିବର୍ତ୍ତନର ଧାରା ଚାଲି ଆସିଛି ତା'ର ଲକ୍ଷ୍ୟ କ'ଣ ? ସୃଷ୍ଟି କ'ଣ ସେହି ସତ୍-ଚିତ୍-ଆନନ୍ଦର ଏକ ବିକୃତ ରୂପ ନୁହେଁ ? ଏଠାରେ କ'ଣ ଭାଗବତ ସିଦ୍ଧି ଓ ପ୍ରକାଶ ସମ୍ଭବ ନୁହେଁ ?

ଏହି ବିଭିନ୍ନ ପ୍ରଶ୍ନର ସମାଧାନ ଏକମାତ୍ର ଶ୍ରୀଅରବିନ୍ଦଙ୍କ ସାଧନା, ଯୋଗ ଓ ଦର୍ଶନରେ ରହିଛି । ଶ୍ରୀଅରବିନ୍ଦ ଅତିମାନସ ଦିବ୍ୟ ସତ୍ୟକୁ ଆବିଷ୍କାର କରି, ସେହି ମହତୀ ସୃଷ୍ଟି-ସମ୍ଭୂତକାରିଣୀ ଜ୍ୟୋତିକୁ ପୃଥିବୀକୁ ଉତାରି ଆଣି, ଏକ ନୂତନ ପଥ ଓ ଏକ ନୂତନ ମାର୍ଗର ସନ୍ଧାନ ଦେଲେ । ସେହି ପଥ ହେଲା ସୂର୍ଯ୍ୟଦୀପ୍ତ ପଥ; ଯେଉଁ ପଥରେ ଯାତ୍ରାର ଅବଶ୍ୟମ୍ଭାବୀ ପରିଣାମ କେବଳ କୈବଲ୍ୟ, ନିର୍ବାଣ ବା ମୁକ୍ତି ନୁହେଁ ବରଂ ମାନବ ପ୍ରକୃତି, ପାର୍ଥିବ ପ୍ରକୃତି ତଥା ଅନ୍ଧକାରର ଚରମ ବା ଚୂଡ଼ାନ୍ତ ରୂପାନ୍ତର, ପରିବର୍ତ୍ତନ ଓ ଅବଲୁପ୍ତି । ସୂର୍ଯ୍ୟଦୀପ୍ତ ପଥହିଁ ପୂର୍ଣ୍ଣଯୋଗର ଦିବ୍ୟ ରୂପାନ୍ତରର ପଥ ।

ଏହି ପଥହିଁ ନୂତନ ଜଗତର ମାର୍ଗ । ପୁରାତନ ଜଗତ୍, ଅର୍ଥାତ୍ ଅଜ୍ଞାନ ଓ ମୃତ୍ୟୁର ଜଗତ୍ ତା'ର ସମସ୍ତ ଶକ୍ତି ବିସ୍ତାର କରି ନୂତନ ଜଗତକୁ ପରିସ୍ଫୁଟ ହେବାକୁ ଦେଉ ନାହିଁ । ୧୯୫୬ ମସିହାରେ ମା'ଙ୍କ ପ୍ରଦତ୍ତ ଏକ ବିଶେଷ ମହତ୍ତ୍ୱପୂର୍ଣ୍ଣ ବାଣୀରେ ଏହି ନୂତନ ଜଗତର 'ଜନ୍ମ ଓ ପ୍ରତିଷ୍ଠା' ଖୁବ୍ ସ୍ୱଷ୍ଟ ହୋଇ ଉଠିଛି ।

''ପ୍ରାଚୀନ ଆଧାତ୍ମିକ ସାଧନାରେ ଏ ଜଗତ୍ ଓ ଜୀବନ ଯେପରି ଅଛି, ସେହିପରି ଛାଡ଼ି ଦେଇ ଦିବ୍ୟ ସତ୍ୟ ଆଡ଼କୁ ପଳାୟନ କରିବାହିଁ ଲକ୍ଷ୍ୟ ଥିଲା । ଅନ୍ୟ ପକ୍ଷରେ ଆମ୍ଭମାନଙ୍କ ନୂତନ ଦୃଷ୍ଟିର ଅର୍ଥହିଁ ହେଲା ଜୀବନକୁ ଦିବ୍ୟତା ପ୍ରଦାନ ଏବଂ ଜଡ଼-ଜଗତକୁ ଦିବ୍ୟ-ଜଗତରେ ରୂପାନ୍ତର ସାଧନ । ... କିନ୍ତୁ ଏହି କାର୍ଯ୍ୟ ସେହି ପୁରାତନ ଜଗତ୍ ଓ ତାହାର କ୍ରିୟାବଳିର ଉଦ୍ଧାର, ଉନ୍ନତି ବା ସମୃଦ୍ଧି ନୁହେଁ । ... କିନ୍ତୁ ବାସ୍ତବରେ ଯାହା ଘଟିଅଛି ତାହା ଏକ ନୂତନ ବସ୍ତୁ, ଏକ ନୂତନ ଜଗତର ଜନ୍ମ । ସେହି ପୁରାତନ ଜଗତକୁ ଆଉ ରୂପାନ୍ତର କରାହେଉ ନାହିଁ, ଏହା ଏକେବାରେ ଗୋଟାଏ ନୂତନ ଜଗତ୍, ଯାହା ବାସ୍ତବରେ ରୂପ ଲାଭ କରିଅଛି ।''

କିନ୍ତୁ ବର୍ତ୍ତମାନ ପରିସ୍ଥିତି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ଏକ ସନ୍ଧିକ୍ଷଣ, ଯୁଗ ପରିବର୍ତ୍ତନର ସମୟ । ଚତୁର୍ଦ୍ଦିଗରେ ବିଶୃଙ୍ଖଳା, ବିକ୍ଷୋଭ ଓ ଉଦ୍‌ବେଗ ବଢ଼ି ଚାଲିଛି ଏବଂ ଅନ୍ୟ ଦିଗରେ ପାରିପାର୍ଶ୍ୱିକ ବିପୁଳ ସମ୍ପଦ ଓ ଐଶ୍ୱର୍ଯ୍ୟ ସତ୍ତ୍ୱେ ଚରମ

ଆତ୍ମିକ ଶୂନ୍ୟତା, ଅଶାନ୍ତି ଦେଖା ଦେଇଛି । ନୈତିକତା ଓ ଧର୍ମର ଆଶ୍ରୟରୁ ସମାଜ ବିଚ୍ୟୁତ ହୋଇଛି । ଆଉ ସେହି ପୁରାତନ 'ପବିତ୍ରତା' ଓ 'ଧର୍ମପ୍ରାଣତା' ସାମାଜିକ ଜୀବନକୁ ଐକ୍ୟ, ସମତା ଓ ସମନ୍ୱୟର ପଥରେ ନେଇ ଯାଇପାରିବ ନାହିଁ । ଏକମାତ୍ର 'ନୂତନ ଜଗତ୍'ର ସେହି ସୂର୍ଯ୍ୟଦୀପ୍ତ ପଥ ମନୁଷ୍ୟ ଚେତନାରେ 'ଜ୍ଞାନ ଓ ଶକ୍ତି'ର ପଥ ରୂପେ ପ୍ରସ୍ଫୁଟିତ ହୋଇ ଉଠିବ । ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ଘୋଷଣା (୧୯୫୬) ବିଶେଷ ଉଲ୍ଲେଖଯୋଗ୍ୟ : ''ବର୍ତ୍ତମାନ ମୁହୂର୍ତ୍ତରେ ଆମ୍ଭେମାନେ ଠିକ୍ ଏହି ପରିବର୍ତ୍ତନର ସନ୍ଧିକ୍ଷଣରେ ପହଞ୍ଚିଅଛୁ, ଯେଉଁଠାରେ ଏହି ଉଭୟ ଜଗତ୍, ପରସ୍ପରଠାରେ ଘନିଷ୍ଠ ଭାବରେ ଜଡ଼ିତ । ପୁରାତନ ଜଗତ୍ ବଜାୟ ରହିଛି । ଏବେ ବି ଏହା ଖୁବ୍ ଶକ୍ତିଶାଳୀ ଏବଂ ସାଧାରଣ ମନୁଷ୍ୟ-ଚେତନାରେ ପ୍ରଭାବ ବିସ୍ତାର କରି ଚାଲିଛି । ଅନ୍ୟ ପକ୍ଷରେ ନୂତନ ଜଗତ୍ ଧୀର ଗତିରେ, ଅତି ଅଜ୍ଞାତସାରରେ, ଏପରିକି ବାହ୍ୟତଃ କିଛି ବି ଗଣ୍ଡଗୋଳ ନକରି ପରିସ୍ଫୁଟ ହେଉଅଛି ... ।''

ଏହି ଜଗତର ପ୍ରତିଷ୍ଠା-ମାର୍ଗ ଉନ୍ମୋଚନ ହେବ କିପରି ? ସେହି ସୂର୍ଯ୍ୟଦୀପ୍ତ ପଥରେ ଯାତ୍ରା କରିବା ନିମିତ୍ତ ଆବଶ୍ୟକ କ'ଣ ? ଏଥିନିମିତ୍ତ ଆବଶ୍ୟକ ହେଲା ମନୁଷ୍ୟର ଗ୍ରହଣଶୀଳତା, ଅଭୀପ୍ସା, ତ୍ୟାଗ ଓ ସମର୍ପଣ । ଗୋଟିଏ ପଥକୁ ତାହାର ସକଳ ପ୍ରକାର ମୋହ, ଆସକ୍ତି, ପ୍ରଲୋଭନ, ଆକର୍ଷଣ ଏବଂ ସୁଲଭତାକୁ ଛାଡ଼ି, ଅନ୍ୟ ଗୋଟିଏ ପଥରେ ସାହସ ଅଥବା ଦୁଃସାହସରେ ଆଗେଇ ଯିବାକୁ ହେବ । ସୁବିଧା, ସୁଯୋଗ, ଏପରିକି 'ଯୁକ୍ତିବୁଦ୍ଧି' ଓ ଯେକୌଣସି ପ୍ରକାର ଦାବିକୁ ଛାଡ଼ିବାକୁ ହେବ । 'ଦାବି' ଓ କାମନାର ପଥ ସେହି 'ଘଷଡ଼ା' 'ଚିହ୍ନିତ' ମୃତ୍ୟୁର ପଥ । ଉପନିଷଦ୍ ଘୋଷଣା କରେ, ''ଅଶନାୟଂ ମୃତ୍ୟୁଃ'' — କ୍ଷୁଧାହିଁ ମୃତ୍ୟୁ । ଏହି କ୍ଷୁଧା ଓ ତୃଷ୍ଣାର ଯଥାର୍ଥରେ ପରିସମାପ୍ତି ଘଟିବ ଭଗବାନଙ୍କୁ ଚରମ ଆତ୍ମଦାନରେ, ତାଙ୍କ ଚରଣରେ ଭକ୍ତ ରୂପେ, ସାଧକ ରୂପେ, ଭିକ୍ଷୁ ରୂପେ, ଆର୍ତ୍ତ ରୂପେ ଆଶ୍ରୟ ଗ୍ରହଣରେ; ନଚେତ୍ ଏହି କ୍ଷୁଧା ପ୍ରଶମିତ ହେବ ନାହିଁ; ଏହାର ଅନ୍ୟ ନାମ, ବୁଦ୍ଧଦେବ ଯାହା କହୁଥିଲେ, ''ଦୁଃଖ'' ଯାହାର ପରିଣାମ — 'ଜନ୍ମ ଓ ମୃତ୍ୟୁ'ର ଚକ୍ରରେ ଘୂରି ବୁଲିବା ।

**ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ :**

କୌଣସି କାଳରେ ସାମାଜିକ କ୍ଷେତ୍ରରେ ଆଧ୍ୟାତ୍ମିକତାର ବିପୁଳ ପ୍ରୟୋଗ ବା ପ୍ଲାବନ ଘଟି ନାହିଁ । 'ସମାଜ' ପ୍ରତ୍ୟେକ ମହାନ୍ ଆଧ୍ୟାତ୍ମିକ ଉପଲବ୍ଧିରୁ ଗୋଟିଏ ଧର୍ମ, ଗୋଟିଏ ଦଳ, ଗୋଟିଏ ଗୋଷ୍ଠୀ, ଗୋଟିଏ ସମ୍ପ୍ରଦାୟ ସୃଷ୍ଟି କରେ । ଧର୍ମର ପ୍ରତିଷ୍ଠାରେ ଯେପରି ଗୋଟିଏ ମୂଳଗତ ସଂକୀର୍ଣ୍ଣତା ରହିଛି, ଆଧ୍ୟାତ୍ମିକତାର ବିକାଶରେ ସେହିପରି ଗୋଟିଏ ମୂଳଗତ ସ୍ୱାତନ୍ତ୍ର୍ୟ ରହିଛି । ସ୍ୱାତନ୍ତ୍ର୍ୟ, — ନିଜ ଧାରାରେ ନିଜର ବିକାଶ, ସମୃଦ୍ଧି ଓ ଅଗ୍ରଗତି — ଆଧ୍ୟାତ୍ମିକତାର ଯଥାର୍ଥ ଭିତ୍ତି; ଯେଉଁଠି ବାହାରର ଚାପ ଆନ୍ତରିକତାହୀନ ବିରକ୍ତିକର ଆହ୍ନିକ କ୍ରିୟାକର୍ମ, ପ୍ରଚାର ଓ ଆଡ଼ମ୍ବର ଆସେ ତାହା ଆଧ୍ୟାତ୍ମିକତା ନୁହେଁ । ସାମୂହିକ ଓ ଗୋଷ୍ଠୀଗତ ଜୀବନ ବ୍ୟକ୍ତିଗତ ଜୀବନରୁ ବିଚ୍ଛିନ୍ନ ନହେଲେ ମଧ୍ୟ ଗୋଷ୍ଠୀର ଗୋଟାଏ ପ୍ରବଳ ଶକ୍ତି ଥାଏ । ଏଥିରେ ବହୁ ଧାରା, ଉପଧାରା, ବହୁ ଭାବ, ବହୁ ଚିନ୍ତାର ମିଳନ ହୁଏ । ଏହା 'ଆଧ୍ୟାତ୍ମିକତା'କୁ ବହୁ ରଙ୍ଗରେ ରଙ୍ଗାୟିତ କରେ, ସମଷ୍ଟି ଓ ଗୋଷ୍ଠୀର ତୃପ୍ତି ନିମିତ୍ତ 'ସାରବସ୍ତୁ'ର ଓଜନ ବି କମେଇ ଦିଏ । ଚାହିଦା ବଢ଼ିଚାଲେ, ସଂଖ୍ୟା ବଢ଼ିଚାଲେ, କିନ୍ତୁ ଆଧ୍ୟାତ୍ମିକ ସତ୍ୟର ଦୃଷ୍ଟି, ଗୁଣ ଓ ଧର୍ମ କ୍ଷୁଣ୍ଣ ହୁଏ, ବେଳେବେଳେ ଲୋପ ପାଏ ।

କିନ୍ତୁ ଶ୍ରୀଅରବିନ୍ଦ ଯେଉଁ ମହାନ୍ 'ଅତିମାନସ' ଦିବ୍ୟ ଶକ୍ତିର ଅବତାରଣା କରିଛନ୍ତି ତାହା ଏକ ଧାରାରେ 'ବ୍ୟଷ୍ଟି ଓ ସମଷ୍ଟି'ର ମୁକ୍ତି ଆଣିବ; କାରଣ 'ଅତିମାନସ'ର ନିଜସ୍ୱ ଧର୍ମ ହେଲା ଦୁଇ ବିପରୀତ ଗୁଣ ଓ ଧର୍ମସୂଚକ ବସ୍ତୁକୁ ଏକ ସଙ୍ଗରେ ଧରିବା । ମାନବିକ ମନର ସୀମାରେ ଏହି ସାଧନା, ଅର୍ଥାତ୍ ଦୁଇ ବିପରୀତ ଗୁଣର ଏକତ୍ର ସମାବେଶ ସମ୍ଭବ ନୁହେଁ । 'ଅତିମାନସ'ରେ ଏହା କେବଳ ସମ୍ଭବ ନୁହେଁ ବରଂ ଅତିମାନସର ଏହାହିଁ ନିଜସ୍ୱ ଧର୍ମ । ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଏହି 'ଦିବ୍ୟସତ୍ୟ'ର ଉନ୍ନୟନ ଓ ପ୍ରତିଷ୍ଠା ମାନବଜାତି ନିମିତ୍ତ, ସମାଜ ନିମିତ୍ତ ଆଧ୍ୟାତ୍ମିକ ପଥ ଖୋଲି ଦେଇଛି । 'ଅତିମାନସ'ର ଜ୍ଞାନ ଓ ଆଲୋକର ଶକ୍ତି, ସାମର୍ଥ୍ୟରେ ଏକ ନୂତନ ସାମାଜିକ ବିପ୍ଳବ ସୃଷ୍ଟି ହେବ । ଏଥିରେ ଯେଉଁମାନେ ଅଗ୍ରଣୀ ହେବେ ସେମାନେ ପ୍ରଥମେ ବ୍ୟକ୍ତି, 'ଜଣେ ଜଣେ ଯଥାର୍ଥ ସାଧକ' । କିନ୍ତୁ ଏହି ବ୍ୟକ୍ତିଗତ ସାଧନାର ଭଙ୍ଗି ଅବଶ୍ୟମ୍ଭାବୀ ରୂପେ ସମଷ୍ଟିକୁ ଧରି ଚାଲିବ; ଏହା ଅନିବାର୍ଯ୍ୟ । ନଚେତ୍ ବ୍ୟକ୍ତିଗତ ମୁକ୍ତିରେ ଜନସମାଜ କେବଳ ପ୍ରଭାବିତ ହେବ, କିନ୍ତୁ ରୂପାନ୍ତରିତ ହେବ ନାହିଁ । ସୁତରାଂ ସାମାଜିକ ଜୀବନରେ ଯଥାର୍ଥରେ ଯେଉଁମାନେ ଆଧ୍ୟାତ୍ମିକତାର ପ୍ରୟୋଗ ଚାହୁଁଛନ୍ତି, ବ୍ୟକ୍ତିଗତ

ଜୀବନର ମୂଳ ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ । ଏ କ୍ଷେତ୍ରରେ 'ବ୍ୟକ୍ତିଗତ' ଜୀବନର 'ସାମାନ୍ୟତମ ଦୁର୍ବଳତା' ଉପରେ ବିଜୟ ମଧ ବୃହତ୍ତର ମାନବ ସମାଜର କଲ୍ୟାଣ ପଥରେ ସହାୟତା କରେ, ଆଧ୍ୟାତ୍ମିକ ଉନ୍ନୟନ ଘଟାଏ । ଆମେ ଯେଉଁ କଥା କହୁଛୁ ତାହା 'ଦୁର୍ବଳତା'ରୁ ପଳାୟନ ବା ମୁକ୍ତି ନୁହେଁ; 'ଇହୈବଃ' – ଏହିଠାରେ ଏହି ପାର୍ଥିବ ପ୍ରକୃତିର ରୂପାନ୍ତରର କଥା କହୁଛୁ । ସାମାଜିକ ଜୀବନରେ ସୁତରାଂ ଆଧ୍ୟାତ୍ମିକତାର ପ୍ରୟୋଗର ଅର୍ଥ ଯଥାର୍ଥରେ ବ୍ୟକ୍ତିଗତ ଓ ସାମାଜିକ ଜୀବନର ଦିବ୍ୟ ଉନ୍ନୟନ, ରୂପାନ୍ତର ଓ ଉତ୍ତରଣ । ଏହି କାର୍ଯ୍ୟ ସାଧିତ ହେବ ଦିବ୍ୟ ଶକ୍ତିଙ୍କର ଅବାରିତ କର୍ମ ଦ୍ୱାରା ଏବଂ ମନୁଷ୍ୟର ସହଯୋଗ ଓ ସହାୟତା ଦ୍ୱାରା । ଶ୍ରୀମା କହୁଛନ୍ତି – ''ବିଶ୍ୱଗତ ଶକ୍ତିଚୟର ଖେଳା ଓ ତାହାର ଅଭିବ୍ୟକ୍ତିରେ ଯାହା ଘଟିବାର କଥା ତାହା ପ୍ରାକୃତିକ, ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଘଟିବ; ଏ ବିଷୟରେ କାହାରିକୁ କିଛି ଚିନ୍ତା କରିବାକୁ ହେବ ନାହିଁ । ଯେଉଁ ଏକମାତ୍ର ବସ୍ତୁ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ଅତିମାନସ ଚେତନାର ସେହି ଦିବ୍ୟ ଶକ୍ତି, ଜ୍ୟୋତି, ସତ୍ୟ, ସାମର୍ଥ୍ୟ ଓ ଅନିର୍ବଚନୀୟ ଆନନ୍ଦ ସଙ୍ଗେ ଅଖଣ୍ଡ, ପରିପୂର୍ଣ୍ଣ, ନିରନ୍ତର ସଂଯୋଗ ରକ୍ଷା କରିବାକୁ ହେବ ।'' ଦିବ୍ୟ ଶକ୍ତି ସହ ଏହି ବ୍ୟକ୍ତିକ ସଂଯୋଗ ଦ୍ୱାରାହିଁ ସାମାଜିକ ଜୀବନରେ ନୂତନ ଆଧ୍ୟାତ୍ମିକ ବିପ୍ଳବର ସମ୍ଭାବନା ରହିଛି । ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗର ଏହାହିଁ ଭିତ୍ତି ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୬୦-୬୩)

Let us do our best in all circumstances, leaving the result to the Divine's decision.
(CWM, Vol. 14, p.p. 109) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

**ସାଧନା-ପରମ୍ପରା :**

# ଶ୍ରୀମଦ୍‌ଭଗବଦ୍‌ଗୀତା

## (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ)

[ପୂର୍ବାଭାଷ : ଭାରତୀୟ ସଂସ୍କୃତି ଏବଂ ଅଧ୍ୟାତ୍ମ ଚିନ୍ତା ଓ ଚେତନାର ମୂଳପିଣ୍ଡ ହେଉଛି ଶ୍ରୀମଦ୍‌ଭଗବଦ୍‌ଗୀତା – ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଯେଉଁମାନେ ପ୍ରସ୍ତୁତ ସେମାନଙ୍କ ପାଇଁ ଏହା ଦେଇଛି ନିର୍ଭୁଲ ଦିଗ୍‌ଦର୍ଶନ । ଶ୍ରୀଅରବିନ୍ଦଙ୍କ ଉକ୍ତି ମଧ୍ୟ ଅନୁରୂପ – ''ଗୀତା ଜଗତର ଶ୍ରେଷ୍ଠ ଧର୍ମଗ୍ରନ୍ଥ । ଗୀତାରେ ଯେଉଁ ଜ୍ଞାନ ସଂକ୍ଷେପରେ ବ୍ୟାଖ୍ୟାତ ହୋଇଛି ସେହି ଜ୍ଞାନ ଚରମ ଓ ଗୁହ୍ୟତମ ।'' ମାତ୍ର ସଂସ୍କୃତରେ ଲିଖିତ ଗୀତାର ଅଧ୍ୟୟନ ଓ ଅନୁଶୀଳନ ସର୍ବସାଧାରଣଙ୍କ ପାଇଁ ସହଜସାଧ୍ୟ ନୁହେଁ । ଏହି ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଭଳି ଓଡ଼ିଆ ଭାଷାରେ ମଧ୍ୟ ଏହାର ବହୁବିଧ ଅନୁବାଦ ଉପଲବ୍ଧ । କିନ୍ତୁ **ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର**ଙ୍କର ଅନୁବାଦ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏଥିରେ ଆକ୍ଷରିକ ଅର୍ଥ ମର୍ଯ୍ୟାଦା ଓ ପଦ ସଂଯୋଜନାର ଗାମ୍ଭୀର୍ଯ୍ୟ ଅଧିକ ତ୍ରୁଟିଶୂନ୍ୟ ଓ ହୃଦୟଗ୍ରାହୀ ବୋଧହୁଏ । ସେଥି ନିମନ୍ତେ ପ୍ରାୟ ଶହେ ବର୍ଷ ପୂର୍ବେ ଅନୂଦିତ ଓ ପ୍ରକାଶିତ ଏହି ପୁସ୍ତକଟିକୁ ଅଧୁନା ଧାରାବାହିକ ଭାବରେ 'ନବଜ୍ୟୋତି' ପତ୍ରିକାରେ ଉପସ୍ଥାପନ କରିବାର ସିଦ୍ଧାନ୍ତ ନିଆଯାଇଛି । ପ୍ରକାଶ ଥାଉକି ଏହି ପୁସ୍ତକଟିର ଅନୁବାଦକ ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ ସହକର୍ମୀ ଥିଲେ । ସଂସ୍କୃତ ଭାଷାରେ ଯଥେଷ୍ଟ ଦକ୍ଷତା ନଥିବା ଗୀତା ଅଧ୍ୟୟନରେ ଅନୁରାଗୀ ବ୍ୟକ୍ତିବିଶେଷ ମୂଳ ସଂସ୍କୃତ ଶ୍ଳୋକ ସହ ଏହି ଅନୁବାଦକୁ ଅଧ୍ୟୟନ କରି ଉପକୃତ ହେବେ ବୋଲି ଆଶା କରାଯାଏ । – ସମ୍ପାଦନା]

| ଶ୍ରୀମଦ୍‌ଭଗବଦ୍‌ଗୀତା<br>**ଚତୁର୍ଥୋଽଧ୍ୟାୟଃ**<br>**ଜ୍ଞାନକର୍ମସଂନ୍ୟାସଯୋଗଃ** | ଶ୍ରୀମଦ୍‌ଭଗବଦ୍‌ଗୀତା<br>**ଚତୁର୍ଥ ଅଧ୍ୟାୟ**<br>**ଜ୍ଞାନଯୋଗ** |
|---|---|
| ଶ୍ରୀଭଗବାନୁବାଚ | ଶ୍ରୀଭଗବାନ୍ ଉବାଚ |
| ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍<br>ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥ ।୧। | ଏ ଅବ୍ୟୟ ଯୋଗ ଆମ୍ଭେ କହିଥିଲୁ ବିଭାକରେ,<br>ଭାସ୍କର ମନୁରେ, ପୁଣି ମନୁ ଇକ୍ଷ୍ୱାକୁ ରାଜାରେ । ।୧। |
| ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।<br>ସ କାଲେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ॥ ।୨। | ପରମ୍ପରା ଅନୁକ୍ରମେ ଜାଣିଲେ ରାଜର୍ଷିଗଣ,<br>କାଳେ ଏହି ମହାଯୋଗ ନଷ୍ଟ ହେଲା ଅରିନ୍ଦମ ! ।୨। |
| ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।<br>ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ॥ ।୩। | କହିଲୁ ତୁମ୍ଭଙ୍କୁ ଆଜି ସେହି ଯୋଗ ପୁରାତନ<br>ଉତ୍ତମ ରହସ୍ୟ, ଯେଣୁ ତୁମ୍ଭେ ଭକ୍ତ ସଖା ମମ । ।୩। |
| ଅର୍ଜୁନ ଉବାଚ | ଅର୍ଜୁନ ଉବାଚ |
| ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।<br>କଥମେତଦ୍ ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ॥ ।୪। | ଭାସ୍କର ଜନ୍ମିଲେ ପୂର୍ବେ, ପରେ ଜନ୍ମ ହେଲା ତବ<br>ତୁମ୍ଭେ କହିଥିଲ ଆଗେ, ଜାଣିବି କେହ୍ନେ କେଶବ । ।୪। |

### ଶ୍ରୀଭଗବାନୁବାଚ

ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥ ।୫।

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥ ।୬।

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ ।୭।

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥ ।୮।

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥ ।୯।

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥ ।୧୦।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ।୧୧।

କାଙ୍‌କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।
କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ॥ ।୧୨।

ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥ ।୧୩।

ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଲେ ସ୍ପୃହା ।
ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥ ।୧୪।

ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।
କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ॥ ।୧୫।

### ଶ୍ରୀଭଗବାନ୍ ଉବାଚ

ତୁମ୍ଭର ଆମ୍ଭର ଜନ୍ମ ହୋଇଛି ବହୁ ଅତୀତ,
ତାହା ସବୁ ଜାଣୁ ଆମ୍ଭେ, ତୁମ୍ଭଙ୍କୁ ତା' ଅବିଦିତ । ।୫।

ହେଲେହେଁ ଅଜାତ ଆମ୍ଭେ ଅକ୍ଷୟାତ୍ମା ଭୂତପତି
ଆପଣା ମାୟାରେ ଜନ୍ମୁ ଘେନି ଆପଣା ପ୍ରକୃତି । ।୬।

ଘଟଇ ଧର୍ମର ଗ୍ଲାନି ହେ ଭାରତ ! ଯେତେବେଳେ
ଅଧର୍ମର ଅଭ୍ୟୁତ୍‌ଥାନ, ସୃଜଇ ମୁଁ ମୋତେ ଭଲେ । ।୭।

ସାଧୁଙ୍କର ପରିତ୍ରାଣ, ଦୁଷ୍କୃତଙ୍କ ବିନାଶନ,
ଧର୍ମ ସଂସ୍ଥାପନ ଅର୍ଥେ, ଯୁଗେ ଯୁଗେ ହେଉଁ ଜନ୍ମ । ।୮।

ଆମ୍ଭର ଏ ଦିବ୍ୟ ଜନ୍ମ, କର୍ମ ଜାଣେ ଯେଉଁ ଜନ,
ଆମ୍ଭଙ୍କୁ ସେ ପାଏ ପାର୍ଥ ! ନାହିଁ ତାର ପୁନର୍ଜନ୍ମ । ।୯।

ରାଗ-ଭୟ-କ୍ରୋଧଶୂନ୍ୟ, ମନ୍ମୟ ମମ ଆଶ୍ରିତ
ମୋ ଭାବେ ହୁଅନ୍ତି ପୂର୍ଣ୍ଣ, ହୋଇ ଜ୍ଞାନତପେ ପୂତ । ।୧୦।

ଯେ ଯଥା ପୂଜଇ ମୋତେ ମୁଁ ତାକୁ ତଥା ଭଜଇ,
ପାର୍ଥ ସର୍ବରୂପେ ନର ମମ ପଥ ଅନୁଯାୟୀ । ।୧୧।

ପୂଜେ ପାର୍ଥ ଦେବଗଣେ ଫଳସିଦ୍ଧିକାମୀ ନର
ନରଲୋକେ କର୍ମଫଳ ସିଦ୍ଧ ହୁଏ ଶୀଘ୍ରତର । ।୧୨।

ଗୁଣକର୍ମ ବିଭାଗରେ ସୃଜେ ବର୍ଣ୍ଣ ଚତୁଷ୍ଟୟ,
ହେଲେହେଁ ସବୁରି କର୍ତ୍ତା, ଆମ୍ଭେ ଅକର୍ତ୍ତା ଅବ୍ୟୟ । ।୧୩।

ନ ହୁଅଇ କର୍ମେ ଲିପ୍ତ, ନ ଖୋଜେ ମୁଁ କର୍ମଫଳ,
ଯେ ମୋତେ ଏମନ୍ତ ଜାଣେ, ଛିନ୍ନ ତା' କର୍ମ ଶୃଙ୍ଖଳ । ।୧୪।

ପୂର୍ବେ ଏହା ଜାଣି କଲେ ମୋକ୍ଷ ଅଭିଳାଷୀ କର୍ମ,
ତୁମ୍ଭେ ତଥା ସାଧ ତାହା ଯଥାବିଧି ଚିରନ୍ତନ । ।୧୫।

କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।
ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥ ।୧୬।

ଜ୍ଞାନ, କର୍ମ, ନ ବୁଝିଣ ଜ୍ଞାନୀ ମଧ୍ୟ ବିମୋହିତ
କହୁଛି ତୁମ୍ଭଙ୍କୁ କର୍ମ, ହେବ ଅମଙ୍ଗଳ ମୁକ୍ତ ।।୧୬।

କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ॥ ।୧୭।

ସବୁରି ଜ୍ଞାତବ୍ୟ ଅଟେ କେ କର୍ମ, କେବା ବିକର୍ମ,
ଅକର୍ମ ଅଟଇ କେବା, କର୍ମର ତତ୍ତ୍ୱ ଗହନ । ।୧୭।

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ॥ ।୧୮।

କର୍ମେ ଯେ ଅକର୍ମ ଦେଖେ, ଅକର୍ମେ ଯେ କର୍ମଭୋଗୀ
ମନୁଷ୍ୟେ ସେ ବୁଦ୍ଧିମାନ, ସର୍ବକର୍ମକାରୀ ଯୋଗୀ । ।୧୮।

ଯସ୍ୟ ସର୍ବେ ସମାରମ୍ଭାଃ କାମସଂକଳ୍ପବର୍ଜିତାଃ ।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ॥ ।୧୯।

ଯା'ର ସର୍ବ କର୍ମାରମ୍ଭ କାମ-ସଂକଳ୍ପ ବର୍ଜିତ,
କର୍ମ ଜ୍ଞାନାଗ୍ନିରେ ଦଗ୍ଧ, ଜ୍ଞାନୀ ବୋଲନ୍ତି ପଣ୍ଡିତ । ।୧୯।

ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।
କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ ॥ ।୨୦।

ତେଜି କର୍ମଫଳଲିପ୍ସା, ନିତ୍ୟତୃପ୍ତ, ନିରାଶ୍ରିତ,
ସଦା କର୍ମରତ ହେଲେ ମଧ୍ୟ, ସେ (ସର୍ବ) କର୍ମ ବଞ୍ଚିତ ।।୨୦।

ନିରାଶୀର୍ୟତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।
ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ॥ ।୨୧।

ନିଷ୍କାମ ସଂଯତ ଚିତ୍ତ, ସର୍ବତ୍ୟାଗୀ ଯେଉଁ ଜନ
ଶରୀରାର୍ଥେ କରେ କର୍ମ ନୁହେଁ ଯେ ପାପେ ମଳିନ । ।୨୧।

ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥ ।୨୨।

ଯଦୃଚ୍ଛା ଲାଭେ ସନ୍ତୁଷ୍ଟ, ବିମତ୍ସର, ଦ୍ୱନ୍ଦ୍ୱାତୀତ,
ସିଦ୍ଧ୍ୟସିଦ୍ଧି ସମଜ୍ଞାନୀ, ସେ ନୁହେଁ କର୍ମରେ ଲିପ୍ତ । ।୨୨।

ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥ ।୨୩।

ନିଷ୍କାମ ବନ୍ଧନହୀନ, ଜ୍ଞାନେ ଯେହୁ ସ୍ଥିର ଚିତ୍ତ,
ଯଜ୍ଞାର୍ଥେ କଲେହେଁ କର୍ମ, ସମସ୍ତ ତା'ର ବିଲୁପ୍ତ । ।୨୩।

ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥ ।୨୪।

ବ୍ରହ୍ମ ଶ୍ରୁବ, ବ୍ରହ୍ମ ହବିଃ, ବ୍ରହ୍ମ ଅଗ୍ନି, ବ୍ରହ୍ମ ହୋତା,
ବ୍ରହ୍ମ କର୍ମେ ଚିନ୍ତା କରି, ବ୍ରହ୍ମେ ଗମେ କର୍ମକର୍ତ୍ତା । ।୨୪।

ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥ ।୨୫।

କରନ୍ତି ଯୋଗିଏ କେହି ଦେବଯଜ୍ଞ ଅନୁଷ୍ଠାନ
କେବା କରେ ଯଜ୍ଞାହୂତି ବ୍ରହ୍ମ ଅନଳରେ ଦାନ । ।୨୫।

ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂୟମାଗ୍ନିଷୁ ଜୁହ୍ୱତି ।
ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥ ।୨୬।

କେବା ଶ୍ରୁତି ଇନ୍ଦ୍ରିୟାଦି ଅର୍ପଇ ସଂଯମାନଳେ
ଶବ୍ଦାଦି ବିଷୟ କେବା ଇନ୍ଦ୍ରିୟ ଅନଳେ ଢାଳେ । ।୨୬।

ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।
ଆତ୍ମସଂୟମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥ ।୨୭।

ସମସ୍ତ ଇନ୍ଦ୍ରିୟକର୍ମ, ପ୍ରାଣ କର୍ମକୁ ଅପରେ
ସମର୍ପନ୍ତି ଜ୍ଞାନଦୀପ୍ତ ସଂଯମ ଯୋଗ ଅନଳେ । ।୨୭।

ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥ ।୨୮।

ଦ୍ରବ୍ୟଯଜ୍ଞ, ତପୋଯଜ୍ଞ, ଯୋଗଯଜ୍ଞ କେବା କରେ
କେବା ଦୃଢ଼ବ୍ରତ ଯତି ଜ୍ଞାନ ଯଜ୍ଞକୁ ଆଚରେ । ।୨୮।

ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥ ।୨୯।

ଅର୍ପେ କେ ଅପାନେ ପ୍ରାଣ, ପ୍ରାଣରେ ପୁଣି ଅପାନ,
ପ୍ରାଣ ଅପାନକୁ ରୋଧି ପ୍ରାଣାୟାମ ପରାୟଣ । ।୨୯।

ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।
ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଲ୍ମଷାଃ ॥ ।୩୦।

କେହୁ ମିତାହାରୀ କରେ ପ୍ରାଣେ ପଞ୍ଚପ୍ରାଣ ଦାନ,
ଯଜ୍ଞ ଦ୍ୱାରା ଯଜ୍ଞଜ୍ଞାନୀ କରନ୍ତି ପାପ ଖଣ୍ଡନ ।୩୦।

ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।
ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ॥ ।୩୧।

ଯଜ୍ଞ ଅବଶେଷ ଭୋଗୀ ଲଭେ ବ୍ରହ୍ମ ସନାତନ
କୁରୁଶ୍ରେଷ୍ଠ ! ନାହିଁ ମଧ୍ୟ ମର୍ତ୍ତ୍ୟେ ଅଯାଜ୍ଞିକେ ସ୍ଥାନ । ।୩୧।

ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।
କର୍ମଜାନ୍ ବିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥ ।୩୨।

ଏହି ମତେ ନାନା ଯଜ୍ଞ ବେଦଶାସ୍ତ୍ରେ ପ୍ରଚାରିତ
କର୍ମଜ ଜାଣିଣ ସର୍ବେ, ହୁଅ ସଂସାରରୁ ମୁକ୍ତ । ।୩୨।

ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାଜ୍ଜ୍ଞାନଯଜ୍ଞଃ ପରନ୍ତପ ।
ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥ ।୩୩।

ଦ୍ରବ୍ୟମୟ ଯଜ୍ଞ ଠାରୁ ଜ୍ଞାନଯଜ୍ଞ ଶ୍ରେଷ୍ଠ ଜାଣ
ସମସ୍ତ କର୍ମଟି ପାର୍ଥ ! ଜ୍ଞାନରେ ହୁଅନ୍ତି ଲୀନ । ।୩୩।

ତଦ୍ ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥ ।୩୪।

ପ୍ରଣିପାତ, ପ୍ରତିପ୍ରଶ୍ନ, ସେବା କରି ଲଭ ଜ୍ଞାନ,
କରିବେ ସୁଜ୍ଞାନଦାନ, ତତ୍ତ୍ୱଦର୍ଶୀ ଜ୍ଞାନୀଗଣ ।୩୪।

ଯଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ॥ ।୩୫।

ଯେ ଜ୍ଞାନ ଲଭିଲେ ପୁଣି ନ ହେବ ମୋହ, ପାଣ୍ଡବ !
ଆତ୍ମାରେ, ପରେ ମୋଠାରେ ଦେଖିବ ସଂସାର ସର୍ବ । ।୩୫।

ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥ ।୩୬।

ସର୍ବପାପୀଠାରୁ ତୁମ୍ଭେ ହେଲେ ହେଁ ପାପିଷ୍ଠତର,
ଜ୍ଞାନ-ତରଣିରେ ହେବ ସର୍ବ ପାପାର୍ଣ୍ଣବ ପାର । ।୩୬।

ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥ ।୩୭।

ପ୍ରଜ୍ୱଳିତ ଅଗ୍ନି ଯେହ୍ନେ କରଇ କାଷ୍ଠ ଦହନ
ସର୍ବ କର୍ମ ଭସ୍ମ କରେ ଜ୍ଞାନ ଅନଳ ତେସନ । ।୩୭।

ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍ ସ୍ୱୟଂ ଯୋଗସଂସିଦ୍ଧ କାଲେନାତ୍ମନି ବିନ୍ଦତି ॥ ।୩୮।

ଏ ଜଗତେ କିଛି ନାହିଁ ପବିତ୍ର ଜ୍ଞାନ ସଦୃଶ,
ଆତ୍ମାରୁ ଲଭଇ କାଳେ, ଯେ ଯୋଗସିଦ୍ଧ ପୁରୁଷ । ।୩୮।

ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରଃ ସଂୟତେନ୍ଦ୍ରିୟଃ
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ॥ ।୩୯।

ଶ୍ରଦ୍ଧାବନ୍ତ, ଜିତେନ୍ଦ୍ରିୟ, ତତ୍ପର ଲଭଇ ଜ୍ଞାନ
ଲଭି ଜ୍ଞାନ, ଲଭେ ଶୀଘ୍ର ମୋକ୍ଷ ଶାନ୍ତିର ନିଦାନ । ।୩୯।

ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ॥ ।୪୦।

ଶ୍ରଦ୍ଧାହୀନ ସଂଶୟାତ୍ମା ଅଜ୍ଞ ହୁଏ ବିନାଶିତ
ଇହପର ଲୋକେ କେବେ ସଂଶୟୀ ନୁହେଁ ସୁଖିତ । ।୪୦।

ଯୋଗସଂନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟମ୍ ।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ॥ ।୪୧।

ଯୋଗେ ସମର୍ପିତ-କର୍ମ, ଜ୍ଞାନରେ ସଂଶୟଛେଦୀ,
ଆତ୍ମବାନେ ଧନଞ୍ଜୟ ! କର୍ମ ନ ପାରଇ ବାନ୍ଧି । ।୪୧।

ତସ୍ମାଦଜ୍ଞାନସଂଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ ।
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ॥ ।୪୨।

ଜ୍ଞାନ ଅସି ଦ୍ୱାରା ଛେଦି, ହୃଦୁଁ ଅଜ୍ଞାନଜନିତ
ସମସ୍ତ ସଂଶୟ, ଉଠ, ଯୋଗସ୍ଥ ହୁଅ ଭାରତ । ।୪୨।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ଜ୍ଞାନକର୍ମସନ୍ନ୍ୟାସଯୋଗୋ
ନାମ ଚତୁର୍ଥୋଽଧ୍ୟାୟଃ ।

(କ୍ରମଶଃ)

ଅନୁବାଦ : ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ✥

True strength and protection come from the Divine Presence in the heart.

If you want to keep this Presence constantly in you, avoid carefully all vulgarity in speech, behaviour and acts.

(CWM, Vol. 12, p. 154) – The Mother

*With best compliments from* :

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ପୃଥିବୀର ସ୍ମୃତି-ଭଣ୍ଡାରରେ ପ୍ରବେଶ

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

''ମନର ଏପରି ଏକ ସ୍ତର ଅଛି ଯେଉଁଠି ସବୁକିଛିର ସ୍ମୃତି ସଞ୍ଚିତ ହୋଇ ରହିଥାଏ ଏବଂ ସର୍ବଦା ସେଗୁଡ଼ିକର ଅସ୍ତିତ୍ୱ ସେହିପରି ରହିଥାଏ । ପୃଥିବୀ-ଜୀବନର ସମସ୍ତ ମାନସିକ ଗତିବୃତ୍ତି ସେଠାରେ ସ୍ମୃତି ରୂପେ ତାଲିକାଭୁକ୍ତ ହୋଇ ରହିଥାଏ । ଯେଉଁମାନେ ସେଠାକୁ ଯିବାକୁ ସକ୍ଷମ ହୋଇଥାଆନ୍ତି ଏବଂ ସେଥିପାଇଁ ଆୟାସ ସ୍ୱୀକାର କରିବାକୁ ପ୍ରସ୍ତୁତ ଥାଆନ୍ତି, ସେମାନେ ଯେକୌଣସି ଜିନିଷ ଜାଣିବାକୁ ଚାହିଁଲେ, ସେଠାକୁ ଯାଇ ତାହାର ବିବରଣୀ ପାଇପାରନ୍ତି । କିନ୍ତୁ ଏହି ଅଞ୍ଚଳଟିକୁ ଅତିମାନସ ସ୍ତରଗୁଡ଼ିକ ସହ ସମାନ ବୋଲି ଭାବିବା ଠିକ୍ ନୁହେଁ । ତଥାପି ଏପରିକି ସେଠାରେ ପହଞ୍ଚିବାକୁ ହେଲେ ମଧ୍ୟ ତୁମକୁ ତୁମର ଦୈହିକ ଓ ଭୌତିକ ମନର ଗତିବୃତ୍ତିଗୁଡ଼ିକୁ ନିରବ କରିଦେବାକୁ ପଡ଼ିବ, ତୁମର ସମସ୍ତ ସଂବେଦନ ବା ଇନ୍ଦ୍ରିୟାନୁଭୂତିଗୁଡ଼ିକୁ ଛାଡ଼ିଯିବାକୁ ପଡ଼ିବ ଓ ଯାହାକିଛି ସାଧାରଣ ମାନସିକ ଗତିବୃତ୍ତି ଥାଏ ସେଗୁଡ଼ିକୁ ବନ୍ଦ କରିଦେବାକୁ ହେବ, ପ୍ରାଣ-ସ୍ତରରୁ ବାହାରି ଯିବାକୁ ହେବ ଏବଂ ଶରୀରର ଦାସତ୍ୱ ଭିତରୁ ମୁକୁଳିବାକୁ ପଡ଼ିବ । ତା'ହେଲେ କେବଳ ସେହି ଅଞ୍ଚଳରେ ପ୍ରବେଶ କରିବାକୁ ଓ ସବୁକିଛି ଦେଖି ପାରିବାକୁ ସକ୍ଷମ ହେବ । କିନ୍ତୁ ତୁମର ଯଦି ଏ ଦିଗରେ ଚେଷ୍ଟା କରିବା ପାଇଁ ଯଥେଷ୍ଟ ଆଗ୍ରହ ଥାଏ ତା'ହେଲେ ତୁମେ ସେଠାରେ ପହଞ୍ଚି ପାରିବ ଏବଂ ପୃଥିବୀର ସ୍ମୃତିପଟରେ ଯାହାସବୁ ଲେଖାଅଛି, ତାହା ପଢ଼ିପାରିବ ।''

(ଶ୍ରୀମା'ଙ୍କ ସହ ପ୍ରଶ୍ନୋତ୍ତର, ୧୯୨୯)

*ପ୍ରଶ୍ନ : ଆପଣ କହିଛନ୍ତି ଯେ ଯେଉଁଠି ପୃଥିବୀ ଜୀବନର ସମସ୍ତ ମାନସିକ ଗତିବୃତ୍ତିଗୁଡ଼ିକ ଗଚ୍ଛିତ ହୋଇ ରହିଛି ସେଇ ସ୍ଥାନକୁ ଯିବାକୁ ହେଲେ ସ୍ଥୂଳ ଦୈହିକ ମନର ଗତିବୃତ୍ତିଗୁଡ଼ିକୁ ନିରବ କରିଦେବାକୁ ହେବ ... ଏବଂ ସାଧାରଣ ମନର କ୍ରିୟାକଳାପକୁ ବନ୍ଦ କରିଦେବାକୁ ପଡ଼ିବ । ଯଦି ମନର କ୍ରିୟାକଳାପଗୁଡ଼ିକୁ ବନ୍ଦ କରିଦିଆଯାଏ ତା'ହେଲେ କ'ଣ ଘଟିବ ? ଆମକୁ ସାରାଦିନ ତ କିଛି କାମ କରିବାକୁ ପଡ଼ିବ ।*

ଶ୍ରୀମା : ସାରାଦିନ ପାଇଁ ନୁହେଁ, କେବଳ ସେହି ସମୟତକ ମନର କ୍ରିୟାକଳାପ ବନ୍ଦ କରିବାକୁ ହେବ । ସ୍ଥାୟୀ ଭାବରେ ନୁହେଁ ।

*ପ୍ରଶ୍ନ : ମା, କିନ୍ତୁ ଜଣେ ଯଦି ଭୁଲିଯାଏ ? ଧରନ୍ତୁ ଦୁଇଟା ବେଳେ କିଛି କାମ କରିବାର ଅଛି, ସାଢ଼େ ଦଶଟାରେ ଅନ୍ୟ କିଛି କାମ କରିବାର ଅଛି; ଯଦି ଜଣେ ତାହା ଭୁଲିଯାଏ ...*

ଶ୍ରୀମା : ନା, ତୁମେ ଠିକ୍ ବୁଝିପାରୁ ନାହଁ । ସେହି ସ୍ଥାନକୁ ଯିବାକୁ ହେଲେ, ସେଠାକୁ ଯିବା ସମୟରେ ତୁମେ ତୁମର ମନକୁ ସଂପୂର୍ଣ୍ଣ ନିରବ କରିଦେବା ପାଇଁ ସକ୍ଷମ ହେବାକୁ ହେବ (ଏବଂ ବାକି ଯାହା ମୁଁ କହିଛି ତାହା ମଧ୍ୟ କରିବାକୁ ହେବ), କିନ୍ତୁ ଏହା କରିବାକୁ ହେବ, କେବଳ ସେଠାକୁ ଯିବା ପାଇଁ । ଉଦାହରଣ ସ୍ୱରୂପ, ତୁମେ ସ୍ଥିର କଲ ''ବର୍ତ୍ତମାନ, ମୁଁ ପୃଥିବୀ-ଇତିହାସର ଅମୁକ ଅମୁକ ଅଧ୍ୟାୟ ପଢ଼ିବାକୁ ଚାହେଁ ।'' ତା'ପରେ ତୁମେ ଏକ ଆରାମ ଚୌକିରେ ସ୍ୱଚ୍ଛନ୍ଦ ଭାବରେ ବସି ରହିଲ ଓ ଲୋକମାନଙ୍କୁ କହିଲ ତୁମର ଶାନ୍ତିଭଙ୍ଗ ନ କରିବାକୁ ଓ ତୁମେ ନିଜ ଭିତରେ ବୁଡ଼ିଗଲ ଏବଂ ତୁମର ମନକୁ ପୂରାପୂରି ନିରବ କରିଦେଲ ଓ ତୁମର ମାନସିକ ଦୂତ ବା ବାର୍ତ୍ତାବହକୁ ସେହି ସ୍ଥାନକୁ ପଠାଇଲ ... ସେଠାରେ ତୁମକୁ ବାଟ ଦେଖାଇ ଠିକ୍ ବାଟରେ ଚାଳିତ କରିବା ଭଳି କେହି ଲୋକ ଥିଲେ ଖୁବ୍ ଭଲ, କାରଣ ନହେଲେ ତୁମେ ପୂରା ବାଟ ଭୁଲି ଅନ୍ୟ କେଉଁ ସ୍ଥାନକୁ ଚାଲିଯାଇପାର । ତା'ପରେ ତୁମେ ସେହି ସ୍ଥାନକୁ ଚାଲିଲ । ଏହା ଏକ ବିରାଟ ଲାଇବ୍ରେରି ପରି, ଯାହାର ଅନେକ, ଅନେକଗୁଡ଼ିଏ ଛୋଟ ପ୍ରକୋଷ୍ଠ ରହିଛି । ତା'ପରେ ତୁମେ ଯେଉଁ ବିଷୟଟି ସଂପର୍କରେ କିଛି ତଥ୍ୟ ଜାଣିବାକୁ ଚାହୁଁଥିଲ ତାହାରି ସମ୍ବନ୍ଧିତ ପ୍ରକୋଷ୍ଠଟିଏ ଦେଖିବାକୁ ପାଇବ । ତୁମେ ସେଠାରେ ଗୋଟିଏ ବୋତାମ ଚିପିବ ଏବଂ ପ୍ରକୋଷ୍ଠଟି ଖୋଲିଯିବ । ଏବଂ ତା' ଭିତରେ ତୁମେ ଦେଖିବ ଗୁଡ଼ା ହୋଇ ରହିଥିବା ଏକ ଲମ୍ବା ବିବରଣୀ, ଯାହାକି ଏକ

ମାନସିକ ଗଠନର ବିବରଣୀ ଏବଂ ତାହା ତୁମ ଆଗରେ ଲମ୍ବା କାଗଜ ପରି ଖୋଲିଯିବ ଏବଂ ତାହା ତୁମେ ପଢ଼ିବାକୁ ପାଇବ । ତା'ପରେ ତୁମେ ଯାହା ଦେଖିଲ ବା ପଢ଼ିଲ, ତାହାକୁ ମନେ ମନେ ଟିପିରଖି ଚୁପ୍‌ଚାପ୍ ପୁଣି ଦେହ ଭିତରକୁ ଫେରି ଆସିଲ ଏକ ନୂତନ ଜ୍ଞାନ ନେଇ । ଏବଂ ଯଦି ପାର ଯାହା ଦେଖିଲ ତାହାର ଏକ ସ୍ଥୂଳ ପ୍ରତିଲିପି ତିଆରି କରିପାର ଏବଂ ତା'ପରେ ଉଠି ପୂର୍ବପରି ତୁମର ଦୈନନ୍ଦିନ କାମ ଆରମ୍ଭ କରିଦେଇ ପାର ... ଏଥିପାଇଁ ତୁମକୁ ଦଶମିନିଟ ସମୟ ଲାଗିପାରେ, ଘଣ୍ଟାଏ ବା ଅଧଘଣ୍ଟାଏ ଲାଗିପାରେ, ତାହା ନିର୍ଭର କରେ ତୁମର କ୍ଷମତା ଉପରେ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା ଠିକ୍ ଭାବରେ ବାଟଟିକୁ ଜାଣିବାରେ ତୁମେ ଯେପରି କିଛି ଭୁଲ୍ ନକର ।

*ପ୍ରଶ୍ନ : ତା'ହେଲେ ବହି ପଢ଼ାପଢ଼ି ଛାଡ଼ି ଆମେ ଏହି କାମଟିକୁ ନକରିବୁ କାହିଁକି ?*

ଶ୍ରୀମା : କାରଣ ଖୁବ୍ କମ୍ ସଂଖ୍ୟକ ଲୋକେ ଏହା କରିବା ପାଇଁ ସମର୍ଥ ଅଥଚ ଅନେକ ସଂଖ୍ୟକ ଲୋକେ ବହି ପଢ଼ି ପାରିବେ (ଅନେକେ ହୁଏତ ବହିକୁ ବୁଝିପାରନ୍ତି ନାହିଁ କିନ୍ତୁ ଅନେକେ ପଢ଼ି ପାରିବେ) କିନ୍ତୁ ବହିଠାରୁ ଏହି ଅନୁଭୂତିକୁ ବୁଝିବା ଆହୁରି ଅଧିକ କଷ୍ଟସାଧ୍ୟ ।

*ପ୍ରଶ୍ନ : ଯଦି ଖୁବ୍ କମ୍ ବୟସରୁ ଏହା ପିଲାମାନଙ୍କୁ ଶିକ୍ଷା ଦିଆଯାଏ ?*

ଶ୍ରୀମା : ଏହା ସମ୍ଭବପର ଯେ ଅଧିକ ସୁବିଧାଜନକ ଭାବରେ ଏହା ହୁଏତ ବହି ପଢ଼ିବାର ସ୍ଥାନ ନେଇପାରେ !

ପୃଥିବୀରେ ଯାହାକିଛି ଘଟିଯାଇଛି – ପୃଥିବୀ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ, ମନର ସମସ୍ତ ଗତିବୃତ୍ତିଗୁଡ଼ିକ ଠିକ୍ ସେହିପରି ଭାବରେ ଲିପିବଦ୍ଧ ହୋଇରହିଛି । ସୁତରାଂ ତୁମେ ଯେତେବେଳେ କୌଣସି ବିଷୟରେ କିଛି ସମ୍ପୂର୍ଣ୍ଣ ଠିକ୍ ବିବରଣୀ ଜାଣିବାକୁ ଚାହିଁବ, ତୁମକୁ ସେହି ସ୍ଥାନଟିରେ ପହଞ୍ଚିବାକୁ ହେବ, ତୁମେ ତୁମର ବାଟ ପାଇଯିବ । ଏହା ବେଶ୍ ଆଶ୍ଚର୍ଯ୍ୟକର ଏକ ସ୍ଥାନ; ଯେପରିକି ଛୋଟ ଛୋଟ କୋଠରି ନେଇ ଗଠିତ ଠିକ୍ ପାରା ଭାଡ଼ିର ଥାକ ପରି । ତେଣୁ ତୁମେ ସେହି ଥାକଗୁଡ଼ିକ ଅନୁସରଣ କରି କିଛି ଧରଣର ... ଠିକ୍ କିପରି ବୁଝାଇବି ? ସେଇ ଧରଣର ଲାଇବ୍ରେରିମାନ ଅଛି; ସିନେମାରେ ନିୟୁୟର୍କର ଏକ ଲାଇବ୍ରେରିର ଛବି ଦେଖା ହୋଇଥିଲା । ଏହି ଥାକଗୁଡ଼ିକ ଅନେକଟା ସେଇଭଳି ସଜା ହୋଇଥାଏ । ସଜା ହେବାର ବ୍ୟବସ୍ଥା ମଧ୍ୟ ସେଇଭଳି । ସେଇଥିପାଇଁ ସେହି ଲାଇବ୍ରେରିର ଛବି ମୋ ଭିତରେ ଆଗ୍ରହ ସୃଷ୍ଟି କରିଥିଲା । ତେବେ ବହି ବଦଳରେ ପୂର୍ବୋକ୍ତ ସେହି ଥାକରେ ରହିଥାଏ ଛୋଟ ଛୋଟ ଚତୁଷ୍କୋଣ ପରି କିଛି । ସେଗୁଡ଼ିକ ସବୁ ବନ୍ଦ ହୋଇ ରହିଥାଏ । ତୁମେ ତାହାର ଗୋଟାଏ ବୋତାମ ଉପରେ ଆଙ୍ଗୁଠି ଚିପିଦେଲେ ତାହା ଖୋଲିଯିବ ଏବଂ ତା' ଭିତରୁ ଲମ୍ବା କାଗଜ ପରସ୍ତର ଏକ ମୋଡ଼ା ବାହାରି ଆସିବ, ତା'ପରେ ତୁମେ ତାହାକୁ ଖୋଲି ଫିଟାଇ ଦେଲେ ତୁମେ ଜାଣିବାକୁ ଚାହୁଁଥିବା ବିଷୟଟି ସମ୍ପର୍କରେ ଯାହା ଲେଖା ଅଛି ତାହା ପଢ଼ି ପାରିବ । ସେଠାରେ ଏହିପରି ଥାକ ଲକ୍ଷ ଲକ୍ଷ ସଂଖ୍ୟାରେ, ନିୟୁତ ନିୟୁତ ସଂଖ୍ୟାରେ ରହିଛି । ଏବଂ ସୌଭାଗ୍ୟବଶତଃ ମନକ୍ଷେତ୍ରରେ ତୁମେ ତଳକୁ ଯାଇପାର, ଉପରକୁ ଉଠିପାର, ଏକେବାରେ ଉପରକୁ ଉଠିଯାଇପାର, ସେଥିପାଇଁ ତୁମର କୌଣସି ଶିଡ଼ିର ଆବଶ୍ୟକତା ନାହିଁ !

*ଶିଷ୍ୟ : ଏହା ପଢ଼ାଯାଏ କିପରି ? ଆମେ ଯେପରି ବହିଟିଏ ପଢୁ ?*

ଶ୍ରୀମା : ଏହା ଏକ ପ୍ରକାର ମାନସିକ ପ୍ରତ୍ୟକ୍ଷ । ଏହା ସେହିଭଳି କିଛି । ତୁମେ ଖୁବ୍ ଭଲ ଭାବରେ ସମସ୍ତ ବର୍ଣ୍ଣନା, ସମସ୍ତ ତଥ୍ୟ ବା ଖବର ସେଠାରୁ ପାଇପାରିବ (ତାହା ନିର୍ଭର କରେ ବିଷୟବସ୍ତୁଟି କ'ଣ, ତା' ଉପରେ) କେତେକ ସମୟରେ ଏଗୁଡ଼ିକ ଚିତ୍ର ଆକାରରେ ରହିଥାଏ, ଯେପରିକି ଏକ ଚିତ୍ର ରଖାଯାଇଛି । କେତେକ ସମୟରେ ଏହା ଗଳ୍ପ ଆକାରରେ ରହିଥାଏ, ଆଉ କେତେକ ସମୟରେ ଏହା କୌଣସି ପ୍ରଶ୍ନର ଉତ୍ତର ଆକାରରେ ରହିଥାଏ । କଳ୍ପନା କରାଯାଇ ପାରୁଥିବା ସମସ୍ତ ସମ୍ଭାବ୍ୟ ଜିନିଷ ଯାହା ମନରେ ଲିପିବଦ୍ଧ ହୋଇଥାଏ, ତାହା ସେଠାରେ ଥାଏ । ତୁମେ ସେଠାରେ ଅନେକ କିଛିର ସଂଶୋଧନ ମଧ୍ୟ ଦେଖିପାରିବ (ଠିକ୍ ସେଇଗୁଡ଼ିକର ସଂଶୋଧନ, ବହିସବୁରେ ଯାହାର ଭୁଲ୍ ତଥ୍ୟ ଦିଆ ଯାଇଥାଏ) । ଏବଂ ତୁମକୁ କିଛି ଖୋଜି ବାହାର କରିବାକୁ ପଡ଼ିବ ନାହିଁ ବା ଶିଡ଼ିରେ ଚଢ଼ି ଉପରକୁ ଉଠିବାକୁ ପଡ଼ିବ ନାହିଁ । ତୁମକୁ ସହଜ ଭାବରେ କେବଳ ଏକ ଏକାଗ୍ର ମାନସିକ ଚେତନା

ପଠାଇବାକୁ ହେବ, ତାହାହିଁ ଆଗକୁ ଯାଇ ସେହି ଜିନିଷଟିକୁ ସ୍ପର୍ଶ କରିବ । ତେବେ, ଯଦି ତୁମ ନିଜର ମାନସିକ କ୍ରିୟାକଳାପରୁ ନିଜକୁ ସଂପୂର୍ଣ୍ଣ ଅଲଗା କରି ଅନାସକ୍ତ ନରୁହ ତା'ହେଲେ ଏହି ଭୟ ଅଛି ଯେ ତୁମେ କେବଳ ତୁମ ନିଜ ମନରେ ଯାହା ଅଛି, ତାହାକୁହିଁ ଦେଖିବ । ଜିନିଷଗୁଡ଼ିକୁ ପ୍ରକୃତରେ ସେମାନଙ୍କ ନିଜ ସ୍ୱରୂପରେ ନଦେଖି ସମ୍ଭବତଃ ତୁମ ନିଜର ମସ୍ତିଷ୍କ ଭିତରେ ବିଚରଣ କରି ଚାଲିବ ଓ କେବଳ ସେଇଠାରେ ଯାହା ରହିଥାଏ, ସେହିଗୁଡ଼ିକୁହିଁ ଦେଖିବ – ଏହାହିଁ ବିପଦ । ତୁମକୁ ତୁମ ମସ୍ତିଷ୍କକୁ ସଂପୂର୍ଣ୍ଣ ନିରବ କରିଦେବା ପାଇଁ ସକ୍ଷମ ହେବାକୁ ହେବ, ସଂପୂର୍ଣ୍ଣ ଅନାସକ୍ତ ରହିବାକୁ ହେବ, ତୁମକୁ (ଉଦାହରଣ ସ୍ୱରୂପ ତୁମେ ଯେତେବେଳେ କୌଣସି ସମସ୍ୟାର ସମାଧାନ ଖୋଜୁଥାଅ) ସେତେବେଳେ ଆଗରୁ ତୁମ ମସ୍ତିଷ୍କରେ ଏପରି କୌଣସି ସମାଧାନକୁ ସ୍ଥାନ ଦେବ ନାହିଁ, ଯାହାକି ତୁମକୁ ସମ୍ପୂର୍ଣ୍ଣ ଠିକ୍, ସର୍ବୋତ୍ତମ ଓ ସବୁଠୁ ଉପାଦେୟ ବୋଲି ମନେ ହେଉଥିବ । ଆଗରୁ ଏପରି କୌଣସି ସମାଧାନର ଚିନ୍ତାକୁ ମନରେ ସ୍ଥାନ ଦେବ ନାହିଁ । ତୁମକୁ ପୂରା ଏକ ଅଲେଖା ସାଦା କାଗଜ ପରି ହେବାକୁ ହେବ, ଯାହା ଉପରେ କିଛି ମଧ୍ୟ ଲେଖାଯାଇ ନାହିଁ । ସତ୍ୟ ଜାଣିବା ପାଇଁ ଏକ ଅତ୍ୟନ୍ତ ଆନ୍ତରିକ ଅଭୀପ୍ସା ରଖି, ଆଗରୁ ସେ ସମ୍ପର୍କରେ ଏହା ଏପରି ହେବ ବା ସେପରି ହେବ ବୋଲି ଚିନ୍ତା ନକରି ବା ଧରି ନନେଇ ତୁମକୁ ଆଗେଇବାକୁ ହେବ । ତା' ନହେଲେ ତୁମେ କେବଳ ନିଜର ମାନସିକ ଗଠନଗୁଡ଼ିକୁହିଁ ଦେଖିବ । ଏଥିପାଇଁ ସର୍ବପ୍ରଥମ ସର୍ତ୍ତଟି ହେଲା ଏହିସବୁ ଜିନିଷକୁ ନିରୀକ୍ଷଣ କଲାବେଳେ ତୁମର ମସ୍ତିଷ୍କ ଯେପରି ସଂପୂର୍ଣ୍ଣ ନିରବତା ରକ୍ଷା କରେ ।

ଏବଂ ଏ ସଂପର୍କରେ ଅଧିକ ନିଶ୍ଚିତ ହେବାକୁ ହେଲେ (ଏ କ୍ଷେତ୍ରରେ ତୁମର ପୂରା ତାଲିମ ଦରକାର, ଏକ ଅତି ଉତ୍ତମ ଶିକ୍ଷା ଦରକାର), କୌଣସି ଭାବରେ ବିକୃତ ବା ଅଙ୍ଗହାନି ନକରି ଗ୍ରହଣ କରୁଥିବା ଜ୍ଞାନକୁ ପରିଷ୍କାର ଭାବରେ ପରିବେଷଣ କରିବାକୁ ହେଲେ ସବୁଠୁ ଭଲ ବାଟ ହେଉଛି ସେଠାରେ ଯାହା ଦେଖିବ ବା ଯାହା ପଢ଼ିବ, (ଆମେ 'ପଢ଼ିବ' ବୋଲି କହୁଛୁ କିନ୍ତୁ ପ୍ରକୃତରେ ତାହା ତୁମେ ପ୍ରତ୍ୟକ୍ଷ କର) ତାହାକୁ ପ୍ରତ୍ୟକ୍ଷ କରିବା ସମୟରେହିଁ ଯାହା ପ୍ରତ୍ୟକ୍ଷ କର ଠିକ୍ ତାହାହିଁ କହିବା ଆବଶ୍ୟକ ଏବଂ ସେତେବେଳେ ଅନ୍ୟ ଜଣେ ତାହାକୁ ଲିପିବଦ୍ଧ କରିବା ଉଚିତ । ... ମୁଁ ପୁଣିଥରେ କହୁଛି ଯେ ତୁମେ ତୁମର ଆରାମ ଚେୟାରରେ ଚୁପ୍‌ଚାପ୍ ବସିଥିବ, ଆଦୌ ହଲଚଲ ନହୋଇ ପୂରା ସ୍ଥିର ଓ ନିରବ ରହିଥିବ ଏବଂ ମସ୍ତିଷ୍କରୁ ଏକ ଦୂତ ପରି କିଛିକୁ ପଠାଇବ । ସେତେବେଳେ ତୁମ ପାଖରେ ଆଉ ଜଣେ କାହାକୁ ବସାଇଥିବ ଏବଂ ଯେତେବେଳେ ତୁମେ ସେହି ସ୍ଥାନରେ ଯାଇ ପହଞ୍ଚିବ ଏବଂ ଦ୍ୱାର ଖୋଲି ସେହି ପାଣ୍ଡୁଲିପିକୁ (ବା ତାହାକୁ ଯେଉଁ ନାମ ଦିଅ) କାଢ଼ି ବାହାର କରିବ, ସେତେବେଳେ କେବଳ ଆଖିରେ ଦେଖିବା ପରିବର୍ତ୍ତେ, (କାରଣ ଆଖି ଖୋଲା ନଥାଏ) ତୁମେ ଯାହା ଦେଖୁଥାଅ ତାହାକୁ ବର୍ଣ୍ଣନା କରିବା ଆରମ୍ଭ କରିଦେବ । ବଡ଼ ପାଟିରେ କହିବାକୁ ଅଭ୍ୟାସ କରିବ ଏବଂ ସେଠାରେ ଯାହାକିଛି ଦେଖୁଥିବ ଏଠାରେ ତାହା କହିଚାଲୁଥିବ । ସେହିସବୁ ବଡ଼ ବଡ଼ ହଲ୍ ଭିତର ଦେଇ ତୁମର ଯାତ୍ରା ସଂପର୍କରେ ଏବଂ ତୁମେ କିପରି ସେହି ସ୍ଥାନରେ ପହଞ୍ଚିଲ ଏବଂ ତୁମେ ଜାଣିବାକୁ ଚାହୁଁଥିବା ବିଷୟର ସଂକେତ ସ୍ୱରୂପ ସେଠାରେ କିପରି ଏକ ଛୋଟ ଦାଗ ବା ଚିହ୍ନ ଥିଲା ସେହିସବୁ ବିଷୟରେ ଏକ ସଂକ୍ଷିପ୍ତ ବର୍ଣ୍ଣନା ଦେବ । ତା'ପରେ ତୁମେ ସେହି ଛୋଟ ଥାକ ପରି କିଛିକୁ ଖୋଲି ତା'ଭିତରେ ମୋଡ଼ା ହୋଇ ରହିଥିବା ଲମ୍ବ ଫର୍ଦ୍ଦକୁ କାଢ଼ି ପଢ଼ିବାକୁ ଆରମ୍ଭ କରିବ ଏବଂ ବଡ଼ ପାଟିରେ ତାହା ପଢ଼ି ଚାଲିବ । ଏବଂ ତୁମ ପାଖରେ ଯେଉଁ ବ୍ୟକ୍ତି ଜଣକ ବସିଥିବ ତୁମେ ପଢୁଥିବା ବିଷୟବସ୍ତୁକୁ ସେ ଲେଖି ଚାଲିଥିବ । ଏହି ଭାବରେ ତୁମେ ସେହି ସ୍ଥାନରୁ ଫେରିବା ବାଟରେ ବିଷୟଗୁଡ଼ିକ ଆଉ ପରିବର୍ତ୍ତନ ହୋଇଯିବାର ବିପଦ ନଥିବ । କାରଣ ତୁମ ସତ୍ତାର ସେହି ଅଂଶଟି ଯାହା ସେତେବେଳେ ସେଠାରେ ଥାଏ ତା' ପାଇଁ ଅନୁଭୂତିଟି ବେଶ୍ ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ହୋଇଥାଏ, କିନ୍ତୁ ତୁମେ ଯେତେବେଳେ ଆମର ଏହି ସ୍ଥୂଳ ଜଗତକୁ ଫେରି ଆସ, ସେହି ଅନୁଭୂତିରୁ ବରାବର କିଛି ଅଂଶ ହଜିଯାଏ, କିନ୍ତୁ ତୁମେ ଯଦି ଅନୁଭୂତିଟି ଘଟୁଥିବା ବେଳେହିଁ ସିଧା ତାହାକୁ କହିଚାଲ ତା'ହେଲେ ତହିଁରୁ କିଛି ବାଦ୍ ପଡ଼ିବ ନାହିଁ । ତେଣୁ ଏହି କାମଟି ଠିକ୍ ଭାବରେ କରିବାକୁ ହେଲେ ଅନେକଗୁଡ଼ିଏ ସର୍ତ୍ତ ପୂରଣ କରିବାକୁ ହେବ । ଲାଇବ୍ରେରିରୁ ବହିଟିଏ ନେଇ ପଢ଼ିଦେବା ପରି ଏହା ଏତେ ସହଜ କାମ ନୁହେଁ । ତାହା ସମସ୍ତେ କରିପାରିବେ । କିନ୍ତୁ ଏହି କାମଟିକୁ ଠିକ୍ ଭାବରେ ସଂପନ୍ନ କରିବା ଟିକିଏ ଅଧିକ କଷ୍ଟସାଧ ।

(M.C.W. Vol. V, Page 277 - 281)

ଶେଷ ପୃଷ୍ଠା :

# ନିଜକୁ ନିରୀକ୍ଷଣ କରିବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସମସ୍ତ ସାଧନାରେ ଆତ୍ମ-ନିରୀକ୍ଷଣ ଉପରେ ଜୋର୍ ଦିଆ ଯାଇଛି । ନିଜକୁ, ନିଜ ମନର ଭାବନା-ବିଚାର, ପ୍ରାଣର ଆବେଗ-ଉତ୍ସାହ ଓ ଦେହର କ୍ରିୟାକଳାପ ଆଦି ଗତିବିଧିକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିବାକୁ ହେବ । କେଉଁ କାମଟି କାହିଁକି ଆମ ଭିତରେ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରୁଛି ଓ ଅନ୍ୟ ପକ୍ଷରେ କେଉଁ କାମଟି କାହିଁକି ଆମ ଭିତରେ ଅବସାଦ ଓ କ୍ଳାନ୍ତି ଆଣି ଦେଉଛି, ସେଗୁଡ଼ିକୁ ଟିକିନିଖି ଭାବରେ ପର୍ଯ୍ୟବେକ୍ଷଣ ନକଲେ ଆମେ ନିଜ ସମ୍ପର୍କରେ ଓ ଆମ ଚେତନାର ଗତିବିଧି ସମ୍ପର୍କରେ ସଚେତ ହୋଇ ପାରିବୁ ନାହିଁ । ଆତ୍ମ-ନିରୀକ୍ଷଣହିଁ ଆତ୍ମ-ସଚେତନତାର ପ୍ରଥମ ପଦକ୍ଷେପ । ଏହିସବୁ ବଡ଼ ବଡ଼ ଆଧ୍ୟାତ୍ମିକ ଶବ୍ଦ ଶୁଣି ଆମର ସାଧାରଣ ଚେତନା ପ୍ରଥମେ ଟିକେ ଘାବରେଇ ଯାଏ । କିନ୍ତୁ ପ୍ରକୃତରେ ଏ ଦିଗରେ କାମ ଆରମ୍ଭ କରିବା ବିଶେଷ କଷ୍ଟସାଧ୍ୟ ନୁହେଁ । କାରଣ ଆମେ ବର୍ତ୍ତମାନ ମଧ୍ୟ ଆମ ଦୈନନ୍ଦିନ ଜୀବନରେ ବୁଝି ବିଚାରି କାମଟିଏ କରିବା ପାଇଁ ଚେଷ୍ଟା କରୁ । କାମଟି କରିବା ପୂର୍ବରୁ ଟିକିଏ ଭାବିନେଉ ଏହାର ଫଳାଫଳ କ'ଣ ହେବ ଓ କାମଟି କରି ସାରିବା ପରେ ଦେଖିବାକୁ ଚେଷ୍ଟା କରୁ ଫଳାଫଳଟି କ'ଣ ହୋଇଛି । ଏହାହିଁ ତ' ଆତ୍ମ-ନିରୀକ୍ଷଣର ପ୍ରଥମ ପଦକ୍ଷେପ ।

ତେବେ ଏହି କାମଟିକୁ ଆହୁରି ଅଧିକ ସଚେତ ଭାବରେ କରିବାକୁ ହେବ । ଦେଖିବାକୁ ହେବ କୌଣସି କାମଟିରେ ଆମ ଚେତନା କିପରି ଭାଗ ନେଉଛି ଓ ତା'ର ଅବସ୍ଥା କ'ଣ ହେଉଛି । ସାଧାରଣତଃ ନିର୍ବିଘ୍ନ ଓ ସଫଳ ଭାବରେ କାମଟି ସମ୍ପନ୍ନ ହେବା ଉପରେ ଆମେ ପ୍ରଧାନ ଗୁରୁତ୍ୱ ଦେଇଥାଉ, ଚେତନାର ବିକାଶ ଉପରେ ନୁହେଁ । କାମଟି ହୋଇଥାଏ ମୁଖ୍ୟ ଓ ଚେତନା ହୋଇଥାଏ ଗୌଣ । କିନ୍ତୁ ଆତ୍ମ-ସଚେତନତାର ଲକ୍ଷ୍ୟ ନେଇ କାମଟି କଲାବେଳେ ଚେତନାହିଁ ହୋଇଥାଏ ମୁଖ୍ୟ, କାମଟି ହୋଇଥାଏ ଗୌଣ । ଏପରିକି କାମଟିର ସଫଳତା, ବିଫଳତା ବଡ଼ କଥା ନୁହେଁ, କେଉଁ ଚେତନା ନେଇ କାମଟି କରୁଛ, ତାହାହିଁ ପ୍ରଧାନ କଥା । ସେଇଥିପାଇଁ ଫଳରେ କୌଣସି ଆସକ୍ତି ନରଖି କର୍ମ କରିବା କଥା କୁହାଯାଇଛି । ଆମ ପାଇଁ ଯେତେଟା ସମ୍ଭବ, ସେତିକିଟା ଉଚ୍ଚତର ଓ ଗଭୀରତର ଚେତନାରେ ରହି କର୍ମ କରିବା ଓ ଫଳାଫଳକୁ ଭଗବାନଙ୍କୁ ଅର୍ପଣ କରିବା କଥା କୁହାଯାଇଛି । କାରଣ ଯୋଗ ଓ ଆଧ୍ୟାତ୍ମିକତାରେ ଦିବ୍ୟ ଚେତନା ଅଭିମୁଖରେ ଅଗ୍ରସର ହେବାହିଁ ମୂଳ ଓ ପ୍ରଧାନ ଲକ୍ଷ୍ୟ । ଦିବ୍ୟ ଚେତନା ନେଇ ଯେଉଁ କର୍ମ କରାଯାଏ, ତାହାହିଁ ଦିବ୍ୟ କର୍ମ । ଏହି ଦିବ୍ୟ ଚେତନା ଲାଭ ଦିଗରେ ଅଗ୍ରଗତିର ମୂଳକଥା ହେଉଛି ଆତ୍ମ-ସଚେତନତା ଓ ସଚେତ ଆତ୍ମ-ନିରୀକ୍ଷଣହିଁ ହେଉଛି ଆତ୍ମ-ସଚେତନତାର ପ୍ରଥମ ପଦକ୍ଷେପ ।

ନିଜକୁ ଓ ନିଜର ଗତିବିଧିକୁ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କାମଟି ଆରମ୍ଭ କରିଦେଲେ ଓ ତହିଁରେ ଲାଗି ରହିଲେ ଆମେ ଦେଖି ପାରିବା ଯେ କାମଗୁଡ଼ିକର ପ୍ରକୃତ ରୂପ ଓ ତହିଁରେ ଭାଗ ନେଉଥିବା ଆମ ଚେତନାର ଛବି କ୍ରମଶଃ ଆମ ଆଗରେ ଅଧିକ ସ୍ୱଷ୍ଟ ଓ ପରିଷ୍କାର ହୋଇ ଉଠୁଛି । ସେଗୁଡ଼ିକ ସମ୍ପର୍କରେ ଆଉ କୌଣସି ଝାପ୍ସା ବା କୁହୁଡ଼ିଆ ଭାବ ରହୁ ନାହିଁ । କେଉଁ କାମଗୁଡ଼ିକ ଆମ ଚେତନାର ବିକାଶରେ ସହାୟକ ହେଉଛି ଓ କେଉଁଗୁଡ଼ିକ ବାଧା ଦେଉଛି ତାହାର ସୂଚନା ମଧ୍ୟ ମିଳିବ ଭିତରୁ ଏକ ଅନୁଭୂତିର ସ୍ପର୍ଶ ପାଇ । ଭୁଲ୍ କାମଟିଏ କଲାବେଳେ ଏକ ଅସ୍ୱସ୍ତି, ଅଶାନ୍ତି ବା ଅସ୍ଥିରତା ଭଳି କିଛି ଲାଗିବ ଓ ଠିକ୍ କାମଟି କଲାବେଳେ ଶାନ୍ତି, ସହଜ, ସ୍ଥିରତା ଓ ଖୋଲିଯିବା ଭଳି କିଛି ଲାଗିବ । କାମଟିଏ କରିବା ବେଳେ ଓ କରି ସାରିବା ପରେ ନିଜ ଭିତରେ କେଉଁ ଭାବ ଆସୁଛି, ତାହା ଲକ୍ଷ୍ୟ କରିବା ମଧ୍ୟ ଏହି ଆତ୍ମ-ନିରୀକ୍ଷଣ କାମଟିର ଏକ ଅଙ୍ଗ । ମା' ତାଙ୍କ ଲେଖା ଓ କଥୋପକଥନରେ ଏ ସମ୍ପର୍କରେ ଅନେକ ସୂଚନା ଦେଇଛନ୍ତି ।

ନିଜକୁ ଓ ନିଜ କାମଗୁଡ଼ିକୁ ଲକ୍ଷ୍ୟ କରିବାର ଏକ ଜୀବନ୍ତ ଆଗ୍ରହ ଓ କୌତୂହଳ ସୃଷ୍ଟି ହେଲେ ଓ ତହିଁରେ ଲାଗି ରହିଲେ ତାହାହିଁ ଆମକୁ ଆଗେଇ ନେବ ଆତ୍ମାନୁସନ୍ଧାନର ଅନ୍ୟାନ୍ୟ ବିଭାଗଗୁଡ଼ିକ ପ୍ରତି । ଆମେ ଯାହାକୁ 'ମୁଁ' ବୋଲି କହୁ ସେ ଜିନିଷଟି ପ୍ରକୃତରେ କ'ଣ ଓ ଆମ ଭିତରେ କେଉଁଠି ତାହା ରହିଛି ତାହା ଜାଣିବା ବା ଆମ ଭିତରେ ଯେଉଁସବୁ ଇଚ୍ଛା, ପ୍ରବୃତ୍ତି ଓ କାମନା-ବାସନା ଆଦି ଆସେ, ସେଗୁଡ଼ିକ କେଉଁଠୁ ଓ କିପରି ଭାବରେ ଆସୁଛନ୍ତି ତାହା ବୁଝିବା ପାଇଁ ଏକ ଆଗ୍ରହ

ଆମ ଭିତରେ ସ୍ୱତଃପ୍ରବୃତ୍ତ ଭାବରେ ଦେଖାଦେବ । ଏଗୁଡ଼ିକ ଭିତରୁ କେଉଁଗୁଡ଼ିକ ଯଥାର୍ଥରେ ଆମ ନିଜ ଭିତରୁ ଓ କେଉଁ ଗୁଡ଼ିକ ପାରିପାର୍ଶ୍ୱିକ ଅବସ୍ଥା ଓ ସାମାଜିକ, ପାରିବାରିକ ସଂସ୍କାର ଆଦିରୁ ଆସୁଛନ୍ତି ବା ଅନ୍ୟମାନଙ୍କ ଚେତନାରୁ ଆମ ଚେତନା ଭିତରକୁ ସଂକ୍ରମିତ ହୋଇ ଆମ ଭିତରେ ଆସନ ଜମାଉଛନ୍ତି ତାହା ଜାଣିବାର ଓ ବୁଝିବାର କୌତୂହଳ ଆସିବ ।

ଏହି ଭାବରେ ଆମେ ଆତ୍ମ-ନିରୀକ୍ଷଣ କାମଟିରେ ସତତ ଲାଗି ରହିଲେ, ତାହା ଆମ କର୍ମ ଓ ଆଚରଣରେ ସଂଯମ ରକ୍ଷା କରିବା ପାଇଁ, ଭୁଲ୍ କାମଟିଏ କରିବାକୁ ଗଲାବେଳେ ତହିଁରୁ କ୍ଷାନ୍ତ ହେବା ପାଇଁ ଓ ଭୁଲ୍ କାମଟିଏ କରିଦେଲେ ତାହାକୁ ସଂଶୋଧନ କରିବା ପାଇଁ ଆମ ଭିତରେ ନୂଆ ନୂଆ ଶକ୍ତି ଓ ସାମର୍ଥ୍ୟ ଆଣିଦେବ । ବିନା କାରଣରେ ଆମ ପରସ୍ପର ଭିତରେ ଯେଉଁସବୁ ଅଯଥା ଭୁଲ୍ ବୁଝାମଣା ସୃଷ୍ଟି ହୁଏ ସେଗୁଡ଼ିକୁ ଦୂର କରିବା ସହଜ ହୋଇଯିବ, କାରଣ ଯେ ନିଜକୁ ଠିକ୍ ରୂପେ ବୁଝିପାରେ, ସେ ଅନ୍ୟକୁ ମଧ୍ୟ ଠିକ୍ ରୂପେ ବୁଝିବା ପାଇଁ ସମର୍ଥ ହୁଏ । ମା' ଥରେ କହିଥିଲେ ଯେକୌଣସି ବିବାଦ ବା ଭୁଲ୍ ବୁଝାମଣା ଦେଖାଦେଲେ ନିଜକୁ ଅନ୍ୟ ଲୋକଟିର ସ୍ଥାନରେ ରଖି ତା'ର ମନୋଭାବ ବୁଝିବା ପାଇଁ ଚେଷ୍ଟା କରିବା ଏ ଦିଗରେ ସବୁଠୁ ଭଲ ଉପାୟ । ଉଦାହରଣ ସ୍ୱରୂପ, କେହି ଲୋକ ତୁମ ଉପରେ ରାଗିଯାଇ ଅନେକ କଟୁ କଥା କହିଲା । ତୁମେ ଯଦି ପ୍ରତିକ୍ରିୟା ଦେଖାଇ ତା' ଉପରେ ରାଗିଯାଅ ଓ ତାକୁ ସେହିଭଳି କଟୁ ଭର୍ତ୍ସନା କର, ତା'ହେଲେ ସମସ୍ୟାଟିର ତ ସମାଧାନ ହେଲା ନାହିଁ । ତା' ପରିବର୍ତ୍ତେ ଚୁପ୍‌ଚାପ୍ ରହି ନିଜକୁ ଓ ତା'ର ମନୋଭାବକୁ ନିରୀକ୍ଷଣ କର । ଜାଣିବାକୁ ଚେଷ୍ଟା କର ସେ  କାହିଁକି ହଠାତ୍ ଏପରି ଉତ୍‌କ୍ଷିପ୍ତ ହୋଇ ପଡ଼ିଲା । ନିଜ ଭିତରେ ସଦିଚ୍ଛା ଥିଲେ ତୁମେ କାରଣଟି ନିଶ୍ଚୟ ଜାଣି ପାରିବ । ଯଦି ଉକ୍ତ ବ୍ୟକ୍ତିକୁ ରଗାଇବାରେ ତୁମର କିଛି ଆଚରଣ ଦାୟୀ ହୋଇଥାଏ, ତା'ହେଲେ ତୁମେ ନିଜର ଭୁଲ୍‌ଟିକୁ ପ୍ରଥମେ ନିଜ ପାଖରେ ଓ ପରେ ତା' ପାଖରେ ସ୍ୱୀକାର କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ । କିଂବା ଯଦି ତୁମର କିଛି ଭୁଲ୍ ନଥାଇ ଅପର ବ୍ୟକ୍ତି ଜଣକ ମିଛଟାରେ ରାଗିଲା, ତା'ହେଲେ ସେ ତୁମକୁ କାହିଁକି ଭୁଲ୍ ବୁଝିଲା ତାହା ଜାଣିବା ପାଇଁ ଚେଷ୍ଟା କର ଓ ଧୀରସ୍ଥିର ଭାବରେ ତାହାକୁ ତାହା ବୁଝାଇ ଦେବାକୁ ଚେଷ୍ଟା କର । ଏହି ଭାବରେ ନିରୀକ୍ଷଣର ବାଟ ଧରି ଆଗେଇଲେ ଉଭୟଙ୍କ ପାଖରେ କାରଣଟି ପରିଷ୍କାର ହୋଇଯିବ ଓ ତାହା ଆଉ କୌଣସି ଉତ୍କଟ ରୂପ ନେବାର ଅବକାଶ ରହିବ ନାହିଁ ।

ତେଣୁ ସଚେତନତାର ପ୍ରଥମ ଓ ପ୍ରଧାନ କଥା ହେଲା ନିରପେକ୍ଷ ଓ ଅନାସକ୍ତ ଭାବରେ ସବୁକିଛିକୁ ଗଭୀର ଭାବରେ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କରିବା । ଏହାହିଁ ଆତ୍ମ-ସଚେତନତାର ବାଟ ଖୋଲିଦିଏ । ଏହାହିଁ ଆମକୁ କ୍ରମଶଃ ଧୀରେ ଧୀରେ ଆଗେଇ ନିଏ ଚେତନାର ସେହି ଆଧ୍ୟାତ୍ମିକ ସ୍ଥିତି ଦିଗରେ ଯାହାକୁ କୁହାଯାଇଛି ପ୍ରକୃତିର ବନ୍ଧନରୁ ମୁକ୍ତ, ନିର୍ଲିପ୍ତ, ଉଦାସୀନ, ଦ୍ରଷ୍ଟା ଓ ସାକ୍ଷୀପୁରୁଷର ଚେତନା ବୋଲି ।

ଆମେ ନିଜକୁ ଓ ନିଜର କାର୍ଯ୍ୟକଳାପକୁ, ନିଜର ଚିନ୍ତା, ବିଚାର ଓ ଆବେଗ ଆଦିକୁ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ତାହା ଆମକୁ ସେଗୁଡ଼ିକ ସମ୍ପର୍କରେ ସଚେତ ହେବା ପାଇଁ ସାହାଯ୍ୟ କରେ । ମା' ସେ ବିଷୟରେ ଅନେକ କଥା କହିଛନ୍ତି । ଥରେ ଆଶ୍ରମର ପିଲାମାନଙ୍କ ସହ କଥୋପକଥନ ବେଳେ ମା' ପ୍ରଶ୍ନ ଛଳରେ ଆତ୍ମ-ନିରୀକ୍ଷଣର କେତେକ ବିଷୟ ସୂଚିତ କରିଥିଲେ । ଯଥା — କୌଣସି ନିଷ୍ପତ୍ତି ନେଲାବେଳେ ଆମେ ଅନ୍ୟ କିଛି ନିଷ୍ପତ୍ତି ନନେଇ କାହିଁକି ସେହି ନିଷ୍ପତ୍ତିଟି ନେଲୁ, ସେହି ନିଷ୍ପତ୍ତି ଓ ଆମ କାମ ଭିତରେ କ'ଣ ସମ୍ପର୍କ ବା ସେହିଭଳି ନିଷ୍ପତ୍ତି ନେବା ପାଇଁ ଆମର କେତେଟା ସ୍ୱାଧୀନତା ଥିଲା, ନିଜ ଇଚ୍ଛାରେ ନା ଅନ୍ୟ କାହାର ଇଚ୍ଛା ବା ପରିସ୍ଥିତିର ଚାପରେ ଆମେ ସେଭଳି ନିଷ୍ପତ୍ତି ନେଲୁ — ଏସବୁ ସମ୍ପର୍କରେ ଆମେ କେତେ ଚିନ୍ତା କରୁ ବୋଲି ମା' ପିଲାମାନଙ୍କୁ ପଚାରିଥିଲେ । ପୁଣି ବାହାରୁ କିପରି ଅନ୍ୟର ଇଚ୍ଛା ଆସି ଚେତନାର କେଉଁ ବିନ୍ଦୁରେ ଆମ ଇଚ୍ଛାକୁ ଭେଟେ ଏବଂ ଆମର ଇଚ୍ଛା ମଧ୍ୟ କିପରି ବାହାରକୁ ଯାଇ ଅନ୍ୟର ଇଚ୍ଛାକୁ ଭେଟେ ଏବଂ ଆମର ଓ ଅନ୍ୟମାନଙ୍କର ଭିତରର ଓ ବାହାରର ଇଚ୍ଛାସବୁ କିପରି ପରସ୍ପରକୁ ଭେଟନ୍ତି ଓ ପରସ୍ପରକୁ ପ୍ରଭାବିତ କରନ୍ତି, ଏସବୁକୁ ନିରୀକ୍ଷଣ କରିବା ପାଇଁ ମା' ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଆମ ନିଜ ଭିତରର ଗୋଟିଏ ଅଂଶ କିପରି ଗୋଟିଏ ପ୍ରକାର ଇଚ୍ଛା କରୁଥାଏ ତ ଅନ୍ୟ ଅଂଶ ଅନ୍ୟ ପ୍ରକାରର, ଏପରିକି ତା'ର ବିପରୀତ ପ୍ରକାରର ଇଚ୍ଛା କରୁଥାଏ ବା ଚେତନାର ସେହି ଗୋଟିଏ ଅଂଶ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ଧରଣର ଇଚ୍ଛା କରୁଥାଏ, ସେ ସମ୍ପର୍କରେ ପିଲାମାନଙ୍କୁ ଭାବିବାକୁ ଉତ୍ସାହ ଦେଇ ମା' କହିଥିଲେ ନିଜ ଚେତନାକୁ ସଙ୍ଗଠିତ କରିବାକୁ ହେଲେ ଏହି ପ୍ରକାର ଆତ୍ମ-ନିରୀକ୍ଷଣ ଖୁବ୍ ଆବଶ୍ୟକ ।

ମା' କହିଥିଲେ ତାଙ୍କୁ ମାତ୍ର ପାଞ୍ଚ ବର୍ଷ ବୟସ ହୋଇଥିବା ବେଳେ ସେ ନିଜକୁ ନିରୀକ୍ଷଣ କରିବାର ଏହି କାମଟି ଅତି ଆଗ୍ରହର ସହିତ ଆରମ୍ଭ କରିଥିଲେ । ସେହି ଅତି ପିଲା ବୟସରେ ମଧ୍ୟ ଏହି କାମଟିରେ ସେ ଏତେ ମଜ୍ଜି ଯାଉଥିଲେ ଯେ ତାଙ୍କୁ ଲାଗୁଥିଲା ପୃଥିବୀରେ ଏହାଠାରୁ ଅଧିକ ଆଗ୍ରହଜନକ ଓ ଉପଭୋଗ୍ୟ କାମ ଆଉ କିଛି ନାହିଁ । ତାଙ୍କ ପିତା ଥରେ ତାଙ୍କୁ ସର୍କସ ଦେଖାଇବା ପାଇଁ ସଙ୍ଗରେ ନେଇଯିବାକୁ ଡାକିବାରୁ ମା' ମନା କରିଦେଇ କହିଥିଲେ, ସର୍କସ ଦେଖିବା ଅପେକ୍ଷା ଅଧିକ ଆଗ୍ରହଜନକ କାମରେ ସେ ବ୍ୟସ୍ତ ଅଛନ୍ତି । ସାଙ୍ଗ ପିଲାମାନଙ୍କ ସଙ୍ଗେ ଖେଳିବାକୁ ନ ଯାଇ ସେ ସେମାନଙ୍କୁ କହୁଥିଲେ ଏହି କାମଟିରେ ସେ ଅଧିକ ଆନନ୍ଦ ପାଉଛନ୍ତି ।

ନିଜକୁ ନିରୀକ୍ଷଣ କରିବାର ଏହି କାମଟି କିପରି ଅଧିକ ଆଗ୍ରହ ଓ ଆନନ୍ଦର ସହିତ କରାଯାଇ ପାରିବ, ସେ ସମ୍ପର୍କରେ ମା' କହିଥିଲେ, ସିନେମାର ପରଦା ଉପରେ ଚଳଚ୍ଚିତ୍ରର କାହାଣୀଟିଏ ଦେଖିବା ଭଳି ତୁମେ ନିଜକୁ ଓ ନିଜର ଗତିବିଧିକୁ ଚେତନାର ଏକ ରୂପେଲି ପରଦା ଉପରେ ପ୍ରକ୍ଷେପ କର ଏବଂ ନିଜକୁ ଓ ନିଜ କ୍ରିୟାକଳାପକୁ ସିନେମାରେ ଦୃଶ୍ୟ ଦେଖିବା ଭଳି ଦେଖ । ମା' କହିଥିଲେ, ଏହା ହେଉଛି ପ୍ରଥମ ପଦକ୍ଷେପ । ଚେତନାର ସେହି ପରଦା ଉପରେ ନିଜର ଗତିବିଧିକୁ ଦେଖିବାରେ ଅଭ୍ୟସ୍ତ ହୋଇଗଲେ, ତା'ପରେ ଆଉ ଏକ ପଦକ୍ଷେପ ନେଇ ତୁମ ନିଜର କାର୍ଯ୍ୟକଳାପର କାହାଣୀକୁ କିପରି ରୂପ ଦେବ, ସେ ସମ୍ପର୍କରେ ନିଜେ ନିଷ୍ପତ୍ତି ନିଅ ଏବଂ ତା'ପରେ ଆଉ ପାଦେ ଆଗକୁ ଯାଇ ସେହି ପରଦା ଉପରେ ନିଜର ପ୍ରତ୍ୟେକଟି କାମକୁ ତା'ର ଯଥା ସ୍ଥାନରେ ରଖି ସଙ୍ଗଠିତ ଓ ବ୍ୟବସ୍ଥିତ ଭାବରେ ସଜାଇବାକୁ ଚେଷ୍ଟା କର । ମା'ଙ୍କ କହିବାନୁସାରେ, "... organise in such a way that you begin to have a straight movement with an inner meaning."

(CWM, Vol. 5, p. 197)

ଅର୍ଥାତ୍, ''... ଏପରି ଭାବରେ ସଜାଇ ସଙ୍ଗଠିତ କର ଯେ ତୁମେ ଦେଖିବ ତୁମର ଗତିବିଧିଗୁଡ଼ିକ ଏକ ଆନ୍ତର ଅର୍ଥ ଓ ତାତ୍ପର୍ଯ୍ୟ ନେଇ ସିଧା ଓ ସରଳ ହେବାକୁ ଆରମ୍ଭ କରିଛନ୍ତି ।'' ଏବଂ ସେତେବେଳେ ତୁମେ ସଚେତନ ହୋଇ ତୁମ ଗତିବିଧି ଓ କ୍ରିୟାକଳାପର ଏକ ସଠିକ ଗତିର ନିର୍ଦ୍ଦେଶ ପାଇପାରିବ । ସେତେବେଳେ ତୁମେ ମା'ଙ୍କ କଥାନୁସାରେ ନିଜକୁ କହି ପାରିବ, "Very well, it will be thus; my life will develop in that way, because that is the logic of my being. Now, I have arranged all that within me, each thing has been put in its place, and so naturally a central orientation is forming. I am following this orientation. One step more and I know what will happen to me for I myself am deciding it. ..."

(CWM, Vol. 5, p. 197)

ଅର୍ଥାତ୍, ''ବେଶ୍, ଏହା ଏହିପରି ହେବ, ମୋ ଜୀବନ ଏହି ବାଟରେହିଁ ବିକଶିତ ହେବ, କାରଣ ତାହାହିଁ ହେଉଛି ମୋର ସତ୍ତାର ଯୁକ୍ତିଯୁକ୍ତ ସତ୍ୟ । ବର୍ତ୍ତମାନ ମୋ ନିଜ ଭିତରେ ଏସବୁକୁ ସଜାଇ ବ୍ୟବସ୍ଥିତ କରିଛି, ପ୍ରତ୍ୟେକଟି ଜିନିଷ ତା'ର ଯଥା ସ୍ଥାନରେ ରହିଛି, ତେଣୁ ସ୍ୱାଭାବିକ ଭାବରେ ଏକ କେନ୍ଦ୍ରୀୟ ଆଭିମୁଖ୍ୟ ଓ ଗତିନିର୍ଦ୍ଦେଶ ଗଠିତ ହେବାରେ ଲାଗିଛି । ମୁଁ ଏହି ଗତିପଥକୁ ଅନୁସରଣ କରୁଛି । ଆଗକୁ ଆଉ ଗୋଟିଏ ପଦକ୍ଷେପ, ଏବଂ ମୁଁ ଜାଣେ କ'ଣ ଘଟିବ, କାରଣ ମୁଁ ନିଜେ ହିଁ ନିଷ୍ପତ୍ତି ନେଉଛି । ...''

ପ୍ରକୃତରେ ଯେପରି ସିନେମାର କାହାଣୀ-ରଚୟିତା ଓ ନିର୍ଦ୍ଦେଶକ ଜାଣେ, ଦୃଶ୍ୟପଟରେ କ'ଣ କେତେବେଳେ ଘଟିବାକୁ ଯାଉଛି, କାରଣ ସେ ନିଜେହିଁ ତା'ର କାହାଣୀର ରଚୟିତା ଓ ସେହି ଅନୁଯାୟୀ ସେ ତାହା ସଜାଇଛି, ସେହିପରି ଆମେ ମଧ୍ୟ ନିଜ ଜୀବନ ଓ ତା'ର ଲକ୍ଷ୍ୟ ସମ୍ପର୍କରେ ସଚେତ ହେଲେ ଓ ସେହି ଅନୁଯାୟୀ ଆମର ଗତିବିଧି ଓ କାର୍ଯ୍ୟକଳାପକୁ ସଚେତ ଭାବରେ ସଜାଇ ପାରିଲେ ଆମେ ମଧ୍ୟ ଆମ ଜୀବନ-କାହାଣୀର ରଚୟିତା ଓ ନିର୍ଦ୍ଦେଶକ ହୋଇ ପାରିବୁ ।

ମା'ଙ୍କ ସହ ସେଦିନର କଥୋପକଥନରେ ଜଣେ ପିଲା ପ୍ରଶ୍ନ କରିଥିଲା ଚେତନାର ଏହି ରୂପେଲି ପରଦାଟି କ'ଣ, ଯାହା ଉପରେ ଚଳଚ୍ଚିତ୍ର ପରି ଆମ ଜୀବନ ଓ ତା'ର ଗତିବିଧିକୁ ସଜାଇ ପ୍ରକ୍ଷେପ କରିପାରିବୁ ଓ ଏହି ଖେଳଟି କ'ଣ ? ମା'ଙ୍କ ଉତ୍ତର ଥିଲା ସେହି ପରଦାଟି ହେଉଛି ଚୈତ୍ୟ ଚେତନା ଓ ଖେଳଟି ହେଉଛ କେନ୍ଦ୍ରୀୟ ଚେତନା । ମା' ସେଦିନ ଏ ସମ୍ପର୍କରେ ଆହୁରି ଅନେକ ଆଗ୍ରହପ୍ରଦ କଥା କହିଥିଲେ ।

(କ୍ରମଶଃ) ❖

# ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ-ସ୍ମାରକ (Relics) : ଏକ ସ୍ପଷ୍ଟୀକରଣ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟକୁ ଭାଷା ଦ୍ୱାରା ପ୍ରକାଶ କରିବା ସମ୍ଭବପର ନୁହେଁ । "... ଶ୍ରୀତନୁ ସ୍ମାରକ କେବଳ ଏକ ସ୍ମୃତି-ଉଦ୍‌ବୋଧକ ବସ୍ତୁ ନୁହେଁ । ଶ୍ରୀତନୁ ସ୍ମାରକ ଶ୍ରୀଅରବିନ୍ଦଙ୍କର ଜୀବନ୍ତ ଉପସ୍ଥିତି, ଯାହା ତାଙ୍କର ଜୀବନବ୍ୟାପୀ ସାଧନାର ଆଲୋକ ଓ ଶକ୍ତିରେ ଅନୁସିକ୍ତ, ଠିକ୍ ଯେପରି ପରମାଣୁଟିଏ ନିଜ ଭିତରେ ଧାରଣ କରିଥାଏ ଏକ ଅନନ୍ତ ପରାକ୍ରମ – ଏହାହିଁ ଶ୍ରୀତନୁ ସ୍ମାରକ ପଶ୍ଚାତରେ ରହିଥିବା ସତ୍ୟ ।"

– ନୀରଦବରଣ (Divinity's Comrade, ପୃଷ୍ଠା - ୨୧୬-୨୧୭)

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ ।

ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ଶ୍ରୀତନୁ ସ୍ମାରକର ଏପରି ଅଧିକାରୀ ବା ତତ୍ତ୍ୱାବଧାରକବୃନ୍ଦ ଯଦି କୌଣସି କାରଣରୁ ଏହାକୁ ସମୁଚିତ ପବିତ୍ରତା ସହ ଆପଣା ପାଖରେ, ଅନୁମୋଦିତ ସ୍ଥାନରେ ରଖିବାକୁ ଅସମର୍ଥ ବୋଧ କରନ୍ତି, ତେବେ ସେମାନେ ଏହାକୁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟକୁ ପ୍ରତ୍ୟର୍ପଣ କରିପାରନ୍ତି ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା'ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍**

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Quarterly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Biswambhara Samanta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta


*Date : 25.04.2026* *Signature of Publisher*

Vol. LXIX, No. 2, NAVAJYOTI – 24 April, 2026, R. N. 8889/63

**ବିଶେଷ ସୂଚନା :**

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**